R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୧୨
ତିଥି : ଦ୍ୱାଦଶୀ
୨୦ ଅଗଷ୍ଟ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 312
20 Aug 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍‌କୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ

# ୬ ଲେନ୍ ବିଶିଷ୍ଟ ହେବ ଭୁବନେଶ୍ୱର ବାଇପାସ୍ ରୋଡ୍

ନୂଆଦିଲ୍ଲୀ, ୧୯ ।୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ୮୩୦୭.୭୪ କୋଟି ଟଙ୍କା ବ୍ୟୟରେ ୧୧୦.୮୭୫ କିଲୋମିଟର ଲମ୍ବ ପ୍ରବେଶ ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଙ୍ଗ ରୋଡକୁ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ



ବୈଷ୍ଣବ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଏବେ ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବର୍ତ୍ତମାନର ଜାତୀୟ ରାଜପଥ ତିନୋଟି ବଡ଼ ଜନବହୁଳ ସହର ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଦେଇ ଯାଇଛି। ଅଧିକ ସଂଖ୍ୟାରେ ଯାନବାହନ ଚଳାଚଳ ଯୋଗୁ ଏହି ରାସ୍ତାରେ ପ୍ରବଳ ଭିଡ଼ ଏବଂ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହି ସମସ୍ୟାର ସମାଧାନ ଲାଗି ଏକ

➤ ଖର୍ଚ୍ଚ ହେବ ୮୩୦୭.୭୪ କୋଟି

➤ ୧୧୦.୮୭୫ କିମି ରିଙ୍ଗ ରୋଡ ନିର୍ମାଣ ହେବ


୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ରାଜପଥ ପ୍ରକଳ୍ପ ବିକଶିତ କରିବା ଲାଗି ପ୍ରସ୍ତାବ ରହିଛି। ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀ ବାଣିଜ୍ୟିକ ବାହନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନକରି ବିକଳ୍ପ ମାର୍ଗ ଦେଇ ଯାତାୟାତ କରିବେ । ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିପାରିବ। ଏହାଦ୍ୱାରା ମାଲ ପରିବହନ କ୍ଷମତା ମଧ୍ୟ ବଢ଼ିବ, ପରିବହନ ଖର୍ଚ୍ଚ ହ୍ରାସ ପାଇବ ଏବଂ ସ୍ଥାନୀୟ ଅଞ୍ଚଳରେ (୯ ପୃଷ୍ଠାରେ)

## ଭୁବନେଶ୍ୱର, ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ



ନୂଆଦିଲ୍ଲୀ, ୧୯ ।୮ : କ୍ୟାବିନେଟ୍ ଅନୁମୋଦନ ଲାଭ କରିଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଲାଗି ଓଡିଶାବାସୀ ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି । ଏହା ଭିଡ କମାଇବା ସହ ସହଜ ଜୀବନଜାପନଙ୍କୁ ପ୍ରୋତ୍ସାହିତ କରିବ ।

## ପ୍ରଧାନମନ୍ତ୍ରୀ, ସଡ଼କ ପରିବହନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା



ଭୁବନେଶ୍ୱର, ୧୯ ।୮ (ସବ୍ୟୁ) : ୬ ଥାକିଆ ରାସ୍ତା ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସଡକ ପରିବହନ ମନ୍ତ୍ରୀ ନିତୀନ ଗଡକରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ୬ ଥାକିଆ ବିଶିଷ୍ଟ ଏହି ରାସ୍ତା ନିର୍ମାଣରେ ୮, ୩୦୭. ୪୪ କୋଟି ଖର୍ଚ୍ଚ ହେବ । ରାଜଧାନୀରେ ଭିଡ ନିୟନ୍ତ୍ରଣ ପାଇଁ ମଧ୍ୟ ୧୧୦.୮୭୫ କିଲୋମିଟର ବାଇପାସ୍ ନିର୍ମାଣ କରାଯିବ । ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ କରାଯିବା ପାଇଁ ଏହି ଭିତ୍ତିଭୂମି ପ୍ରକଳ୍ପ ଏକ ଲ୍ୟାଣ୍ଡ ମାର୍କ । ପ୍ରମୁଖ ସହରଗୁଡିକରେ ଏହା ଯୋଗାଯୋଗ ଦକ୍ଷତା ବଢାଇବା ସହ ଆର୍ଥିକ ଅଭିବୃଦ୍ଧିର ଏକ ନୂଆ ଦିଗ ଦେବ । ଓଡିଶା ଓ ପୂର୍ବାଞ୍ଚଳ ଅଭିବୃଦ୍ଧିରେ ଏହା ବେଶ୍ ସହାୟକ ହେବ ।

# ଏସିଆ କପ୍ : ସୂର୍ଯ୍ୟ କୁମାରଙ୍କୁ ନେତୃତ୍ୱ





ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି) : ବହୁ ପ୍ରତିକ୍ଷିତ ଏସିଆ କପ୍ ଟି-୨୦ ଲାଗି ଭାରତୀୟ ଦଳ ଘୋଷଣା ହୋଇଛି। ସାମାନ୍ୟ ବିଳମ୍ବ ସତ୍ତ୍ୱେ ମଙ୍ଗଳବାର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସହ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ମିଳିତ ଭାବେ ଦଳ ଘୋଷଣା କରିଛନ୍ତି ।ଏହି ଦଳରେ ବିସ୍ଫୋରକ ବ୍ୟାଟର ରିଷଭ ପନ୍ତ, ଅଭିଜ୍ଞ ଲୋକେଶ ରାହୁଲ ଓ ଟେଷ୍ଟ ଶୃଙ୍ଖଳାରେ ଜମାଣିଆ ବୋଲିଂ କରିଥିବା ଦ୍ରୁତ ବୋଲର ମହମ୍ମଦ ସିରାଜ ନାହାଁନ୍ତି। ଦୀର୍ଘ ଦିନରୁ ଜାତୀୟ ଦଳକୁ ଫେରିବା ପାଇଁ ଆଶା ବାନ୍ଧିଥିବା ଶ୍ରେୟାସ ଆୟର ପୁଣି ଥରେ ଉତ୍କ୍ଷେପିତ ହୋଇଛନ୍ତି । ଟେଷ୍ଟରେ ଦଳର ନେତୃତ୍ୱ ନେଇ ୭୦୦ ରୁ ଊର୍ଦ୍ଧ୍ୱ ରନ୍ କରିଥିବା ଶୁଭମନ୍ ଗିଲ୍ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇବା ସହ ଉପଅଧିନାୟକ ଦାୟିତ୍ୱ ତୁଲାଇବେ । ୧୫ ଜଣିଆ ଦଳରେ ଦ୍ରୁତ ବୋଲର ଯଶପ୍ରୀତ ବୁମରା, ସଞ୍ଜୁ ସାମସନ୍, ଜିତେଶ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଅଭିଶେକ ଶର୍ମା, ଶିବମ୍ ଦୁବେ, ତିଲକ ବର୍ମା ଓ ରିଙ୍କୁ ସିଂ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି । ସଞ୍ଜୁ ସାମସନଙ୍କ ସହ ଜିତେଶ ଶର୍ମାଙ୍କୁ ଡବଲ୍ ୱିକେଟ୍ କିପର ଭାବେ ନିଆଯାଇଛି । ସେହିଭଳି ଦୁଇଜଣ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଅଛନ୍ତି । ଆଇପିଏଲ୍‌ରେ ଖରାପ ଖେଳିବା ସତ୍ତ୍ୱେ ରିଙ୍କୁ ସିଂଙ୍କୁ ଏସିଆ କପ୍ ଦଳରେ ସ୍ଥାନ ମିଳିଛି ।

ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲା । ସେ ସବୁଠୁ କମ୍ ବୟସରେ ଅନ୍ତର୍ଜାତୀୟ ଡେବ୍ୟୁ (୯ ପୃଷ୍ଠାରେ)

# ଜଷ୍ଟିସ୍ ରେଡ୍ଡୀ ବିରୋଧୀ ମେଣ୍ଟର ଉପ-ରାଷ୍ଟ୍ରପତି ପ୍ରାର୍ଥୀ

ନୂଆଦିଲ୍ଲୀ, ୧୯ ।୮ : ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ସୁଦର୍ଶନ ରେଡ୍ଡିଙ୍କ ନାମ ଘୋଷଣା କରାଯାଇଛି । ଶ୍ରୀ ରେଡ୍ଡୀ ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହେବେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହି ନାମ ଘୋଷଣା କରିଛନ୍ତି। ଏନ୍‌ଡିଏ ପକ୍ଷରୁ ସିପି ରାଧାକୃଷ୍ଣନ୍‌ଙ୍କୁ ପ୍ରାର୍ଥୀ କରାଯାଇଛି ।

ଶ୍ରୀ ଖଡଗେ କହିଛନ୍ତି ଯେ ଏହା ହେଉଛି ଏକ ଆଦର୍ଶ ଗତ ଲଢେଇ। ଯେତେବେଳେ ଗଣତାନ୍ତ୍ରିକ ମୂଲ୍ୟବୋଧ ଆକ୍ରମଣର ଶିକାର ହେଉଛି ସେହି ସମୟରେ ବିରୋଧୀ ଦଳଗୁଡିକ ଏକାଠି ହେବା ଦରକାର। ଶ୍ରୀ ରେଡ୍ଡୀ ୨୦୧୧ରେ ସୁପ୍ରିମ୍‌କୋର୍ଟର ବିଚାରପତିଭାବେ



ଅବସର ଗ୍ରହଣ କରିଥିଲେ। ପୂର୍ବରୁ ସେ ଗୋହାଟି ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଆନ୍ଧ୍ର ହାଇକୋର୍ଟର ଜଜ୍ ଥିଲେ। ଜଣେ ଅବସର ପ୍ରାପ୍ତ ବିଚାରପତିଙ୍କୁ ପ୍ରାର୍ଥୀ କରିଛି। ସାମାଜିକ ଓ ରାଜନୈତିକ ନ୍ୟାୟ ପ୍ରଦାନରେ ଶ୍ରୀ ରେଡ୍ଡୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି। ପ୍ରାର୍ଥୀ ଘୋଷଣା ହେବା ପରେ ଶ୍ରୀ ରେଡ୍ଡି ଏନ୍‌ଡିଏ ସମେତ ସବୁ ଦଳକୁ ତାଙ୍କୁ ସମର୍ଥନ କରିବାକୁ ନିବେଦନ କରିଛନ୍ତି। ତେବେ ଶ୍ରୀ ରେଡ୍ଡୀଙ୍କୁ ପ୍ରାର୍ଥୀ କରି ବିରୋଧୀ ମେଣ୍ଟ ଏକ ନୂଆ ରାଜନୈତି କାର୍ଡ ଖେଳିଛି। ଶ୍ରୀ ରେଡ୍ଡୀ ଦକ୍ଷିଣ ଭାରତର ହୋଇଥିବାରୁ ତାଙ୍କୁ ଚନ୍ଦ୍ରବାବୁଙ୍କ ତେଲୁଗୁ ଦେଶମ୍ ପାଟି ସମର୍ଥନ କରିପାରେ ବୋଲି ବିରୋଧୀ ଆଶା ରଖିଛନ୍ତି । କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ନିରପେକ୍ଷ ରହିଥିବା ବିଆର୍‌ଏସ୍ ଓ ୱାଇଏସ୍‌ଆର୍ କଂଗ୍ରେସକୁ ସମର୍ଥନ ପାଇଁ ଅନୁରୋଧ କରିପାରନ୍ତି। ଶ୍ରୀ ରେଡ୍ଡୀ ତାଙ୍କ ଆଇନଗତ ବୃତ୍ତି ମଧ୍ୟରେ ୧୯୮୦ ରୁ ଓ ୧୯୯୦ରେ ଚନ୍ଦ୍ରବାବୁ ନାଇଡୁଙ୍କ ସହ ବେଶ୍ ସମ୍ପୃକ୍ତ ଥିଲେ । ତେବେ ଟିଡିପି ଏବେ ଏନ୍‌ଡିଏର ପାରମ୍ପାରିକ ସହଯୋଗୀ ରହିଛି । ପୂର୍ବରୁ ସେମାନେ ଏନ୍‌ଡିଏ ପ୍ରାର୍ଥୀକୁ ସମର୍ଥନ କରିବେ ବୋଲି ବର୍ତ୍ତମାନ ସେମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି । ଟିଡିପି ମୁଖପାତ୍ର କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି । ତେବେ ଦଳ ମଧ୍ୟରେ ଶ୍ରୀ ରେଡ୍ଡୀଙ୍କ (୯ ପୃଷ୍ଠାରେ)

### ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି : ଏସ୍‌ପି

ଭୁବନେଶ୍ୱର, ୧୯ ।୮ (ସବ୍ୟୁ) : ପୋଡ଼ିଯିବା କାରଣରୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଛାତ୍ରୀଙ୍କ ମୃତ ହୋଇଥିବା କେନ୍ଦ୍ରାପଡା ଏସ୍‌ପି କହିଛନ୍ତି। ଏସ୍‌ପି କହିଛନ୍ତି ପୋଷ୍ଟମର୍ଟମ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଘଟଣା ଦିନ ସାଢ଼େ ୮ ପର୍ଯ୍ୟନ୍ତ ଛାତ୍ରୀ ଫୋନରେ କଥା ହୋଇଥିଲେ। ହେଲେ ସାଢ଼େ ୮ରୁ ୧୧ଟା ଭିତରେ (୯ ପୃଷ୍ଠାରେ)

## ହତ୍ୟା ଅଭିଯୁକ୍ତକୁ ଏନ୍‌କାଉଣ୍ଟର

ସମ୍ବଲପୁର, ୧୯ ।୮ (ସବ୍ୟୁ) : ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଅନ୍ତର୍ଗତ ମୋତିଝରନ୍ ଅଞ୍ଚଳରେ ଜଣେ ଯୁବକକୁ ହତ୍ୟା କରି ଅଭିଯୁକ୍ତ ଫେରାର ହେଉଥିବା ବେଳେ ପୋଲିସ ଏନ୍‌କାଉଣ୍ଟରରେ ଆହତ ହୋଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତର ବାମ ଗୋଡରେ ଗୁଳି ବାଜିଛି। ଅପରେସନ୍ ପରେ ସେ ସୁସ୍ଥ ଥିବା ପୋଲିସ ସୂତ୍ରରୁ ଜଣାପଡିଛି । ସୂଚନାଯୋଗ୍ୟ, ମୋତିଝରନ୍ ଅଞ୍ଚଳର ମହମ୍ମଦ ସାମଦ୍ ଓ ତାଙ୍କ ସାନ ଭାଇ ମହମ୍ମଦ ୱାସିମ ଗୁଣ୍ଡା ଶ୍ରେଣୀର ଅଟନ୍ତି। ତେବେ କୌଣସି ଏକ କଥାକୁ ନେଇ ସେମାନେ ସେହି ଅଞ୍ଚଳର ଜଣେ ଡ୍ରାଇଭର ଆସ୍‌ଫାକ୍ ଖାନ୍‌ଙ୍କୁ ଗତ ୧୮ ତାରିଖ ରାତି ପ୍ରାୟ ୧୦ଟାରେ ହତ୍ୟା କରିଥିଲ। ଏ ନେଇ ମୃତକର ଭାଇ ଜାଭିଦ୍ ଖାନ୍‌ର ଏତଲାକ୍ରମେ ଧନୁପାଲି ଥାନା ପୋଲିସ ୨୮୦/୨୫ରେ ଏକ ମାମଲା ରୁଜୁ କରିଥିଲା । ଅଭିଯୁକ୍ତ ୨ ଭାଇଙ୍କୁ ଧରିବା ପାଇଁ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢଉ ସହ ନାକାବନ୍ଦି କରି ଯାନବାହାନ ଯାଞ୍ଚ କରାଯାଇଥିଲା । ଏଭଳିସ୍ଥଳେ ଅଭିଯୁକ୍ତ ମାନେ ସହର ଛାଡି ଫେରାର ହୋଇ ପାରିନଥିଲ। ଅଭିଯୁକ୍ତ ମହମ୍ମଦ (୯ ପୃଷ୍ଠାରେ)

### ବଜ୍ରପାତ ନେଲା ୨ ଜୀବନ

ଝାରସୁଗୁଡ଼ା, ୧୯ ।୮ (ସବ୍ୟୁ) : ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ କାଲିବାହାଲରେ ମଙ୍ଗଳବାର ଅପରାହ୍ନରେ ବଜ୍ରାଘାତରେ ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ କାଲିବାହାଲ ଗ୍ରାମର ଦୁଃଖବନ୍ଧୁ ମାଝୀ (୨୫) ଓ ବୀର କିଷାନ (୪୫) । ସୂଚନା ଅନୁସାରେ, ଦିନ ପ୍ରାୟ ୩ଟା ବେଳେ ପ୍ରବଳ ବର୍ଷା ହେବାରୁ ରାସ୍ତାରେ ଯାଉଥିବା ଦୁଃଖବନ୍ଧୁ ଓ ବୀର ଏକ ମହୁଲ ଗଛ ତଳକୁ ଆସି (୯ ପୃଷ୍ଠାରେ)

## ୭ ଛାତ୍ରୀଙ୍କୁ ଅସଦାଚରଣ : ଶିକ୍ଷକ ଗିରଫ

ବେତନଟୀ, ୧୯ ।୮ (ସବ୍ୟୁ): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ ପ୍ରତିମାଦେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ମହାନ୍ତ ଗତ ମାସ ସେହି ବିଦ୍ୟାଳୟର ଜଣେ ଅଧେ ନୁହେଁ ବରଂ ସାତ ଆଠ ଜଣ ଛାତ୍ରୀଙ୍କୁ ସମ୍ପୃକ୍ତ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ତେବେ ଏହିଭଳି ଲଜ୍ଜା ଜନକ ଘଟଣାର ଅଭିଯୋଗ ପାଇ ବେତନଟୀ ବିଇଓ ତାଙ୍କୁ



ତତକ୍ଷଣାତ ନିଲମ୍ବନ କରିଥିଲେ। ହେଲେ ଏହିଭଳି ଲଜ୍ଜାଜନକ ଘଟଣା ଘଟିବାର ୭ଦିନ ପର୍ଯ୍ୟନ୍ତ ଏସମ୍ବନ୍ଧରେ ଥାନାରେ ଏତେଲା ଦିଆଯାଇନଥିଲା, ଯାହା ସେତେବେଳେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ପରେ ଗଣମାଧ୍ୟମ ରେ ଖବର ପ୍ରକାଶ ପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ରେ ଗତ ୨୯ ତାରିଖ ଦିନ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ପୁଲିସ ଏହିଭଳି ଏକ ସମ୍ବେଦନଶୀଳ ଘଟଣାର ଅଭିଯୋଗ ପାଇବା (୯ ପୃଷ୍ଠାରେ)

# ଆସୁଛି ୨ ଲଘୁଚାପ, ପୁଣି ବର୍ଷିବ

ଭୁବନେଶ୍ୱର, ୧୯ ।୮ (ସବ୍ୟୁ): ଓଡ଼ିଶାରେ ଅବପାତ ନଯାଉଣୁ ପୁଣି ଆସୁଛି ଦୁଇଟି ଲଘୁଚାପ କ୍ଷେତ୍ର । ଚଳିତମାସ ଶେଷ ସପ୍ତାହରେ ଗୋଟିଏ ପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି । ଏହା ଅଧିକ ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ । ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବ । ଏମିତି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ।



ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଗାମୀ ଦିନରେ ଅର୍ଥାତ ଚଳିତ ମାସର ଶେଷ ସପ୍ତାହରେ କେନ୍ଦ୍ରୀୟ ଭାରତରେ ପ୍ରବଳ ବର୍ଷା ପୂର୍ବାନୁମାନ କରାଯାଇଛି । ଓଡ଼ିଶାରେ ପୁଣି ବର୍ଷା ସମ୍ଭାବନା । ଲଘୁଚାପ ଯୋଗୁଁ ୨୩ ରୁ ୨୫ ତାରିଖ ଯାଏଁ ପ୍ରବଳ ବର୍ଷା ହୋଇପାରେ । ଏହା ସହିତ ଗୋଟିଏ ପରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ।

ସମ୍ଭାବ୍ୟ ଲଘୁଚାପ ଯୋଗୁଁ ୨୩ ରୁ ୨୫ ତାରିଖ ଯାଏ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନ । ୨୪ ତାରିଖରେ ବାଂଲାଦେଶ ଓ ଉତ୍ତର ବଙ୍ଗୋପସାଗରରେ ଏକ ଲଗୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ଏହା ସହିତ ପୁଣି ୨୭ ଓ ୨୮ ତାରିଖରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଯାହା ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ମୌସୁମୀ ସମୟରେ ଜଳୀୟ ବାଷ୍ପ ଅଧିକ ରହୁଛି । ପାଖାପାଖି ୮୦ ପ୍ରତିଶତରୁ ଅଧିକ ରହୁଛି ଆର୍ଦ୍ରତା । ଫଳରେ ଗୁଳୁଗୁଳି ବଢୁଛି । ଏହା ଦ୍ୱାରା ବାୟୁମଣ୍ଡଳ ଅସ୍ଥିର ହେଉଛି । ଭର୍ଟେକ୍ସ ଶକ୍ତିଶାଳୀ ହେଲେ ଲମ୍ବା ଓ ବଡ ବର୍ଷା ହେବ । ତେଣୁ ଦୂରତାରେ ବର୍ଷା ହେଉଛି ଓ ସ୍ଥାନୀୟ ଅଞ୍ଚଳରେ କମ୍ ବର୍ଷା ହେଉଛି । ବୁଧବାର ଆଡ଼କୁ ବର୍ଷା ପରିମାଣ କମିବ ବୋଲି ସୂଚନା ଦେଇଛନ୍ତି ସୋଆ ସିଇସି ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ । ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତ ରହିଛି । ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ।

ସେପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର କହିବାନୁଯାୟୀ, ଆସନ୍ତା ୨୧ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବାଲେଶ୍ୱର ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ (୯ ପୃଷ୍ଠାରେ)

⏩ ଆଜିଠୁ ପାଗ ଫିଟିବ, ବର୍ଷା କମିବ

⏩ ରାଜ୍ୟରେ ଚଳିତମାସ ଶେଷ ସପ୍ତାହରେ ପ୍ରବଳ ବର୍ଷିବ

⏩ ୨୩ରେ ଗୋଟିଏ, ୨୭ ବେଳକୁ ଆଉ ଏକ ଲଘୁଚାପ

### ଏନ୍‌ସିପିସିଆରର ଆବେଦନକୁ ଖାରଜ କଲେ ସୁପ୍ରିମ୍‌କୋର୍ଟ

# ମୁସ୍‌ଲିମ୍ ନାବାଳିକାଙ୍କ ବିବାହକୁ ବୈଧ ଦର୍ଶାଇଲେ

ନୂଆଦିଲ୍ଲୀ, ୧୯ ।୮ : ନ୍ୟାସନାଲ କମିଶନ ଫର୍ ଦ ପ୍ରୋଟେକ୍ସନ୍ ଅଫ୍ ଚାଇଲ୍ଡ ରାଇଟ୍ସ (ଏନ୍‌ସିପିସିଆର୍)ର ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି। ସୁପ୍ରିମ୍ କୋର୍ଟ ପଞ୍ଜାବ-ହରିୟାଣା ହାଇକୋର୍ଟର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ହାଇକୋର୍ଟ ରାୟକୁ ବିରୋଧ କରି ଏନ୍‌ସିପିସିଆର ସୁପ୍ରିମ୍‌କୋର୍ଟ ଆସିଥିଲେ।

ଜଷ୍ଟିସ୍ ବିଭି ନାଗରତ୍ନ ଓ ଜଷ୍ଟିସ୍ ଆର ମାଧବନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲା। ଏନ୍‌ସିପିସିଆର ଜଣେ ୨୧ ବର୍ଷର ମୁସ୍‌ଲିମ୍ ଯୁବକ ଓ ୧୬ ବର୍ଷର ମୁସ୍‌ଲିମ୍ ଝିଅଙ୍କ ପ୍ରେମ ସମ୍ପର୍କକୁ ପଞ୍ଜାବ-ହରିୟାଣା ହାଇକୋର୍ଟ ବୈଧ ଦର୍ଶାଇ ତାଙ୍କୁ ବିବାହ ଲାଗି ଅନୁମତି ଦେଇଥିଲେ। ମୁସ୍‌ଲିମ୍ ପର୍ସନାଲ ଲ' ଅନୁଯାୟୀ ଥିବା ବ୍ୟବସ୍ଥାରେ ଏହା ବୈଧ ବୋଲି ଦର୍ଶାଯାଇଥିଲା। ତେବେ ଏହା ବିରୋଧରେ ଏନ୍‌ସିପିସିଆର ସୁପ୍ରିମ୍‌କୋର୍ଟ ଆସିଥିଲେ। ସୁପ୍ରିମ୍‌କୋର୍ଟ ସେମାନଙ୍କ ଯାଚିକାକୁ ଖାରଜ କରିବା ସହ କହିଛନ୍ତି ଯେ ଉଭୟେ ପୁଅ ଓ ଝିଅଙ୍କ ସହମତିରେ ବାହାଘର ହୋଇଥାଏ। ଆମେ ସମାଜର ଚିନ୍ତାଧାରାକୁ ବାସ୍ତବତା ଭାବେ ଜାଣିବା ଆବଶ୍ୟକ। ଏବେ କୌଣସି ପୁଅ ଓ ଝିଅଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ନାହିଁ। ଉଭୟ ପୁଅ ଓ ଝିଅ ଗୋଟିଏ ସ୍କୁଲରେ ପଢୁଛନ୍ତି। ସମସ୍ତଙ୍କର ଶିକ୍ଷା ପାଇଁ ସ୍ୱାଧୀନତା ରହିଛି। ସେମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ପରସ୍ପର ମଧ୍ୟରେ ବଢୁଛି। ଭଲପାଇବାକୁ କ'ଣ ଅପରାଧ କହିପାରିବା ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଜଷ୍ଟିସ୍ ନାଗରତ୍ନ କହିଥିଲେ ଯେ ଯଦି ହାଇକୋର୍ଟ ଦୁଇ ପିଲାଙ୍କୁ ସୁରକ୍ଷା ଦେଉଛି, କାହିଁକି ତାହେଲେ ଏନ୍‌ସିପିସିଆର ଏହି ରାୟକୁ ଚ୍ୟାଲେଞ୍ଜ କରୁଛନ୍ତି । ଏନ୍‌ସିପିସିଆର କହୁନାହିଁ ଯେ ଏହି ଦୁଇ ପିଲାଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ। ହାଇକୋର୍ଟ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାର ଅଧିକାର କମିଶନଙ୍କ ନାହିଁ। ଯାଚିକାରେ ପକ୍ସୋ ଆଇନ୍‌ର ଅପବ୍ୟବହାର ନେଇ ଆବେଦନ କରାଯାଇଛି ।



### ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

## ଗୋପୀନାଥ ମହାନ୍ତି

ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓଡ଼ିଆ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି । ଓଡ଼ିଆ ଔପନ୍ୟାସିକ ଜଗତର ସେ ହେଉଛନ୍ତି ଜଣେ ବିଶିଷ୍ଟ ଲେଖକ ଯାହାଙ୍କର କାଳଜୟୀ ରଚନାବଳୀକୁ ଆଜି ବି ଲୋକ ହୃଦୟଦେଇ ଭଲପାଇଥାଆନ୍ତି । ତାଙ୍କ ରଚନାସବୁ ଆଦିବାସୀ ଜୀବନଚର୍ଯ୍ୟା ଉପରେ ଆଧାରିତ । ତାଙ୍କର ଅନେକ ଲେଖା ଅନ୍ୟାନ୍ୟ ଭାଷାରେ ଅନୁଦିତ ହୋଇ ଉଚ୍ଚ ପ୍ରଶଂସିତ ମଧ ହୋଇଛି । ତାଙ୍କ ପ୍ରମୁଖ ରଚନା ମଧ୍ୟରେ ପରଜା, ଦାଦିବୁଢ଼ା, ଅମୃତର ସନ୍ତାନ, ଲୟବିଲୟ ଉପନ୍ୟାସ ଆଦି ଅନ୍ୟତମ । କଟକ ଜିଲ୍ଲାସ୍ଥିତ ନାଗବଳି ଗାଆଁରେ ୧୯୧୪ ମସିହା ଏପ୍ରିଲ ୨୦ତାରିଖରେ ଜନ୍ମ ହୋଇଥିଲେ ଏହି ମହାନ ଔପନାସିକ । ପ୍ରସିଦ୍ଧ ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ଥିଲେ ତାଙ୍କର ବଡ଼ ଭାଇ । ରେଭେନ୍ସା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ସରିବା ପରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୩୬ରେ ଏମ.ଏ. ଡିଗ୍ରି ହାସଲ କରିଥିଲେ । ଲେଖାଲେଖି ପ୍ରତି ତାଙ୍କର ପିଲାଦିନୁ ଦୁର୍ବଳତା ରହିଥିଲା । ସେ କାଳର ସାଧାରଣ ଲୋକ, ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିର ଗାଉଁଲି ସରଳ, ନିରସ ଜୀବନଧାରା ଆଦିକୁ ନେଇ ତାଙ୍କ ରଚନା ସମୃଦ୍ଧ ହୋଇଥିଲା । ତାଙ୍କ ଲେଖାରେ ଓଡ଼ିଆ ଚଳଣି, ସମତଳ ଓ ପାହାଡ଼ିଆ ଜୀବନର କାହାଣୀ, ସାଧାରଣ ମଣିଷର ଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ । ତାଙ୍କର ଅନେକ ପୁସ୍ତକ ସହିତ ଅନୁବାଦ ପୁସ୍ତକ ମଧ ରହିଛି ଯାହା ତାଙ୍କର ଅନନ୍ୟ ପ୍ରତିଭାର ପରିଚୟ କରିଥାଏ । ତାଙ୍କର ସାହିତ୍ୟକ୍ଷେତ୍ରରେ ଥିବା ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ୧୯୮୧ରେ ପଦ୍ମ ଭୂଷଣ, ୧୯୭୪ରେ 'ମାଟିମଟାଳ' ଉପନ୍ୟାସ ପାଇଁ ଜ୍ଞାନପୀଠ ଓ ୧୯୫୫ରେ ତାଙ୍କ ଉପନ୍ୟାସ 'ଅମୃତର ସନ୍ତାନ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ତେବେ ଏହି ବିଶିଷ୍ଟ ଲେଖକଙ୍କର ୧୯୯୧ ମସିହା ୨୦ ଅଗଷ୍ଟରେ ଦେହାନ୍ତ ହୋଇଥିଲା । ତାଙ୍କ ଅବର୍ତ୍ତମାନରେ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

### ସୋସିଆଲ କୋଟ୍ସ



"ଗୋଟିଏ ଫିଲ୍ମ ହିଟ୍ ହେବା ପରେ ସମସ୍ତେ ନିଜର ଫିସ୍ ବଢାଉଛନ୍ତି । ଯାହାର ସିଧା ପ୍ରଭାବ ଫିଲ୍ମର ବଜେଟ୍ ଉପରେ ପଡିଛି । ଏଭଳି ଅନେକ ଫିଲ୍ମ ରହିଛି ଯାହା ହିରୋ ନୁହେଁ ତାର ମେକିଂ ପାଇଁ ହିଟ୍ ହେଉଛି ।

ଅଲ୍ଲୁ ଅରବିନ୍ଦ, ପ୍ରଯୋଜକ



"ମୁଁ ମୋର ଦେହର ରଙ୍ଗକୁ ନେଇ ଇନ୍‌ସିକ୍ୟୋର ରହୁଥିଲି । ଗୋରା ହେବା ପାଇଁ ମୁଁ ଅନେକ କିଛି କରିଛି, ଫେୟାରନେସ୍ କ୍ରିମ୍ ବି ଲଗାଇଛି ।

ନୱାଜୁଦ୍ଦିନ୍ ସିଦ୍ଦିକି, ଅଭିନେତା




"ମୁଁ ସବୁବେଳେ ନାରୀମାନଙ୍କର ଭଏସ୍ ହେବାକୁ ପସନ୍ଦ କରିଥାଏ । ହେଲେ ଏଥିପାଇଁ ମୋର କ୍ରେଡିଟ୍ ଦରକାର ନାହିଁ । କାରଣ ମୁଁ ଏହି ସମୟରେ ମୋ ପାଇଁ ବି କହିଥାଏ ।

ପୂଜା ଭଟ୍ଟ, ଅଭିନେତ୍ରୀ

### ସଦ୍ଭାବନା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖରେ ପାଳନ ହୋଇଥାଏ ସଦ୍ଭାବନା ଦିବସ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଜନ୍ମ ଦିବସ ଅବସରରେ ଏହି ଦିବସର ପାଳନ କରାଯାଇଥାଏ । ଏହି ଦିନ ତାଙ୍କର ସ୍ମୃତି ଚାରଣ କରାଯିବା ସହିତ, ସମାଜରେ କିପରି ସମନ୍ୱୟ, ସାମ୍ପ୍ରଦାୟିକ ସଦ୍ଭାବ ଓ ଶାନ୍ତି ବଜାୟ ରହିବ ସେଥିପାଇଁ ଲୋକଙ୍କୁ ସଚେତନ କରାଯାଇଥାଏ । ଏହି ଦିନ ବିଭିନ୍ନ ସ୍କୁଲ କଲେଜ୍ ଓ ଅନୁଷ୍ଠାନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସମନ୍ୱୟ, ସାମ୍ପ୍ରଦାୟିକ ସଦ୍ଭାବ ଓ ଶାନ୍ତି ନେଇ ବିଭିନ୍ନ ବାର୍ତ୍ତା ପ୍ରଦାନ କରାଯାଇଥାଏ । ସମସ୍ତେ ସମାଜରେ କିଭଳି ଶାନ୍ତି ଓ ସଦ୍‌ଭାବନାର ସହ ବଞ୍ଚିବେ ସେଥିପାଇଁ ବିଭିନ୍ନ ବାର୍ତ୍ତା ପ୍ରଦାନ କରାଯାଇଥାଏ । ପ୍ରଥମଥର ପାଇଁ ଏହାକୁ ୧୯୯୨ ମସିହା ଅଗଷ୍ଟ ୨୦ ତାରିଖରେ ପାଳନ କରାଯାଇଥିଲା । ୧୯୪୪ ଅଗଷ୍ଟ ୨୦ରେ ଜନ୍ମିତ ରାଜୀବ ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ସେ କରିଥିବା ଅନେକ କାର୍ଯ୍ୟକୁ ଆଜି ବି ସମସ୍ତେ ମନେ ପକାଇଥାଆନ୍ତି । ତେବେ ୧୯୯୧ ମସିହା ମେ'୨୧ରେ ମାତ୍ର ୪୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଥିଲା ।



### ଇତିହାସ

୧୮୨୮– କୋଲକାତାରେ ରାଜା ରାମମୋହନ ରାୟଙ୍କ ବ୍ରହ୍ମ ସମାଜର ପ୍ରଥମ ଅଧିବେସନ ଆୟେଜିତ ।

୧୯୯୫– ପୁରୁଷୋତ୍ତମ ଏକ୍ସପ୍ରେସ୍ ଓ କାଳିନ୍ଦୀ ଏକ୍ସପ୍ରେସ୍ ମଧ୍ୟରେ ଦୁର୍ଘଟଣା ଘଟି ପ୍ରାୟ ୩୫୦ ଜଣଙ୍କ ମୃତ୍ୟୁ ।

୧୮୨୭– ରୋନାଲ୍ଡ ରସ୍‌ଙ୍କ ଦ୍ୱାରା କୋଲକାତାରେ ମ୍ୟାଲେରିଆ ବାହକ ଏନୋଫିଲିସ୍ ମଶାର ଚିହ୍ନଟ ।

୧୯୧୩– ପ୍ରଥମ ପାଇଲଟ୍ ଭାବେ ଫ୍ରାନ୍ସର ଏଡଲ୍ଫ ପେଗୋଡ୍ ପାରାଚ୍ୟୁଟ୍ ଜରିଆରେ ବିମାନରୁ ଓହ୍ଲାଇଲେ ।

୧୯୪୪– ଦେଶର ନବମ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ।

୧୯୮୮– ଭାରତ ଓ ନେପାଳ ଭୂକମ୍ପରେ ୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ।

୧୯୯୧– ପ୍ରସିଦ୍ଧ ଓଡିଆ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ଦେହାନ୍ତ ।

୨୦୧୧– ପ୍ରସିଦ୍ଧ ଭାରତୀୟ ଇତିହାସବିତ୍ ଏବଂ ଶିକ୍ଷାବିତ୍ ରାମ ଶରଣ ଶର୍ମାଙ୍କ ପରଲୋକ ।

୨୦୧୮– ପ୍ରଥମ ମହିଳା ରେସଲର ରୂପେ ଭାରତୀୟ ଖେଳାଳି ବିନେଶ ଫୋଗାଟ୍‌ଙ୍କୁ ଜାକର୍ତ୍ତା ଏସୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ।



## ରୋବୋଟ ହୋଇପାରିବ ଗର୍ଭବତୀ !

ରୋବୋଟକୁ ନେଇ ବିଭିନ୍ନ ସମୟରେ କିଛିକିଛି ନିଆରା ତଥ୍ୟ ସାମନାକୁ ଆସୁଛି । ଏହି ତାଲିକାରେ ନିକଟରେ ଯୋଡି ହୋଇଛି ଏକ ବିରଳ ନୂଆ ତଥ୍ୟ । ସୂଚନା ଅନୁସାରେ ଖୁବ ଶୀଘ୍ର ରୋବୋଟ ମଧ ଗର୍ଭବତୀ ହୋଇପାରିବ ବୋଲି ଚୀନ ଦାବି କରିଛି । ଚୀନର ବୈଜ୍ଞାନିକଙ୍କ ଦାବି ଅନୁସାରେ ଖୁବଶୀଘ୍ର ପ୍ରଥମ ହ୍ୟୁମାନଏଡ ରୋବଟ ସରୋଗେସି ପ୍ରକ୍ରିୟା ସହାୟତାରେ ଏକ ଜୀବନ୍ତ ଛୁଆକୁ ଜନ୍ମ ଦେବ । ବୈଜ୍ଞାନିକଙ୍କ ଦାବି ଅନୁସାରେ ଏକ ମନୁଷ୍ୟକୃତ ଗର୍ଭାଶୟ ଭିତରେ ଏହି ଛୁଆ ବଡ ହେବା ସହ ପୃଥିବୀକୁ ଆସିବ । ଏହି ଛୁଆ ୯ମାସ ଧରି ଏହି ମନୁଷ୍ୟକୃତ ଗର୍ଭାଷୟରେ ରହିବା ସହିତ ଏକ ଟ୍ୟୁବ ସାହାଯ୍ୟରେ ଖାଦ୍ୟ ଖାଇବ । ଏହାକୁ ନେଇ ଗବେଷଣା ଶେଷ ସ୍ତରରେ ପହଞ୍ଚିଥିବା ସୂଚନା ପ୍ରକାଶ ପାଇଛି । ଖୁବଶୀଘ୍ର ଅର୍ଥାତ ଆରବର୍ଷକୁ ମାର୍କେଟକୁ ଏହି ରୋବଟକୁ ଛଡାଯିବାସହ ଏହାର ଦାମ ରହିବ ୧୨ ଲକ୍ଷରୁ ଅଧିକ । ଖବରଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଖବରଟି ସତ କି ମିଛ ସେନେଇ କୌଣସି ପ୍ରମାଣ ନାହିଁ । ତେବେ ଏହାକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି । କିଛି ଏହାକୁ ବିଜ୍ଞାନର ଚମତ୍କାରିତା କହିଥିବାବେଳେ କିଛି ନା ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।



## ପାପ ଧୋଇବାର ବୃଥା ପ୍ରୟାସ


ନିକଟରେ ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜକୁନ୍ଦ୍ରାଙ୍କୁ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିବାକୁ ପହଞ୍ଚିଥିଲେ । ଯାହାପରେ ବର୍ତ୍ତମାନ ଉଭୟ ଚର୍ଚ୍ଚାକୁ ଆସିଛନ୍ତି । ତେବେ ସାଧୁଙ୍କୁ ଭେଟିବାକୁ ଯିବା ପୂର୍ବରୁ ଉଭୟଙ୍କ ନାଁ ଏକ ବଡ ପରିମାଣ ଠକେଇ ଅଭିଯୋଗ ଆସିଥିଲା, ତେଣୁ ଉଭୟ ନିଜ ଇମେଜକୁ ଠିକ୍ କରିବାକୁ ଏପରି ବୃଥା ପ୍ରୟାସ କରିଥିବା ନେଇ ଆଲୋଚନା ଆରମ୍ଭ ହୋଇଛି । ଭୋଜପୁରୀ ସୁପରଷ୍ଟାର ଖେସାରୀ ଲାଲ ଯାଦବ ଉଭୟଙ୍କର ମହାରାଜଜୀଙ୍କୁ ଭେଟିବା ପାପ ଧୋଇବାର ଏକ ବୃଥା ପ୍ରୟାସ ବୋଲି ମତ ଦେଇଛନ୍ତି । ତେବେ ପ୍ରେମାନନ୍ଦ ମହାରାଜ ପାପ ଧୋଇବାର ମେସିନ ନୁହେଁ ବୋଲି ମଧ ସେ ମତ ଦେଇଛନ୍ତି । ତେବେ ଏହି ଘଟଣାରେ ଶିଳ୍ପା କିମ୍ବା ରାଜ କୁନ୍ଦ୍ରାଙ୍କର କୌଣସି ମତ ମିଳି ପାରି ନାହିଁ । ସେହିଭଳି ଖେସାରୀ ଲାଲ କରିଥିବା ସୋସିଆଲ ମିଡିଆ ପୋଷ୍ଟରେ ଶିଳ୍ପା କିମ୍ବା ରାଜଙ୍କ ନାଁ ନେଇନାହାନ୍ତି ହେଲେ ପୋଷ୍ଟଟି ସେମାନଙ୍କ ଉଦ୍ଦେଶ୍ୟରେହିଁ କରାଯାଇଥିବାନେଇ ଫ୍ୟାନମାନେ ବୁଝିଛନ୍ତି ।

## ମଙ୍ଗଳରେ ହେଲମେଟ୍ ପଥର !

ନାସାର ମାର୍ସ ପ୍ରିଜରଭର୍ନାସ ରୋଭର ଏକ ବିରଳ ଫଟୋ ଉତ୍ତୋଳନ କରିବାରେ ସକ୍ଷମ ହୋଇଛି । ଏହି ଫଟୋରେ ମଙ୍ଗଳରେ ଏକ ବିରଳ ସ୍ୱତନ୍ତ୍ର ଧରଣର ପଥର ଦେଖିବାକୁ ମିଳିଛି । ଏହି ପଥରର ଆକୃତି



ପୂରାପୂରି ହେଲମେଟ୍ ଭଳି ଦେଖିବାକୁ । ବର୍ତ୍ତମାନ ଏହି ରୋଭରଟି ମଙ୍ଗଳରେ ବିଭିନ୍ନ ବିରଳ ପଥରର ସାମ୍ପଲ କଲେକ୍ଟ କରୁଛି । ଏହି ପଥରଟି ସହାୟତାରେ ବୈଜ୍ଞାନିକମାନେ ମଙ୍ଗଳଗ୍ରହ ଉପରେ ଆହୁରି ଅଧିକ ଗବେଷଣା କରିପାରିବେ । ଏଥିସହିତ ଏହି ପଥର ସହାୟତାରେ ମଙ୍ଗଳରେ ମିଳୁଥିବା ମୃତ୍ତିକା ସହିତ ମଙ୍ଗଳର ପରିବେଶର ଇତିହାସ ଉପରେ ମଧ ଅଧିକ ଗବେଷଣା କରାଯାଇ ପାରିବ । ସେହିଭଳି ଏହି ପଥରର ଏଭଳି ସ୍ୱତନ୍ତ୍ର ଆକାର ବିଭିନ୍ନ ପ୍ରକାରର ରସାୟନିକ ପରିବର୍ତ୍ତନ କାରଣରୁ ହୋଇଥାଇପାରେ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି ।



## ପାଳଙ୍ଗ ଇଡ୍‌ଲି

**ସାମଗ୍ରୀ–** ଅରୁଆ ଚାଉଳ, ବିରି, ମେଥି, ଲୁଣ, ଅଧା କପ କଟା ପାଳଙ୍ଗ ଶାଗ, ଗ୍ରେଟ କରାଯାଇଥିବା ପନିର, ପିଆଜ, କଟା କଞ୍ଚା ଲଙ୍କା, ଛୋଟ ଛୋଟ କଟା ଅଦା ।

**ପ୍ରଣାଳୀ–** ପ୍ରଥମେ ଚାଉଳ, ବିରି ଓ ମେଥିକୁ ଧୋଇ ଅଲଗା ଅଲଗା ବତୁରାଇ ଇଡ୍‌ଲି ପ୍ରସ୍ତୁତ କରିବାକୁ ଆଣ ପ୍ରସ୍ତୁତ କରନ୍ତୁ । ଏଥିରେ ଲୁଣ ଗୋଳାଇ ଏହାକୁ କିଛି ଘଣ୍ଟା ପାଇଁ ରଖି ନିଅନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ତେଲ ଗରମ କରି ଏଥିରେ ଜିରା ପକାନ୍ତୁ ପରେ ଏଥିରେ ପିଆଜ ପରାଇ ଭାଜନ୍ତୁ । ପିଆଜ ଭାଜି ହେବା ପରେ ଏଥିରେ ପାଳଙ୍ଗ, ପନିର୍, ଅଦା କଟା, ଲଙ୍କା କଟା ଓ ଲୁଣ ପକାଇ ଭାଜନ୍ତୁ । ଏହା ଆପଣଙ୍କ ପୁର ଭଳି କାମ ଦେବ । ଏହାପରେ ଏହି ପୁରକୁ ଦେଇ ପ୍ରସ୍ତୁତ କରନ୍ତୁ ପାଳଙ୍ଗ ଇଡ୍‌ଲି ।

## ସବୁଠାରୁ ବୟସ୍କ କୁକୁଡା

ସାଧାରଣତଃ ଗୋଟିଏ ଘରୋଇ କୁକୁଡାର ଜୀବନ କାଳ ୧୦ ବର୍ଷ ହୋଇଥାଏ, ହେଲେ ଟେକ୍ସସାସର ଏକ କୁକୁଡା ବର୍ତ୍ତମାନ ସବୁଠାରୁ ବୟସ୍କ ଘରୋଇ କୁକୁଡ଼ା ଭାବେ ରେକର୍ଡ କରିଛି । ଏହି କୁକୁଡାର ବୟସ ବର୍ତ୍ତମାନ ୧୪ ବର୍ଷରେ ପହଞ୍ଚିଛି । ଏହା ଭିତରେ ତାର ଅନେକଥର ଦେହ ଖରାପ ହେଲେ ମଧ ସେ ଏବେ ଯାଏଁ ବଞ୍ଚି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାଁକୁ ସାମିଲ କରିଛି । ୨୦୧୧ ମାର୍ଚ୍ଚ ୧୩ ତାରିଖରେ ଟେକ୍ସସାସ୍‌ରେ ଏହି କୁକୁଡାଟି ଜନ୍ମ ହୋଇଥିଲା । ଏହି ରେକର୍ଡ କରିବାପରେ କୁକୁଡାର ମାଲିକ ଖୁବ ଖୁସି ଅଛନ୍ତି । ସେମାନେ ଏହି କୁକୁଡାଟିକୁ ଖୁବ ଭଲ ପାଇଥାଆନ୍ତି । କୁକୁଡାଟି ଅଧିକାଂଶ ସମୟ ନିଜ ମାଲିକଙ୍କ ସହିତ ବିତାଇଥାଏ ବୋଲି ତାର ମାଲିକ ପ୍ରକାଶ କରିଛନ୍ତି । ବର୍ତ୍ତମାନ କୁକୁଡାଟି ନିଜର ପରିଣତ ବୟସରେ ଥିବାରୁ ତାକୁ ଶାରିରୀକ ଅସୁସ୍ଥତାର ସାମନା କରିବାକୁ ପଡୁଛି ।





# ନାଲକୋ ପକ୍ଷରୁ "ମିଡିଆ କନେକ୍ଟ ୨୦୨୫" ଆୟୋଜିତ






ଭୁବନେଶ୍ବର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଇଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଆଜି ଭୁବନେଶ୍ବର ଠାରେ ଈମିଡିଆ କନେକ୍ଟ ୨୦୨୫ସ୍ବ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ଯୋଗଦେଇଥିଲେ। ଏହି ବୈଠକରେ ନାଇକୋ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଜେନ୍ଦ୍ର ପ୍ରତାପ ସିଂହ ଉପସ୍ଥିତ ରହି ନିଜର ମତ ବିନିମୟ କରିଥିଲେ । ଏଥିସହ, ନାଲକୋର ନିର୍ଦ୍ଦେଶକ ମଣ୍ଡଳୀ ଯଥା, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ବାଗତ ଜଣାଇବା ସହ କମ୍ପାନୀର କାର୍ଯ୍ୟକଳାପ ଏବଂ ସଫଳତା ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ସମାବେଶକୁ ସମ୍ବୋଧିତ କରିବା ଅବସରରେ, ସିଏମଡି ଶ୍ରୀ ସିଂହ ଆଲୁମିନିୟମ ଏବଂ ଧାତୁ ଶିଳ୍ପର ସାମଗ୍ରିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ତଥା ପରିପାର୍ଶ୍ୱିକ ଅଂଚଳର ବିକାଶରେ କମ୍ପାନୀର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀ ପ୍ରତି ରହିଥିବା ଆସ୍ଥା, ବିଶ୍ୱାସ ଓ ସହଯୋଗ ନିମନ୍ତେ ସେ ଖଣି ମନ୍ତ୍ରଣାଳୟ, ଭାରତ ସରକାର ରାଜ୍ୟ ସରକାର ତଥା ସମସ୍ତ ଅଂଶୀଦାରମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମ ଏବଂ କମ୍ପାନୀ ମଧ୍ୟରେ ଦୃଢ଼ ସହଭାଗୀତା ମାଧ୍ୟମରେ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ ମିଡିଆ କନେକ୍ଟ ୨୦୨୫ ଦ୍ୱାରା ଗଣମାଧ୍ୟମ ପ୍ରତିନିଧ ଏବଂ କମ୍ପାନୀର ନେତୃତ୍ୱ ମଣ୍ଡଳୀଙ୍କ ମଧ୍ୟରେ କମ୍ପାନୀର ଦୃଷ୍ଟିକୋଣ, ଅଭିବୃଦ୍ଧି ପଥ, ଆଗାମୀ ପ୍ରକଳ୍ପ ଏବଂ ସିଏସଆର ପଦକ୍ଷେପ ବିଷୟରେ ଆଲୋଚନା ହୋଇପାରିଛି । ପାରସ୍ପରିକ ସହଯୋଗ ମାଧ୍ୟମରେ ଅଂଶୀଦାରମାନଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ନାଲକୋର ଆଭିମୁଖ୍ୟକୁ ଗଣମାଧ୍ୟମ ସମ୍ପ୍ରଦାୟ ଦ୍ୱାରା ପ୍ରଶଂସା କରାଯାଇଥିଲା ।

## 'ପୂର୍ବୋଦୟ ମିଶନରେ ୮,୩୦୭ କୋଟି ଟଙ୍କା ବ୍ୟୟର ପ୍ରକଳ୍ପ

# ଓଡ଼ିଶାର ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଗେମ୍ ଚେଞ୍ଜର ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୬ ଲେନ୍ ବିଶିଷ୍ଟ କଣ୍ଟ୍ରୋଲଡ୍ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ ପ୍ରକଳ୍ପ ନିର୍ମାଣକୁ ମଞ୍ଜୁର ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାୟ ୮,୩୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଓଡ଼ିଶାର ସଡ଼କ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଗେମ୍ ଚେଞ୍ଜର ହେବ । ଏହା ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ । ଖୋର୍ଦ୍ଧା, ଭୁବନେଶ୍ୱର, କଟକ ଓ ଢେଙ୍କାନାଳକୁ ସଂଯୋଗ କରିବାକୁ ଥିବା ଏହି ରାଜପଥ ରାମେଶ୍ୱରରୁ ବିଲିପଡା, ବିଲିପଡ଼ାରୁ ଗୋବିନ୍ଦପୁର ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ପର୍ଯ୍ୟନ୍ତ ତିନୋଟି ପ୍ୟାକେଜରେ ନିର୍ମାଣ ହେବାର ପ୍ରସ୍ତାବ ରହିଛି । ଦ୍ୱୈତ ସହରରେ ପ୍ରାୟ ୧୧୧ କିଲୋମିଟର ବିଶିଷ୍ଟ ଏହି ଭୁବନେଶ୍ୱର ବାଇପାସ ପ୍ରକଳ୍ପ ଟ୍ରାଫିକ୍ ଭିଡକୁ ନିୟନ୍ତ୍ରଣ କରିବ । ନୂତନ ରାଜମାର୍ଗ ପ୍ରକଳ୍ପକୁ ଏପରି ଭାବେ ଡିଜାଇନ୍ କରାଯାଇଛି ଯେ ଏହା ପ୍ରମୁଖ ଜାତୀୟ ରାଜପଥ ଯଥା ଏନଏଚ୍ ୧୬(ଚେନ୍ନାଇ -କୋଲକାତା), ଏନଏଚ୍-୫୫ (କଟକର୍ଦ୍ଧସମ୍ବଲପୁର), ଏନଏଚ-୫୭ (ଖୋର୍ଦ୍ଧା-ବଲାଙ୍ଗୀର) ଏବଂ ଏନଏଚ-୬୫୫ (କ୍ରିଷ୍ଣାଶ୍ୟାମପୁର-ଅନୁଗୋଳ) କୁ ସଂଯୋଗ କରିବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଏହି ଜାତୀୟ ରାଜପଥ ପ୍ରକଳ୍ପ ପ୍ରମୁଖ ଅର୍ଥନୈତିକ ହଟସ୍ପଟ୍ ମଧ୍ୟରେ ସଂଯୋଗୀକରଣକୁ ସୁଗମ କରିବ । ବାଣିଜ୍ୟ ଏବଂ ଶିଳ୍ପର ବିକାଶ ପାଇଁ ନୂତନ ରାସ୍ତା ଖୋଲିବ । ପରବହନ ଓ ଯାତାୟତ ସହଜ ହେବ । ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ସହ ରୋଜଗାରର ନୂଆ ସୁଯୋଗ ତିଆରି କରିବ । ଏହି ସ୍ଥାନୀୟ ଅଞ୍ଚଳର ଆର୍ଥିକ ସମ୍ଭାବନାକୁ ଉପଯୋଗ କରିବାର ମାର୍ଗ ପ୍ରଶସ୍ତ କରିବ । ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସହାୟକ ହେବ । ଭୁବନେଶ୍ୱର ବାଇପାସ୍ ସମୃଦ୍ଧିର ରାଜପଥ ଭାବରେ ଉଭା ହେବ । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟଦ ମିଶନରେ ଏହି ପ୍ରକଳ୍ପ ଓଡ଼ିଶାକୁ ଅଭିବୃଦ୍ଧିର ପ୍ରଥମ ସୋପାନରେ ପହଞ୍ଚାଇବ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୂର୍ବରୁ ଏହି କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ ପ୍ରକଳ୍ପ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଅନେକ ଥର ଆଲୋଚନା କରିଛନ୍ତି ।

## ଭେଡେନ ଥାନା ହାଜତ ମୃତ୍ୟୁ ମାମଲା

# ଅଦାଲତଙ୍କ ନିର୍ଦ୍ଦେଶରେ ସରକାର ଦେଲେ ୫ ଲକ୍ଷ, ମାମଲାର ଘଟିଲା ଅନ୍ତ

କଟକ,(ସବ୍ୟୁ): ବରଗଡ଼ ଜିଲ୍ଲା ଭେଡେନ୍ ଥାନା ହାଜତ ମୃତ୍ୟୁ ଘଟଣାରେ କ୍ଷତିପୂରଣ ପ୍ରଦାନକୁ ନେଇ ରୁଜୁ ଅଦାଲତ ଅବମାନନା ମାମଲାରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇଥିଲା । ମୃତକଙ୍କ ପରିବାରକୁ ଗତକାଲି ୫ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। ପୂର୍ବରୁ ସାଢ଼େ ୭ଲକ୍ଷ ଟଙ୍କା ଦିଆଯାଇଥିଲା। ଏହି ଜବାବ ପରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ଅଦାଲତ ଅବମାନନା ମାମଲାର ଅନ୍ତ ଘଟାଇଛନ୍ତି।

ବରଗଡ଼ ଜିଲା ଡେକୁଲବା ଗ୍ରାମରେ ମାଖୁନୁ ବାଗ୍‌ଙ୍କ ଘର। ତାଙ୍କର ସାନପୁଅ ରାଜୁ ବାଗ୍ ଏକ ବଳାତ୍କାର ଘଟଣାରେ ଫେରାର ରହିଥିଲା। ୨୦୧୫ ମସିହାରେ ଏହି ଘଟଣା ଘଟିଥିଲା। ଏହି ଘଟଣାରେ ସେହିବର୍ଷ ଜୁଲାଇ ୭ରେ ଭେଡେନ୍ ଥାନା ପୁଲିସ ମାଖୁନୁ ବାଗ୍‌ଙ୍କୁ ଥାନାକୁ ଡାକିଥିଲା। ମାଖୁନୁ ଥାନାକୁ ଆସି ଆଉ ଘରକୁ ଫେରି ନଥିଲା। ସେପ୍ଟେମ୍ବର ୪ରେ ମାଖୁନ୍ ବାଗ୍ ନିଖୋଜ ନେଇ ପତ୍ନୀ ସାହେବାଣୀ ବାଗ୍ ବରଗଡ଼ ଏସ୍‌ପିଙ୍କୁ ଜଣାଇଥିଲେ। ଏପରିକି ସେପ୍ଟେମ୍ବର ୧୬ ରେ ଡେକୁଲବା ଗ୍ରାମବାସୀ ଓ ନିଖୋଜ ମାଖୁନୁ ବାଗ୍‌ଙ୍କ ପରିବାର ଲୋକେ ଭେଡେନ୍ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ପଚରାଉଚୁରା ପରେ ମାଖୁନୁଙ୍କୁ ଛାଡି ଦିଆଯାଇଥିବା ପୁଲିସ କହିଥିଲା। ୮ଦିନ ମଧ୍ୟରେ ତାକୁ ଖୋଜି ଆଣିବାକୁ ପୁଲିସ ବିକ୍ଷୋଭକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲା। ସେପ୍ଟେମ୍ବର ୨୪ରେ ସୁବର୍ଣ୍ଣପୁର ଜିଲ୍ଲା ମେଡକାନି ମନ୍ଦିର ନିକଟ ପାଣି ଛପର ଜଙ୍ଗଲରୁ ଏକ କଙ୍କାଳ ଜବତ ହୋଇଥିଲା । ମାଖୁନୁ ବାଗ୍‌ଙ୍କ ପରିବାର ଲୋକେ ସୂଚନା ପାଇ ସେଠାରେ ପହଞ୍ଚିଥିଲେ। ଉକ୍ତ କଙ୍କାଳ ମାଖୁନୁ ବାଗ୍‌ଙ୍କର ବୋଲି ଘଟଣାସ୍ଥଳରୁ ମିଳିଥିବା ଡ୍ରେସ ଦେଖି ପରିବାର ଲୋକେ ଚିହ୍ନଟ କରିଥିଲେ। ଡିଏନଏ ରିପୋର୍ଟରୁ ଏହା ଜଣାପଡ଼ିବା ପରେ ମାଖୁନୁ ବାଗ୍‌ଙ୍କୁ ପୁଲିସ ଶାରୀରିକ ନିର୍ଯାତନା ଦେଇ ହତ୍ୟା କରିବା ପରେ ଜଙ୍ଗଲରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏହି ଘଟଣା ସେତେବେଳେ ଚର୍ଚ୍ଚା ସୃଷ୍ଟି କରିଥିଲା । ଏହି ଘଟଣାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ୨୦୨୪ ଅଗଷ୍ଟ ୩ରେ ଏହି ମାମଲାରେ ରାୟ ପ୍ରକାଶ କରି ରାଜ୍ୟ ସରକାରଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର କ୍ଷତିପୂରଣ ରାଶି ପ୍ରଦାନ ନ କରିବାରୁ ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଏହି ମାମଲାରେ ରାଜ୍ୟ ସରକାର ଆଜି ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବା ପରେ ମାମଲାର ଅନ୍ତ ଘଟିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରବୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ

ନିମାପଡା,(ସବ୍ୟୁ): ମଙ୍ଗଳବାର ସକାଳେ ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଂଚାୟତ ବେଗୁନିଆ ଗ୍ରାମର ବସନ୍ତ ସ୍ବାଇଁଙ୍କ ପନୀ ସୌଦାମିନୀ ପ୍ରାପ୍ତ ଭ୍ରମଣ କରିବା ସମୟରେ ତାଙ୍କ ବେକରୁ ଲୁଟେରା ମାନେ ସୁନା ଚେନ ଛିଣ୍ଡାଇ ନେଇ ପଳାଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ସୌଦାମିନୀ ପ୍ରାପ୍ତ ଭ୍ରମଣ କରୁଥିବା ସମୟରେ ଦୁଇଜଣ ଅଚିହ୍ନା ଯୁବକ ଏକ କଳାରଙ୍ଗର ବାଇକରେ ଆସି ବେକରେ ପିନ୍ଧିଥିବା ସୁନା ଚେନଟିକୁ ଝାମ୍ପି ନେବା ବେଳେ ସେ ଚେନଟିକୁ ଧରି ପକାଇବାରୁ ୭୫ ଭାଗ ଚେନ ଲୁଟେରା ନେଇଯାଇଥିବା ବେଳେ ଅବଶିଷ୍ଟ ମହିଳାଙ୍କ ହାତରେ ରହିଯାଇଥିଲା। ଏହି ଚେନର ଓଜନ ପ୍ରାୟ ୩୦ଗ୍ରାମ ହୋଇଥିବା ବେଳେ ଲୁଟେରା ମାନେ ୨୧ ଗ୍ରାମ ଓଜନ ଚେନ ଛିଣ୍ଡାଇ ନେଇ ପଳାଇଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ଲୁଟ ସଂପର୍କରେ ଅଭିଯୋଗ ହେବାରୁ ପୁଲିସ ଏକ ମାମଲା ରୁଜୁ କରିଛି। ତେବେ ପୁଲିସ ଲୁଟେରାଙ୍କ ଟେର ପାଇପାରିନାହିଁ

# ସୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ

ଫୁଲନଖରା ,(ସବ୍ୟୁ): ନିଆଳି ରାସ୍ତାର କୁରାଙ୍ଗଶାସନ ଗ୍ରାମପଞ୍ଚାୟତର ନଛିପୁରଠାରେ ଗଢି ଉଠିଥିବା ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ସାଂପ୍ରତିକ ସମାଜରେ ନାରୀ ପ୍ରତି ଯୌନ ନିର୍ଯାତନାର ଶିକାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କଟକ ସଦର ଆରକ୍ଷୀକାର୍ଯ୍ୟାଳୟ ତରଫରୁ ଆୟୋଜିତ ହୋଇଯାଇଛି । । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ମୁଖ୍ୟ ଅତିଥିଭାବେ କଟକ ସ୍ଥିତ ଡେପୁଟି କମିଶନର ଅଫ ପୋଲିସର ଅତିରିକ୍ତ ଡେପୁଟି କମିଶନର ଅଫ ପୋଲିସର ଦେବଦତ୍ତ କର , ଅତିରିକ୍ତ କମିଶନର ଅଫ ପୋଲିସ ଜଗନ୍ନାଥ ମଲ୍ଲିକ, କଟକ ସଦର ଜୋନର ଅତିରିକ୍ତ କମିଶନର ଶଶିଭୂଷଣ ରାଉତ ।ସଦର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତିଙ୍କ ସମେତ ସାଇବର ଅପରାଧ ଇନ୍ସପେକଟର ଶ୍ରୀମତୀ ରଶ୍ମିତା ଜେନା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ପ୍ରତିଷ୍ଠାନର ଅନ୍ୟୁନ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଅନେକ ଅଧ୍ୟାପିକା,ଅଧ୍ୟାପକ କର୍ମଚାରୀ ଓ କର୍ମକର୍ତ୍ତାମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସାଂପ୍ରତିକ ସମାଜରେ ଦୈନିକ ଉପୁଜୁଥିବା ନାରୀ ସମାଜ ଉପରେ ଥିବା ଶାରୀରିକ ଓ ମାନସିକ ନିର୍ଯାତନା ବାସ୍ତବିକ ସାଭାବିକ ସାଗତଯୋଗ୍ୟ ନୁହେଁ । ଯାହା ନାରୀଜାତିର ମର୍ଯ୍ୟାଦା ଓ ସମାନତାର ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ଉଲ୍ଲଙ୍ଘନ କରୁଅଛି । ଉପସ୍ଥିତ ଅତିଥିବୃନ୍ଦ ପର୍ଯ୍ୟାୟକ୍ରମେ ଏହାର ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ସମ୍ପର୍କରେ ଶ୍ରୋତାମାନଙ୍କୁ ସୁଚାରୁରୂପେ ବୁଝାଇଥିଲେ । ଶେଷରେ ପ୍ରତିଷ୍ଠାନର ମୁଖ୍ୟ ଙ୍ଗ(ଡଃ) ସୁନିଲ କୁମାର ପଟ୍ଟନାୟକ ଅତିଥିବୃନ୍ଦଙ୍କୁ ପ୍ରତିଷ୍ଠାନ ତରଫରୁ ସମ୍ମାନିତ କରିଥିଲେ । ଡଃ ଚିତ୍ତରଞ୍ଜନ ପଣ୍ଡା,ଅଧକ୍ଷ ଓ ଡଃ ସରିତା ନାୟକ, ଅଧକ୍ଷା ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରାଇଥିଲେ ।

## ଶ୍ରୀମତୀ ପ୍ରତିଭା ଶତପଥୀ ରାଜ୍ୟ ମହିଳା କମିଶନ ସଦସ୍ୟା

ଫୁଲନଖରା,(ସବ୍ୟୁ): : ଆଦର୍ଶ ନାରୀ ପ୍ରତିଭା, ପ୍ରବୀଣା ରାଜନୀତିଜ୍ଞ,ସଙ୍ଗଠିକା ସୁଲେଖିକା, ଉଚ୍ଚ କୋଟୀର ବକ୍ତା, ନାରୀ ନେତ୍ରୀ,କଳାର ପୂଜାରିଣୀ ପରମ ସମ୍ମାନନୀୟା ତଥା ସଦର ମାଟିର ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କଳାବିହାର କନ୍ଦରପୁର ସଭାପତି ଶ୍ରୀମତୀ ପ୍ରତିଭା ଶତପଥୀ ରାଜ୍ୟ ମହିଳା କମିଶନ ସଦସ୍ୟା ଭାବେ ନିଯୁକ୍ତ ହୋଇଛନ୍ତି । ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରା ଯାଇଛି ।


ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR: 04066/13/0028/2526 DSPL-214



DSPL-204



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ । ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେ ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

OIPR: 10003/13/0248/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

## ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘ ସମ୍ମିଳନୀ

# ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ କଲେ କେ.ଭି

ଭୁବନେଶ୍ୱର (ସବ୍ୟୁ): ମହାରାଷ୍ଟ୍ର ମୁମ୍ବାଇସ୍ଥିତ ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ପୂର୍ବ ଭାରତ ସମ୍ମିଳନୀ ୨୦୨୫ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଂଶଗ୍ରହଣ କରିଛନ୍ତି । ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀ ପୂର୍ବ ଭାରତର ବିଶାଳ ଆର୍ଥିକ ସମ୍ଭାବନାକୁ ଉନ୍ମୁକ୍ତ କରିବ । ଏହି ସମ୍ମିଳନୀରେ ନିବେଶକ ଏବଂ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ, ଗୋଲଟେବୁଲ ନୀତି ନିର୍ଦ୍ଧାରଣ ଓ ଆଲୋଚନା କରାଯାଇଛି ।



ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ମୁଖ୍ୟ ଅଭିଭାଷଣରେ କହିଥିଲେ, ଓଡିଶା ଖଣିଜ ସମ୍ପତ୍ତି, ଗଭୀର ଜଳ ବନ୍ଦର, ଦୃଢ଼ ରେଳ ଓ ରାସ୍ତା ସଂଯୋଗୀକରଣ, ଜମି, ପ୍ରାକୃତିକ ସମ୍ବଳ ସହିତ ଏକ ନିବେଶଯୋଗ୍ୟ ସ୍ଥାନ । ଏଥିସହିତ ଓଡ଼ିଶା ସମନ୍ୱିତ ଶିଳ୍ପ ଇକୋସିଷ୍ଟମ୍, ରପ୍ତାନୀମୁଖୀ ଉତ୍ପାଦନ କରିଡର ନିର୍ମାଣ କରୁଛି ଯାହା ଲଜିଷ୍ଟିକ୍ ଏବଂ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ । ଉନ୍ନତ ପ୍ରଯୁକ୍ତିବିଦ୍ୟା, ଗ୍ରୀନ ଫିଲ୍ଡ ପ୍ରୋଜେକ୍ଟ, ବନ୍ଦର-ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧିରେ ଓଡିଶା ନିବେଶ ଗ୍ରହଣ ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ଉକ୍ତିରେ, ପୂର୍ବ ଭାରତରେ ନିବେଶ କରିବାର ଏହା ସଠିକ୍ ସମୟ । ତେଣୁ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି ।

ଆମ ସରକାର ରେକର୍ଡ ସଂଖ୍ୟକ ୫୬ଟି ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଛି । ଯାହା ୧.୭୮ ଲକ୍ଷ କୋଟି ନିବେଶକୁ ପ୍ରତିନିଧିତ୍ୱ କରୁଛି ଏବଂ ୧.୧୧ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି । ନୂତନ ନିବେଶ ସହ ଆହୁରି ଏକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ଆମର ଲକ୍ଷ୍ୟ ରଖିଛି । ଏହି ସମ୍ମିଳନୀରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିହାରର ଶିଳ୍ପ ମନ୍ତ୍ରୀ ନୀତିଶ ମିଶ୍ର, ଛତିଶଗଡ଼ର ଅର୍ଥମନ୍ତ୍ରୀ ଓପି ଚୌଧୁରୀ, ସିଆଇଆଇ ପୂର୍ବ କ୍ଷେତ୍ରର ଅଧ୍ୟକ୍ଷ ଶାଶ୍ୱତ ଗୋଏଙ୍କା, ସିଆଇଆଇ ପଶ୍ଚିମ କ୍ଷେତ୍ରର ଅଧ୍ୟକ୍ଷ ଋଷି କୁମାର ବାଗଲା, ଏମ୍ଏସ୍ଏମ୍ଇ ବିଭାଗ, ଓଡ଼ିଶା କମିଶନର-ତଥା-ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଓ ବିହାର, ଛତିଶଗଡ଼, ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀ, ନିବେଶକ, ଶିଳ୍ପପତି ଓ ଉଦ୍ୟୋଗୀ ପ୍ରମୁଖ ଯୋଗ ଦେଇଛନ୍ତି ।

# ସାଇପର ଫାର୍ମାସୀ ଶିକ୍ଷା ଅନୁଷ୍ଠାନରେ ରାଗିଂ ବିରୋଧୀ ସପ୍ତାହ ପାଳନ

କଟକ, (ସବ୍ୟୁ):ମଙ୍ଗୁଳିସ୍ଥିତ ସାଇପର ଫାର୍ମାସି ଶିକ୍ଷା ଅନୁଷ୍ଠାନରେ ରାଗିଂ ବିରୋଧୀ ଦିବସ ସହ ସପ୍ତାହ ପାଳନ ହୋଇଅଛି । ଏହି ସପ୍ତାହ ପାଳନ ଗତ ତା ୧୨ -୦୮ -୨୦୨୫ ରିଖ ରୁ ତା ୧୮ -୦୮ -୨୦୨୫ ରିଖ ପର୍ଯ୍ୟନ୍ତ ପାଳନ ହୋଇଥିଲା । ଏହି ସପ୍ତାହର ଉଦଯାପନୀ ଦିବସରେ ଅନୁଷ୍ଠାନର ପ୍ରିନ୍ସିପାଲ ଡ଼. ସନ୍ତୋଷ କୁମାର ବଳ ସଭାପତିତ୍ୱ କରିବା ସହ ରାଗିଙ୍ଗ ଭଳି ଘୃଣ୍ୟ କର୍ଯ୍ୟରେ ଲିପ୍ତ ନରହିବା ସହ ସାଇପର ପରିସରକୁ ରାଗିଂ ମୁକ୍ତ କରିବାପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ଡ଼. ବିଚିତ୍ରାନନ୍ଦ ତ୍ରିପାଠୀ ଛାତ୍ର ଛାତ୍ରୀଙ୍କୁ ରାଗିଂ ସମ୍ପର୍କରେ ୟୁଜିସିର ମାର୍ଗଦର୍ଶିକା ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ଡ଼. ପ୍ରିୟଦର୍ଶୀ ମିଶ୍ର ଛାତ୍ର ଛାତ୍ରୀ ମାନଙ୍କୁ ରାଗିଂକୁ ବିରୋଧ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ତଥା ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ସୁବୀର ମିତ୍ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ ଆଲୋଚନା କରିଥିଲେ, ଅନ୍ୟତମ ଅତିଥି ତଥା ବରିଷ୍ଠ ଅଧ୍ୟାପିକା ଅଲକା ପ୍ରିୟଦର୍ଶିନୀ କର ରାଗିଂକୁ ବିରୋଧ କରି ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଏବଂ ପରିଶେଷରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ରାଗିଂକୁ ବିରୋଧ କରି



ଡିବେଟ୍, କୁଇଜ୍ ଓ ସ୍ଲୋଗାନ ଭଳି ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ର ଛାତ୍ରୀଙ୍କୁ ଏହି ଉଦଯାପନୀ ଦିବସରେ ପୁରସ୍କାର ପ୍ରଦାନ କରାଯାଥିଲା ଓ ଅନୁଷ୍ଠାନର ଅଧ୍ୟାପକ ତଥା ଆଇ.କିଉ.ଏ.ସି କୋଡିନେଟର ଶ୍ରୀଯୁକ୍ତ ଦେବାଶିଷ ମିଶ୍ର ସଭା ପରିଚାଳନା ସହ ଉଦଯାପନୀ ଦିବସରେ ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକା ତଥା ଇତିଶ୍ରୀ ମହାନ୍ତି, ସୌମ୍ୟ ରଞ୍ଜନ ସାହୁ, ସ୍ୱସ୍ତି ମହାପାତ୍ର, ପ୍ରାଚୀପ୍ରଭା ନାୟକ, କାମେଶ ରଞ୍ଜନ ଦାଶ, ସ୍ନିଗ୍ଧା ମହାନ୍ତି, ଅବିନାଶ ଜେନା, ଦେବାଶିଷ ଜେନା, ସୁନିତା ବେହେରା, ତେଜସ୍ୱିନୀ ମହାରଣା, ମୋହନ କୁମାର ବେହେରାଙ୍କ ସହିତ ଅନୁଷ୍ଠାନର କର୍ମଚାରୀବୃନ୍ଦ ତଥା ପ୍ରଦୀପ୍ତ ସ୍ୱାଇଁ, ଦିଲ୍ଲୀପ ବିଶ୍ୱାଳ, ସ୍ମିତାଲି ନାୟକ, ଜ୍ୟୋତି ପ୍ରକାଶ ମିଶ୍ର, ପବିତ୍ର ମୋହନ ସାହୁ, ସ୍ମିତିଞ୍ଜନ ସାହୁ, ଋତୁପର୍ଣ୍ଣା ନାୟକ, ପୂର୍ଣ୍ଣିମା ସ୍ୱାଇଁ, ରଜିଆ ବେଗମ୍, ଅଶୋକ ସାହୁ, ସୁକାନ୍ତ ଜେନା, ରଶ୍ମିରଂଜନ ବିଶୋଇ, ପ୍ରକାଶ ବିଶ୍ୱାଳ, ପବିତ୍ର ବେହେରା, ଅନନ୍ତ ଜେନା, ଦୀପକ ସାହୁ, ସଂଜୀବ ତୋଳା, କମଳାକାନ୍ତ ଜେନା, ସ୍ନେହଲତା ଦାସ, ତୃପ୍ତିମୟୀ ପଣ୍ଡା, ସୁନୀଲ ଦେହୁରୀ, ଜୟନ୍ତ ରଣା ଆଦି ଉପସ୍ଥିତ ରହିଥିଲେ ।

# ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ୨ଗିରଫ



କଟକ,(ସବ୍ୟୁ): ଦୁଇ ଆନ୍ତଃଜିଲ୍ଲା ନିଶା ବେପାରୀଙ୍କୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଛି ।ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅଞ୍ଚଳର ମହେଶ୍ୱର ବେହେରା(୩୬) ଓ ଖଣ୍ଟାପଡା ଥାନା ଅଞ୍ଚଳର ମନୋରଞ୍ଜନ ଜେନା(୨୫) । ଏମାନଙ୍କ ପାଖରୁ ୧୦ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି । ମଙ୍ଗଳବାର ପୂର୍ବାହ୍ନରେ ଅବକାରୀ ବିଭାଗକୁ ସୂଚନା ମିଳିଲାକି, ଜାତୀୟ ରାଜପଥରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଛି । ସୂଚନା ପାଇବାମାତ୍ରେ ଅବକାରୀ ଟିମ ରାଜପଥର ଟାଙ୍ଗୀ ଟୋଲଗେଟ ନିକଟରେ ଛକି ରହିଥିଲା । ସେହି ରାସ୍ତା ଦେଇ ଯାଆସ କରୁଥିବା ଗାଡି ଗୁଡିକୁ ଅଟକାଇ ଯାଞ୍ଚ କରାଯାଇଥିଲା ।ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଏକ ଦାମୀ କାରରେ ଆସୁଥିଲେ । ହେଲେ ଯାଞ୍ଚପ୍ରକ୍ରିୟା ଦେଖି ଗାଡି ବୁଲାଇ ଖସିଯିବାକୁ ଉଦ୍ୟମ କରୁଥିଲେ ।ମାତ୍ର ଅବକାରୀ ଟିମ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଗାଡିର ତଲାସି ନେବାରୁ ଦୁଇଟି ଗଞ୍ଜେଇ ଭର୍ତ୍ତି ବସ୍ତା ମିଳିଥିଲା । ପ୍ରତି ବସ୍ତାରେ ୧୫ କିଲୋ ଲେଖାଏଁ ମୋଟ ୩୦ କିଲୋ ଓଜନର ଗଞ୍ଜେଇ ରହିଥିଲା ।ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ । ନିଶାଦ୍ରବ୍ୟ, କାର ଜବତ ସହ ଉଭୟଙ୍କୁ ଧରିଆଣି ଜେରା କରିବାରୁ ଅଭିଯୁକ୍ତ ଦ୍ୱୟ ପେସାଦାର ନିଶା ଚାଲାଣକାରୀ ହୋଇଥିବା ଜଣାପଡିଛି । ପୂର୍ବରୁ ସେମାନେ ବହୁବାର ନିଶାଦ୍ରବ୍ୟ କନ୍ଧମାଳରୁ ଆଣି ବିଭିନ୍ନ ଜିଲ୍ଲାକୁ ଚାଲାଣ କରୁଥିଲେ । ମଙ୍ଗଳବାର ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଭଦ୍ରକ ନେଇ ଯାଉଥିବା ତଦନ୍ତରୁ ଜଣାପଡିଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି । ଇନ୍ସପେକ୍ଟର ଧିରେନ କୁମାର ବେହେରାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ର, ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ଚନ୍ଦ୍ର ରାଉତ, ଥବିର କୁମାର ପଟ୍ଟନାୟକ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ ।

# ବିଏମ୍ସି ପକ୍ଷରୁ ଜବରଦଖଲ ଉଚ୍ଛେଦ ଜାରି

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି)ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଉଚ୍ଛେଦ କାର୍ଯ୍ୟକ୍ରମ ଜାରି ରହିଛ । ସପ୍ତାହ ଧରି ବିଏମ୍ସି ତିନୋଟି ଜୋନର ବିଭିନ୍ନ ଓ୍ୱାର୍ଡରେ ଜବରଦଖଲ ଉଚ୍ଛେଦ କରାଯାଇଛି । ସେଗୁଡିକ ମଧ୍ୟରେ ଡ୍ରେନ କାମ ପାଇଁ କାର୍ଗିଲ ରୋଡ୍, ଭିଏସ୍ଏସ୍ ନଗର, ନିଳାଦ୍ରୀ ବିହାର ବୁଦ୍ଧ ପାର୍କ, ଧିରକୁଟି ବସ୍ତି, ପାନବରଜ ଫିସେରୀ ଲେନ୍, ବଡଗଡ କେନାଲ ରୋଡରେ ଥିବା ଲକ୍ଷ୍ମୀ ବିହାର ଫେଜ୍-୧, ଘାଟିକିଆ, କପିଳ ପ୍ରସାଦଠାରୁ ଜଟଣୀ ରୋଡ, ପଳାଶୁଣି ପ୍ରାଚୀ ବିହାର, କାର୍ଗିଲ ରୋଡସ୍ଥିତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପାଖରେ ଥିବା ବସ୍ତି ଆଦିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଛି । ଏହିସବୁ ଅଞ୍ଚଳରେ ରାସ୍ତା ଓ ଡ୍ରେନକୁ ଲୋକେ ଜବରଦଖଲ କରିଥିଲେ । ତେବେ ସଂପୃକ୍ତ ଅଞ୍ଚଳରେ ବିଏମ୍ସି ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି । ସହରର ସୌନ୍ଦର୍ଯ୍ୟକରଣ, ନାଗରିକଙ୍କ ଚଳାଚଳ, ପରିଚ୍ଛନ୍ନତା ଏବଂ ବାସୋପଯୋଗୀ ସୂଚକାଙ୍କକୁ ଆଗକୁ ନେବା ପାଇଁ କିଛି ବେଆଇନ ନିର୍ମାଣକୁ ଉଚ୍ଛେଦ କରିବା ଅତି ଦରକାରୀ ହୋଇପଡିଛି । ଏଣୁ ଏହି ପଦକ୍ଷେପ ନେଇଛି ବିଏମ୍ସି । ଉନ୍ନୟନ ମୂଳକ କାମ ତଥା ସହରର ବିକାଶ ପାଇଁ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରିଛନ୍ତି ବିଏମସି କମିଶନର ଚଞ୍ଚଳ ରାଣା । ସାମୂହିକ ଉନ୍ନତି ପାଇଁ ଆଗାମୀ ଦିନରେ ମଧ୍ୟ ଏହି ଜବରଦଖଲ କାର୍ଯ୍ୟ ଜାରି ରହିବ । ଏଥିପାଇଁ ସଂପୃକ୍ତ ଅଞ୍ଚଳବାସୀ ତଥା ଜବରଦଖଲକାରୀ ସହଯୋଗ କରିବାକୁ ବିଏମ୍ସି ପକ୍ଷରୁ ନିବେଦନ କରାଯାଇଛି ।

## ନିର୍ବାଚନ କମିଶନରେ ସତ୍ୟପାଠ ଦାଖଲ ପ୍ରସଙ୍ଗ

# ବିଜେଡି ଠାରୁ ସତ୍ୟପାଠ ଦାବି କରିନାହାନ୍ତି କମିସନ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା କିଛି ଅସଙ୍ଗତିକୁ ନେଇ ବିଜୁ ଜନତା ଦଳ ନିର୍ବାଚନ କମିସନଙ୍କ ସମ୍ମୁଖରେ ଉଠାଇଥିବା ପ୍ରସଙ୍ଗରେ, ବିଜୁ ଜନତା ଦଳ ସତ୍ୟପାଠ ଦାଖଲ ନକରି କେବଳ ଉପର ଠାଉରିଆ ଭାବେ ଅଭିଯୋଗ କରିଛି ବୋଲି କିଛି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ ଏହି ଖବରକୁ ଖଣ୍ଡନ କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶ୍ରୀ ମିହିର ରାୟ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଗୋଟିଏ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବେ ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା ଅସଙ୍ଗତିକୁ ନେଇ ଲିଖିତ ଭାବେ ନିର୍ବାଚନ କମିସନରଙ୍କ ଦୃଷ୍ଟି ଆକର୍ଷଣ କରିଛି । ନିର୍ବାଚନ କମିସନଙ୍କ ତରଫରୁ କୌଣସି ସମୟରେ ବିଜେଡିକୁ ସତ୍ୟପାଠ ମଗାଯାଇ ନାହିଁ, ତେଣୁ ଏହି ସତ୍ୟପାଠ ଦେବାର ଆବଶ୍ୟକତା ନାହିଁ । ଶ୍ରୀ ମିହିର ରାୟ କହିଥିଲେ, ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଅନୁଶୀଳନ କରିବା ପରେ, ଅନେକ ଅସଙ୍ଗତି ପରିଲକ୍ଷିତ ହୋଇଥିଲା ।ଏହି ଅସଙ୍ଗତି ଗୁଡିକର ତଥ୍ୟ ଦେଇ ବିଜୁ ଜନତା ଦଳ ଲିଖିତ ଭାବେ ନିର୍ବାଚନ କମିସନଙ୍କୁ ୨୦୨୪ ମସିହା ଡିସେମ୍ବର ୧୯ ତାରିଖ ଦିନ ପତ୍ର ମାଧ୍ୟମରେ ଜଣାଇବା ସହିତ, ଏହାର ସ୍ପଷ୍ଟୀକରଣ ଚାହିଁଥିଲା । ବିଜେଡି ପତ୍ରର ଉତ୍ତରରେ, ନିର୍ବାଚନ କମିସନଙ୍କ ତରଫରୁ ୧୦ ମାର୍ଚ୍ଚ ୨୦୨୫ ତାରିଖରେ ଉତ୍ତର ଦିଆଯାଇଥିଲା ।

# ହାତୀ ଉପଦ୍ରବ ରୋକିବା ଲାଗି ପଦକ୍ଷେପ ନିଆଯାଉ : ରୁଦ୍ର

ନୂଆଦିଲ୍ଲୀ (ସବ୍ୟୁ): ଅନୁଗୁଳ ଏବଂ ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଯୋଗୁ ଅନେକ ଧନଜୀବନ ହାନୀ ଘଟିଲାଣି। ନିକଟରେ ଏଭଳି କେତେକ ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ରୋକିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବାକୁ ଢେଙ୍କାନାଳର ବିଜେପି ସାଂସଦ ରୁଦ୍ରନାରାୟଣ ପାଣି ସୋମବାର ଲୋକସଭାରେ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଥିଲେ କେନ୍ଦ୍ର ସରକାର ଏହି ସମସ୍ୟା ନିରାକରଣ ଦିଗରେ ତତ୍ପର ଅଛନ୍ତି। ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ କରାଯାଇ ଏଥିପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଆଗକୁ ଯେଉଁ ପଦକ୍ଷେପ ଆବଶ୍ୟକ ହେବ ତାହା କେନ୍ଦ୍ର ସରକାର ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ନିଶାଡି ମହିଳାଙ୍କ ଉତ୍ପାତ, ପଥଚାରୀ ହଟହଟା

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ବିଭିନ୍ନ ସମୟରେ କେତେକ ମହିଳା ଓ ଯୁବତୀ ନିଶାଖାଇ ଉତ୍ପାତ ହେଉଛନ୍ତି । ଯଦ୍ୱାରା ପଥଚାରୀ ହଟହଟା ହେଉଛନ୍ତି । ବଡଗଡ, ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ଇଣ୍ଫୋସିଟି, ଖାରବେଳନଗର ପ୍ରଭୃତି ଥାନା ଅଞ୍ଚଳରେ ମହିଳାମାନେ ସାଧାରଣ ଲୋକଙ୍କୁ ହୀନସ୍ତା କରିବା ସହ ପୋଲିସକୁ ମଧ୍ୟ ନାକେଦମ କରୁଛନ୍ତି ।

ସୋମବାର ଦିନ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟରେ ଜଣେ ମହିଳା ନିଶାଶକ୍ତ ଅବସ୍ଥାରେ ,ଭଳି ଉତ୍ପାତ କଲେ ଯେ, ଲୋକମାନେ ନାହିଁନଥିବା ହୀନସ୍ତା ହେଲେ । ପଥଚାରୀଙ୍କୁ ଗାଳିଗୁଲଜ କରିବା ସହ ଗାଡି ମୋଟରକୁ ଧMIମାରି ହୀନସ୍ତା କଲେ । ଯେଉଁମାନେ ତାଙ୍କୁ ବୁଝାଇବାକୁ ଗଲେ ତାଙ୍କୁ ମଧ୍ୟ ଆକ୍ରମଣ କଲେ । ଡେରି ରାତି ପର୍ଯ୍ୟନ୍ତ ସେ ମହିଳା ଉତ୍ପାତ ହେଲେ । ନିର୍ଦ୍ଦିଷ୍ଟ ସେହି ମହିଳା ବଡଗଡ, ଇଣ୍ଫୋସିଟି ପ୍ରଭୃତି ଥାନା ଅଞ୍ଚଳରେ ପୂର୍ବରୁ ଉତ୍ପାତ କରିଥିଲେ ।

କିଛିଦିନ ତଳେ ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଯୁବତୀ ନିଶାଖାଇ ଥାନା ଫାଟକ ପାଖରେ ଉତ୍ପାତ ହେବା ସହ ଥାନା ଭିତରକୁ ଯାଇ ପୋଲିସକୁ ଦୁର୍ବ୍ୟବହାର କରିଥିଲେ । ବହୁ କଷ୍ଟରେ ତାଙ୍କୁ ବୁଝାସୁଝା କରାଯାଇଥିଲା । ଅର୍ଥାତ୍ ନିଶା ଖସିବା ପର୍ଯ୍ୟନ୍ତ ସେ କାହାରି କଥା ଶୁଣିନଥିଲେ । ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ମଧ୍ୟ ସୋମବାର ରାତିରେ ଅନୁରୂପ ଘଟଣା ଘଟିଲା । ନିଶା ନଛାଡିବା ପର୍ଯ୍ୟନ୍ତ ମହିଳା ଜଣକ ଉତ୍ପାତ ହୋଇଚାଲିଲେ । ରାସ୍ତାରେ ଗଡିବା ଠାରୁ ଆରମ୍ଭ କରି ଗାଡି ଭଙ୍ଗାରୁଜା କରିବା ପର୍ଯ୍ୟନ୍ତ କଥା ଗଲା । ଜାତୀୟ ସର୍ଭେରୁ ଜଣାଯାଇଛି ଯେ, ଭୁବନେଶ୍ୱରରେ ମହିଳା ଓ ଯୁବତୀ ନିଶା ଖାଇବା ଦିନକୁ ଦିନ ବଢିବାରେ ଲାଗିଛି । ଏପରିକି ୨୦୨୪ ଡିସେମ୍ବର ୩୧ ତାରିଖ ଓ ଜାନୁଆରୀ ୧ ତାରିଖ ଦିନ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ନିଶା ଖାଇଥିଲେ ଭୁବନେଶ୍ୱର ମହିଳା । ଦିନକୁ ଦିନ ମହିଳା ଓ ଯୁବତୀଙ୍କ ନିଶା ଖାଇବା ଓ ବଜାରରେ ଉତ୍ପାତ ହେବା ବଢିବାରେ ଲାଗିଛି ।

## ହିଣ୍ଡାଲ୍‌କୋ ମିନାକ୍ଷୀ କୋଇଲା ଖଣି ପକ୍ଷରୁ

# ଛାତ୍ରଛାତ୍ରୀଙ୍କ ପାଇଁ ଦନ୍ତ ସଚେତନତା ଶିବିର

ଭୁବନେଶ୍ୱର, (ସବ୍ୟୁ): ହିଣ୍ଡାଲ୍‌କୋ ମିନାକ୍ଷୀ କୋଇଲା ଖଣି ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦନ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ସୁନ୍ଦରଗଡ଼ ଜିଲ୍ଲା ହେମଗିରି ସ୍ଥିତ ଦୂରୁବାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କିରିପସିରା ଉଚ୍ଚ ପ୍ରାଥମିକ



ବିଦ୍ୟାଳୟରେ ଏହି ଶିବିର ଆୟୋଜନ ହୋଇଛି । ଉକ୍ତ ଶିବିରରେ କମ୍ପାନୀ ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ ସ୍ୱାସ୍ଥ୍ୟ ବିଶେଷଜ୍ଞ ଛାତ୍ରଛାତ୍ରୀଙ୍କୁ ଦାନ୍ତ ଯତ୍ନ, ଦାନ୍ତ ସଫେଇ କୌଶଳ ଓ ଦାନ୍ତ ସଫା ହେବ ଦ୍ୱାରା ଏହାର ସ୍ୱାସ୍ଥ୍ୟ ପ୍ରତି ଉପଦେୟତା ସମ୍ପର୍କରେ ବୁଝାଇଥିଲେ । ଏଥିସହିତ ଶିକ୍ଷାର୍ଥୀଙ୍କୁ ଦାନ୍ତ ସଫା ନିମନ୍ତେ ଆବଶ୍ୟକ ଉପକରଣ କିଟ ବିତାରଣ କରଯାଇଥିଲା । ଏହି ଶିବିରରେ ୭୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ ।

ଉକ୍ତ ଶିବିରରେ କିରିପସିରା ପଞ୍ଚାୟତ ପୂର୍ବତନ ସରପଂଚଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ଓ କମ୍ପାନୀ ମାନବ ସମ୍ବଳ ପ୍ରମୁଖ ଶରଦ ହୁରକତ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ହୁରକତ କହିଛନ୍ତି ଯେ, ଦୈନନ୍ଦିନ ଜୀବନରେ ଦାନ୍ତ ସ୍ୱାସ୍ଥ୍ୟ ପ୍ରତି ଶିକ୍ଷାର୍ଥୀମାନେ ଯତ୍ନବାନ ହେବା ଉଚିତ । ଯାହାଫଳରେ ନିଜେ ସୁସ୍ଥ ଜୀବନ ଅତିବାହିତ ସହିତ ଶିକ୍ଷାର୍ଥୀ ଜୀବନରେ ମଧ୍ୟ ଶୃଙ୍ଖଳିତ ହୋଇ ସଫଳତା ହାସଲ କରିପାରିବେ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ଏହି ଦାନ୍ତ ଶିବିର ସମ୍ପର୍କରେ ପ୍ରତିକ୍ରିୟା ଦେଇ ହିଣ୍ଡାଲ୍‌କୋ ଅଧ୍ୟକ୍ଷ କୈଳାଶ ପାଣ୍ଡେ ଏହାକୁ ଭୂୟସି ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ହିଣ୍ଡାଲ୍‌କୋ କମ୍ପାନୀ ସ୍ଥାନୀୟ ଓ ଖଣି ପ୍ରଭାହିତ ଅଂଚଳରେ ଲୋକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ସମୟରେ ପ୍ରତିରୋଧକ ଏବଂ ସଚେତନାତ୍ମକ କାର୍ଯ୍ୟକ୍ରମ କରିଆସିଛି । ଏହିକ୍ରମରେ ଦାନ୍ତ ସଚେତନତା ଶିବିର କମ୍ପାନୀର ଅନ୍ୟତମ ପଦକ୍ଷେପ । ଏହାଦ୍ୱାରା ଯୁବ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଉତ୍ତମ ଅଭ୍ୟାସରେ ପରିଣତ ହେବ । ଫଳସ୍ୱରୂପ ଆଗାମୀ ଭବିଷ୍ୟତରେ ଶିକ୍ଷାର୍ଥୀମାନେ ଏହି ଅଭ୍ୟାସ ବଳବର୍ତ୍ତ ରହିବା ସହିତ ଏକ ସୁସ୍ଥ ଜୀବନ ଅତିବାହିତ କରିବେ। ଉକ୍ତ ଶିବିର ଶ୍ରୀମତୀ ନିହାରିକା ସାହୁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଅନ୍ୟ ସିଏସଆର ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ ।

## "ବିଶ୍ୱ ଓଡିଆ ପରିବାର"ପକ୍ଷରୁ, ସେପ୍ଟେମ୍ବରରେ ହେବ

# ଦୁଇ ଦିନିଆ "ସୁସ୍ଥ ଓଡିଶା – ବିକଶିତ ଓଡିଶା ୨୦୩୬-୨୦୪୭" ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ସରକାର "ଓଡିଶା ଭିଜନ-୨୦୩୬ । ୨୦୪୭" ନାମରେ ଏକ ପ୍ରଗତିଶୀଳ ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି । ଏହାର ଲକ୍ଷ୍ୟ ହେଉଛି, ୨୦୪୭ ସୁଦ୍ଧା ରାଜ୍ୟର ଅର୍ଥନୀତିକୁ ୧.୫ ଟ୍ରିଲିୟନ ଡଲାରକୁ ପରିଣତ କରିବା । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, "ଏହି ଭିଜନ ବା ସ୍ୱପ୍ନ କେବଳ ଏକ ନୀତିଗତ ଦସ୍ତାବିଜ ନୁହେଁ, ବରଂ ଓଡିଶାବାସୀଙ୍କ ସାମୁହିକ ସ୍ୱର" । ଏହି ଭିଜନ ବା ସ୍ୱପ୍ନ ହେଉଛି ଏକ ଜୀବନ୍ତ ଓ ପରିବର୍ତନଶୀଳ, ଯାହାକି ସମୟ ସହିତ ତାଳ ଦେଇ ଏବଂ ନୂତନ ସମ୍ଭାବନା ଓ ସୁଯୋଗକୁ ସଠିକ ଉପଯୋଗ କରି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ "ବିକଶିତ ଓଡିଶା – ବିକଶିତ ଭାରତ" ଗଠନରେ 'ଓଡିଶା ରାଜ୍ୟ' ନେତୃତ୍ୱ ନେବ ।

କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହାକୁ ସହସ୍ରାବ୍ଦୀ ଲକ୍ଷ୍ୟ ଭାବରେ ଘୋଷଣ କରିଛନ୍ତି ଏବଂ ସେହି ଅନୁଯାୟୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ




ଗ୍ରହଣ କରିଛନ୍ତି । ଓଡିଶା ସରକାର ସହସ୍ରାବ୍ଦୀ ଲକ୍ଷ୍ୟ ସହିତ ୨୦୨୪ ମସିହାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଲୋକଙ୍କ ଦ୍ୱାରରେ ପହଂଚାଇବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୨୦୩୬ ବିକଶିତ ଓଡିଶା ଲକ୍ଷ୍ୟ ପୂର୍ତି କ୍ଷେତ୍ରରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ଦ୍ୱାରରେ ପହଂଚାଇବା ପାଇଁ "ବିଶ୍ୱ ଓଡିଆ ପରିବାର" ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ଏହି ସବୁ କାର୍ଯ୍ୟକ୍ରମ ମଧ୍ୟରେ 'ସ୍ୱାସ୍ଥ୍ୟ ସଚେତନତା ବାର୍ତାକୁ ଘରେ ଘରେ ପହଂଚାଇବା ପାଇଁ ସଂପାନ, କର୍ମଶାଳା ଆୟୋଜନ, ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସେବାକ୍ଷେତ୍ର ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ; ଚିକିତ୍ସକ, ଫାର୍ମା କଂପାନୀ, ଚିକିତ୍ସା ତାଲିମ ଅନୁଷ୍ଠାନ ଓ ଚିକିତ୍ସା ସହାୟକମାନଙ୍କ ସଂଯୋଗୀକରଣ ଆଦି ପଦକ୍ଷେପ ଅନ୍ୟତମ ।

"ଓଡିଶା ଭିଜନ-୨୦୩୬ । ୨୦୪୭" କୁ ବାସ୍ତବ ରୂପ ଦେବା ନିମନ୍ତେ ସାଧାରଣ ଲୋକଙ୍କ ପାଖରେ ପହଂଚାଇବାର ଏକ ପ୍ରୟାସ ଆରମ୍ଭ କରିଛି ବିଶ୍ୱ ଓଡ଼ିଆ ପରିବାର । ଏହି ପରିପ୍ରେକ୍ଷୀରେ ଏକ ଦୁଇ ଦିନିଆ "ସୁସ୍ଥ ଓଡିଶା – ବିକଶିତ ଓଡିଶା: ୨୦୩୬ ।୨୦୪୭" ସମ୍ମିଳନୀ ଆୟୋଜନ କରିବାକୁ ଯୋଜନା କରିଛି । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ "ଓଡିଶା ଭିଜନ-୨୦୩୬ । ୨୦୪୭"ର ରୂପରେଖ ଏବଂ ଆଭିମୁଖ୍ୟ ପ୍ରସଙ୍ଗରେ ମତାମତ ରଖିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ସମେତ ସ୍ୱାସ୍ଥ୍ୟ ସଂପର୍କିତ ବହୁ ବରିଷ୍ଠ ଅଧିକାରୀବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ପ୍ରତିଷ୍ଠିତ ଚିକିତ୍ସକ, ମେଡିକାଲ କଲେଜ, ଗବେଷଣାରତ ଅନୁଷ୍ଠାନ, ପାରାମେଡିକାଲ ଶିକ୍ଷା ସଂସ୍ଥା, ସରକାରୀ ଓ ଘରୋଇ ହସପିଟାଲ, ଫାର୍ମା କଂପାନୀ, ସର୍ଜିକାଲ ଓ ମେଡିକୋ ଉପକରଣ କଂପାନୀ, ନିଦାନ ସଂସ୍ଥା, ସ୍ୱାସ୍ଥ୍ୟ ବୀମା କଂପାନୀ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଫ୍ଟୱେୟାର କଂପାନୀମାନେ ଅଂଶୀଦାର ଭାବେ ସାମିଲ ହୋଇ ମତାମତ ରଖିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ସଂଗଠନ ପକ୍ଷରୁ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି ।

## ସଡକ ଦୁର୍ଘଟଣାରେ ଛାତ୍ରୀ ମୃତ୍ୟୁ ଘଟଣା
# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା

ଛତ୍ରପୁର, (ସବ୍ୟୁ): ଗତକାଲି ଛତ୍ରପୁର ଜାତୀୟ ରାଜପଥ ଡିଆରଡିଏ ଛକ ନିକଟରେ ଟ୍ରକ୍ ଦୁର୍ଘଟଣାରେ ଜଣେ ନାବାଳିକା ଛାତ୍ରୀର ମୃତ୍ୟୁ ହୋଇଥିବାବେଳେ ବାପା ଓ ଦୁଇ ଭାଇ ଅଳ୍ପକେ ବର୍ତିଥିଲେ। ମୃତ ଛାତ୍ରୀ ଜଣକ ହେଲେ କାଳିଆବାଲିର ଅବସରପ୍ରାପ୍ତ ଆର୍ମି କର୍ମଚାରୀ ଏସ୍.ଦେବରାଜ ରେଡ୍ଡିଙ୍କ ଝିଅ ଏସ୍.ସୃତି ରେଡ୍ଡି(୧୫)। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ସୂଚନା ମୁତାବକ ଦେବରାଜ ନିଜ ସ୍କୁଟି ଯୋଗେ ଦୁଇ ପୁଅ ଓ ଝିଅକୁ ବସାଇ କାଳିଆବାଲିରୁ ଛତ୍ରପୁରକୁ ଟ୍ୟୁସନକୁ ଛାଡିବାକୁ ଆସୁଥିଲେ । ଛତ୍ରପୁର ଜାତୀୟ ରାଜପଥ ଡିଆରଡିଏ ଛକରୁ ଛତ୍ରପୁର ଅଭିମୁଖେ ବୁଲିବା ସମୟରେ ଏକ ଗାଡି ତାଙ୍କୁ ଅତିକ୍ରମ କରିଥିବାରୁ ସ୍କୁଟି ଚାଳକ ଭାରସାମ୍ୟ ହରାଇ ରାଜପଥରେ ପଡିଯାଇଥିଲେ। ସେହି ସମୟରେ ପଛପଟୁ ଏକ ଟ୍ରକ ଓଡି୦୨ ସିଏମ ୩୧୬୫ର ଚକ ତଳେ ଝିଅ ସୃତି ପଡିଯାଇ ମୃତ୍ୟୁ ବରଣ କରିଥିଲେ ଓ ଅନ୍ୟମାନେ ରାସ୍ତାରେ ଛିଟିକି ପଡିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ମେଡିକାରେ ଭର୍ତି କରାଯାଇଥିବା ବେଳେ ଡାକ୍ତର ସୃତିକୁ ମୃତ୍ୟୁ ଘୋଷଣା କରିଥିଲେ। ଦୁଇ ଭାଇ ଏସ୍.ବିକାଶ ଓ ଏସ. ଲୋକେଶ ଏବଂ ବାପା ଏସ.ଦେବାରାଜ ବର୍ତ୍ତି ଯାଇଥିଲେ । ଏସ୍, ସୃତି କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ।

## ଘରେ ପଶି ମହିଳାଙ୍କୁ ହତ୍ୟା ମାମଲା
# କର୍ଣ୍ଣାଟକ ଷ୍ଟେସନରୁ ଗିରଫ, ଜେଲ୍ ଗଲା ଅଭିଯୁକ୍ତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗର ୨ୟ ଲାଇନରେ ଜଣେ ମହିଳା ଗାୟତ୍ରୀ ସ୍ୱାଇଁ(୩୨)ଙ୍କୁ ଅତି ନିର୍ମମ ଭାବେ ଘର ଭିତରେ ହତ୍ୟା କରାଯାଇଥିଲା। ପୋଲିସ ଉକ୍ତ ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି। ହତ୍ୟାକାରୀଙ୍କୁ କାର୍ଣ୍ଣାଟକାର ଓ୍ୱାଡ଼ି ରେଳଷ୍ଟେସନରୁ ରେଳବାଇ ସୁରକ୍ଷା ବଳ ସହାୟତାରେ କାବୁ କରାଯାଇଥିଲା। ଅଭିଯୁକ୍ତ ଜଣଙ୍କ ବାଲେଶ୍ୱର ର ଶାନ୍ତନୁ କୁମାର ପାତ୍ର(୩୦)। ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ୪ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଅଣାଯାଇଥିଲା। ମଙ୍ଗଳବାର ତାଙ୍କୁ ବ୍ରହ୍ମପୁର ଏସଡ଼ିଜେଏମ କୋର୍ଟରେ ହାଜର କରାଯାଇଥିଲା। ପରେ କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ନିମଖଣ୍ଡି ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ୪ ଦିନି ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲେ। ଏନେଇ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି।

ଅଭିଯୁକ୍ତଙ୍କ ଠାରୁ ହତ୍ୟାରେ ବ୍ୟବହୃତ ହୋଇଥିବା କାତି ଜବତ ହୋଇଛି । ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପୋଲିସ ଉକ୍ତ ହତ୍ୟା ଘଟଣାର କ୍ରାଇମସିନ ରିକ୍ରିଏସନ କରିବ ବୋଲି ସେ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଉକ୍ତ ଅଭିଯୁକ୍ତ ଶାନ୍ତନୁ ବିବାହିତ ଥିବା ବେଳେ ୨୦୧୯ ମସିହାରେ ନିଜର ଦୁଇ ସମ୍ପର୍କୀୟ ନାବାଳିକା ଭଉଣୀଙ୍କୁ ସେଠାରେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଥାନାରେ ତାଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଛି। ସେଠାରୁ ସେ ଫେରାର ହୋଇ ବିଭିନ୍ନ ସ୍ଥାନରେ ନିଜର ନାମ ବଦଳାଇ ରହୁଥିଲେ। ଏପରିକି ଅନେକ ଅପରାଧିକ କାର୍ଯ୍ୟକଳାପରେ ମଧ



ତାଙ୍କର ସମ୍ପୃକ୍ତ ଥିବା ଜଣାପଡିଛି। ୨୦୨୨ ରେ ଫେସବୁକରେ ଗାୟତ୍ରୀ ସ୍ୱାଇଁଙ୍କ ସହ ଜଣେ ଯୁବକଙ୍କ ସମ୍ପର୍କ ହୋଇଥିଲା। ସେ ନିଜକୁ ସୁନୀଲ ସ୍ୱାଇଁ ବୋଲି ପରିଚୟ ଦେଇ ଅନଲାଇନରେ ଗାୟତ୍ରୀ କଥାବାର୍ତ୍ତା ହେଉଥିଲେ। ୨୦୨୩ ରେ ସେ ବ୍ରହ୍ମପୁର ଆସି ବଡବ୍ଜାର ଥାନା ଅନ୍ତର୍ଗତ ଓଁ ବିହାରରେ ରହୁଥିବା ଉକ୍ତ ମହିଳା ଗାୟତ୍ରୀ ସ୍ୱାଇଁଙ୍କୁ ଧରି ସେ ଚାଲିଯାଇଥିଲା। ଏନେଇ ଗାୟତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ନିଖୋଜ ମାମଲା ରୁଜୁ ହୋଇଥିଲା। ସେଠାରୁ ସେମାନେ ମୁମ୍ବାଇ ଚାଲିଯାଇଥିଲେ। ୧୦ ଦିନ ପରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ପାଖକୁ ବ୍ରହ୍ମପୁର ଚାଲି ଆସିଥିଲେ। ଗାୟତ୍ରୀ ସେବେଠାରୁ ସୁନୀଲଙ୍କ ସହ ସମ୍ପର୍କ ରଖିବାକୁ ଚାହୁଁନଥିଲେ। ସୁନୀଲ ବ୍ରହ୍ମପୁର ଆସି ଶକ୍ତିନଗର ନିକଟ ଶ୍ରୀମା ନଗରରେ ଭଡ଼ାରେ ରହି ଲୋଚପଡାରେ ପନିପରିବା ବ୍ୟବସାୟ କରୁଥିଲେ। ଗାୟତ୍ରୀ ତାଙ୍କ ସହ ସମ୍ପର୍କ ରଖୁନଥିବାରୁ ସେ ପ୍ରତିଶୋଧ ପରାୟଣ ହୋଇଥିଲେ। ଗତ ଜୁଲାଇ ମାସରୁ ତାଙ୍କୁ ହତ୍ୟା କରିବା ପାଇଁ ସେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଗାୟତ୍ରୀଙ୍କୁ ହତ୍ୟା ପାଇଁ ସେ ଏକ ଟେପର (ଚିକେନ୍ କାଟିବ କାତି) ତିଆରି କରିଥିଲେ। ଗତ ୧୧ ତାରିଖ ରାତ୍ର ଗାୟତ୍ରୀଙ୍କୁ ସେ ବାରମ୍ବାର ଫୋନ କରିଥିଲେ। ଚିକେନ୍ ଧରି ଆସୁଛି, ସମସ୍ତେ ଖାଇବା ବୋଲି କହିଥିଲେ। ସେ ଚିକେନ୍ ଧରି ଗାୟତ୍ରୀଙ୍କ ଘରକୁ ଯାଇଥିଲେ। ସମସ୍ତେ ଖାଇ ସାରିବା ପରେ ଗାୟତ୍ରୀଙ୍କ ସହ କଥାବାର୍ତ୍ତା ହୋଇ ସେ ସାଥିରେ ନେଇଥିବା ଟେପର ତାଙ୍କ ବେକ କାଟି ଦେଇଥିଲେ। ସେ ମରିଯିବା ପରେ ଧରା ପଡିଯିବା ଭୟରେ ବେଡ଼ରୁମରେ ଶୋଇଥିବା ଗାୟତ୍ରୀଙ୍କ ଝିଅ ନିଲମ ସ୍ୱାଇଁଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ହତ୍ୟା ପରେ ସେ ଉକ୍ତ ଘରୁ ରାତ୍ର ପ୍ରାୟ ସାଢେ ୧୨ ଟା' ବେଳେ ଉକ୍ତ ଘରୁ ବାହାରି ଚାଲିଚାଲି ଯାଉଥିବାର ଦୃଶ୍ୟ ନିକଟରେ ଲାଗିଥିବା ଏକ ସିସିଟିଭି କ୍ୟାମେରାରୁ ପୋଲିସ ଦେଖିବାକୁ ପାଇଛି। ଘଟଣା ଘଟାଇବା ପରେ ସେ ରହୁଥିବା ଘରକୁ ଆସି ନିଜର ପ୍ୟାଣ୍ଟ ଶାର୍ଟ ବଦଳାଇ ସକାଳୁ ବ୍ରହ୍ମପୁର ରେଳଷ୍ଟେସନ ଯାଇଥିଲେ। ସେଠାରୁ ସେ ଟ୍ରେନରେ ବାହାର ରାଜ୍ୟକୁ ଚାଲିଯାଇଥିଲେ।

## ଶ୍ରୀଶ୍ରୀ କୁଞ୍ଜବିହାରୀଜିୟୁଙ୍କ ଦ୍ୱିତୀୟ କନ୍ୟା ହେଲେ ମା' ବିଲ୍ୱମଙ୍ଗଳା
# ମା'ଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଜମିଦାନ

କଟକ, (ସ୍ୱପ୍ର): ସ୍ଥାନୀୟ ୫୧ନଂ ଓ୍ୱାର୍ଡ ଅନ୍ତର୍ଗତ ବେଲେଶ୍ୱର ଗ୍ରାମର ଗ୍ରାମଦେବତୀ ମା' ବିଲ୍ୱମଙ୍ଗଳାଙ୍କୁ ଚାଉଳିଆଗଞ୍ଜର ଶ୍ରୀଶ୍ରୀ କୁଞ୍ଜବିହାରୀଜିଉ ନିଜର ଦ୍ୱିତୀୟ କନ୍ୟା ଭାବରେ ଗ୍ରହଣ କରିବା ପରେ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । ଏନେଇ ଗ୍ରାମବାସୀମାନେ ନିଜର ଖୁସି ବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ପୂର୍ବରୁ ମା' ବିଲ୍ୱମଙ୍ଗଳାଙ୍କ ମନ୍ଦିର ସରକାରୀ ଜାଗାରେ ରହିଥିଲା। ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ମନ୍ଦିର ସ୍ଥାନାନ୍ତରକୁ ନେଇ ଗ୍ରାମବାସୀମାନେ ସଙ୍କଟରେ ପଡିଥିଲେ । ବିଲ୍ୱମଙ୍ଗଳାଙ୍କ ମନ୍ଦିରକୁ ନୂତନ ଭବ୍ୟମନ୍ଦିର ଭାବେ ଗଢ଼ିତୋଳିବାର ସ୍ୱପ୍ନକୁ ସାକାର କରିବା ପାଇଁ କୁଞ୍ଜବିହାରୀଜୀଉଙ୍କ ନିଜସ୍ୱ ଜମିର କିଛି ଅଂଶ ପ୍ରଦାନ



କରିବା ପାଇଁ କୁଞ୍ଜବିହାରୀ ଟ୍ରଷ୍ଟି ସମ୍ମତି ପ୍ରଦାନ କରିଥିବାରୁ ବେଲେଶ୍ୱର ଗ୍ରାମାବାସୀମାନେ ଟ୍ରଷ୍ଟିର ମୁଖ୍ୟ ସଂଗ୍ରାମ କେଶରୀ ପାତ୍ର ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମା' ବିଲ୍ୱମଙ୍ଗଳାଙ୍କ ନିକଟରେ ସେ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

# ଡକାୟତି ଯୋଜନା ବେଳେ ୫ ଗିରଫ, ମାରଣାସ୍ତ୍ର ଜବତ

ଭଂଜନଗର, (ସବ୍ୟୁ): ଡକାୟତି ଯୋଜନା କରୁଥିବାବେଳେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଗାଙ୍ଗପୁର ଥାନା ପୋଲିସ । ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର, କାତି, ମଦ ବୋତଲ, ୫ ଟି ମୋବାଇଲ, ଏବଂ ଓଡି ୧୪ - ୬୮୫୪ ନମ୍ବର ଯୁକ୍ତ ଏକ କାର୍ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ସଂଜୟ ବେହେରା, ଆକାଶ ବେହେରା, ଅନିଲ୍ ବେହେରା, ରାଜା ବେହେରା ଏବଂ ପପୁନ୍ ପଣ୍ଡା ବୋଲି ଗାଙ୍ଗପୁର ଥାନାଧିକାରୀ ସୂଚନା ଦେଇଛନ୍ତି । ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପାଲକଷଣ୍ଡାରେ ନଳଯାତ୍ରା

ଭଂଜନଗର, (ସବ୍ୟୁ): କ୍ଷତ୍ରିୟବରପୁର ନିକଟସ୍ଥ ପାଲକଷଣ୍ଡା ଠାରେ ଆୟୋଜିତ ହୋଇଯାଇଛି ପାରମ୍ପରିକ ପର୍ବ ନଳଯାତ୍ରା । ପାରମ୍ପରିକ ରୀତିନୀତି ଅନୁସାରେ ପାଖ ଜଙ୍ଗଲରୁ ସଂଗୃହିତ ହୋଇଥିବା ନଳ ବାଉଁଶକୁ ଅଣାଯାଇ ନୂଆଁ ଲୁଗା ଏବଂ ଫୁଲରେ ସଜାଇଥିଲେ ପୂଜକ । ନଳ ବାଉଁଶ ଦେହରେ ଗାଁର ତିନି ଠାକୁରାଣୀ ତଥା ମା' ଷଣ୍ଢେଶ୍ୱର, ମା' କାଲୁଆ ଏବଂ ମା' ଦୋଲୁଆଙ୍କୁ ଆବାହନ କରାଯାଏ । ଗାଁ କରଣଙ୍କ ଘର ଆଗରେ ନଳ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ପରେ, ମାନସିକଧାରୀ ତାହାକୁ ଧରି ନାଚି ନାଚି ଗାଁ ପରିକ୍ରମା କରିଥିଲେ । ଏହା ଏକ କୃଷି ଭିତ୍ତିକ ପର୍ବ ହୋଇଥିବାରୁ ଧାନରୁଆ କାର୍ଯ୍ୟ ସରିବା ପରେ, କ୍ଷେତରେ ରୋଗ ପୋକ ନିୟନ୍ତ୍ରଣ, ବର୍ଷାକୁ ଆବାହନ ଏବଂ ଭଲ ଫସଲ ଅମଳ ପାଇଁ ଏହି ପର୍ବ ପାଳନ କରାଯିବାର ବିଶ୍ୱାସ ରହିଛି । ଗାଁ ମୁଖିଆ ମାନଙ୍କ ଦ୍ୱାରା, ଭାଦ୍ରବ ମାସର ଯେକୌଣସି ସୋମବାର ଦିନ, ଏହି ପର୍ବ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଏ । ମନ୍ଦିର ମାଳିନୀ ଏହି ଗାଁରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ, ନଳ ବାଉଁଶ ଯାତ୍ରାର ଏକ ସ୍ୱତନ୍ତ୍ରତା ରହିଛି । ଦିନ ତମାମ ଆୟୋଜିତ ହେଉଥିବା ଏହି ପର୍ବରେ ଗ୍ରାମର ସମସ୍ତ ପରିବାର ସାମିଲ ହୋଇଥିଲେ। ଆଖପାଖ ଗାଁର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ତିନି ଠାକୁରାଣୀଙ୍କୁ ମେଲାଣି ଦିଆଯାଇଥିଲା । ଏହି ପର୍ବ ପାଳନ ଦ୍ୱାରା ଗାଁର ଏକତା ଏବଂ ଭାଇଚାରାର ସମ୍ପର୍କ ସୃଷ୍ଟି ହୋଇଥାଏ । ସମସ୍ତ କାର୍ଯ୍ୟକ୍ରମ କୁ ଗାଁ କାର୍ଜୀ ମଦନମୋହନ ସ୍ୱାଇଁ, ଗାଁ କରଣ ମୁଖ୍ୟ ରବିନ୍ଦ୍ର ପଟ୍ଟନାୟକଙ୍କ ସମେତ ଗାଁ ମୁଖିଆ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

# ଆତ୍ମହତ୍ୟା ନୁହେଁ, ଜୀବନ ଚାହେଁ ଉପରେ ମାରିସାର ସଚେତନତା




ବାରିପଦା, (ସବ୍ୟୁ) : ସମ୍ପ୍ରତି ରାଜ୍ୟରେ ବଢୁଥିବା ଆତ୍ମହତ୍ୟାକୁ ନେଇ ମଙ୍ଗଳବାର ବାଇଗଣବାଡିଆ ସ୍ଥିତ ବିବି କଲେଜ ସମ୍ମୁଖରେ ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍(ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବଶକ୍ତି ହେଉଛନ୍ତି ଦେଶ ତଥା ରାଷ୍ଟ୍ର ଗଠନର ଉତ୍ସ। କିନ୍ତୁ ସବୁଦିନ ସମ୍ବାଦପତ୍ରରେ ଯୁବଗୋଷ୍ଠୀଙ୍କ ଆତ୍ମହତ୍ୟା ଖବର ସାରା ବିଶ୍ୱ ପାଇଁ ଚିନ୍ତାଜନକ ହୋଇପଡ଼ିଛି। ପାରିବାରିକ କଳହ, ପ୍ରେମ ଜନିତ, ପରୀକ୍ଷାରେ ଅକୃତକାର୍ଯ୍ୟ ତଥା ଅନ୍ୟାନ୍ୟ କାରଣରୁ ଯୁବଗୋଷ୍ଠୀ ଆତ୍ମହତ୍ୟା କରୁଛନ୍ତି। ପ୍ରତିଦିନ ଆତ୍ମହତ୍ୟାର ହାର କ୍ରମାଗତ ଭାବେ ବଢିଚାଲିଛି। ମନୁଷ୍ୟ ଜୀବନ ଏକ ମୂଲ୍ୟବାନ ଜୀବନ। ଯୁବସମାଜ ଏଥିପ୍ରତି ସଚେତନ ନହେଲେ ଭବିଷ୍ୟତରେ ଆତ୍ମହତ୍ୟା ଏକ ମହାବ୍ୟାଧିରେ ପରିଣତ ହେବ ବୋଲି ସ୍ଲୋଗାନ ଦେଇ ମାରିସା ପକ୍ଷରୁ ସଚେତନ କରାଯାଇଥିଲା। ତତ୍‌ସହିତ ସ୍କୁଲ୍, କଲେଜ ଏବଂ ହଷ୍ଟେଲ ଗୁଡିକରେ ମହିଳାମାନଙ୍କ ଉପରେ ବଢି ଚାଲିଥିବା ନିର୍ଯ୍ୟାତନା, ଆକ୍ରମଣ ଓ ଶୋଷଣ ଆଦିର ବିଚାର ପାଇଁ ଏବଂ ପୀଡିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ 'ମହିଳା ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ କମିଶନ ଗଠନ କରିବାକୁ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଦାବୀ କରିଛନ୍ତି। ଛାତ୍ରୀନିବାସ ଗୁଡିକରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବାର ଘଟଣା ପ୍ରତ୍ୟକ ଦିନ ବଢ଼ିବାରେ ଲାଗିଛି ତେଣୁ ଅଭିଯୁକ୍ତ ଶିକ୍ଷକ ବା ଦୋଷୀ ବିରୁଦ୍ଧରେ ଦୃଢ଼ ଦଣ୍ଡବିଧାନ ପ୍ରଣୟନ ପାଇଁ ସରକାରଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ କରୁଣାକର ଟୁଡ୍ଡୁ, ବିଶ୍ୱଜିତ୍ ମହାନ୍ତ, କିଶୋର ନାଏକ, ରଣଜିତ୍ ମୁର୍ମୁ, ଶିବା ସୋରେନ୍, ବ୍ରଜ ସିଂ, ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଆସୋସିଏସନର ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ

ବାରିପଦା, (ସବ୍ୟୁ) : ବିଶ୍ୱଫଟୋଗ୍ରାଫି ଦିବସ ୨୦୨୫, ମୟୂରଭଞ୍ଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ସାଇବିନାୟକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଖଣ୍ଡ ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା ଓ ବାରିପଦା ପୌରପରିଷଦ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇ ଆଜିର ଦିବସରେ ମୟୂରଭଞ୍ଜ ଜିଲ୍ଲାର ୫ଜଣ ବର୍ଷିୟାନ ଫଟୋଗ୍ରାଫରଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରଥିଲେ । ସେମାନେ ଯଥାକ୍ରମେ ଉଦଳାରୁ ଆଶିଷ ମହାନ୍ତି, (ଆଶିଷ ଷ୍ଟୁଡ଼ିଓ) କୁଳିଅଣାରୁ ମନ୍ମଥ ନାଏକ (ମିନି ଷ୍ଟୁଡ଼ିଓ), ବାଙ୍ଗିରିପୋଷି ରୁ ସୋମନାଥ ନାଏକ (ମାନସୀ ଷ୍ଟୁଡ଼ିଓ), କରଞ୍ଜିଆରୁ ନଳିନ୍ଦ୍ର କୁମାର ସେଠି (ଅଞ୍ଜନା ଷ୍ଟୁଡ଼ିଓ) ଓ ରାଇରଙ୍ଗପୁରର ଛଟୁପୋଦକ ମୋଦକ (ଷ୍ଟୁଡ଼ିଓ ମୋନାଲିସା) । ଏସୋସିଏସନର ସଭାପତି ସଂଜୀବ କୁମାର ଦ୍ୱିବେଦୀ ଏହି କାର୍ଯ୍ୟକ୍ରମକୁ ପୌରହିତ କରିଥିବା ବେଳେ, ସମ୍ପାଦକ ଭାବନୀ ଶଙ୍କର ରାମ ଧନ୍ୟବାଦ ଅର୍ପଣ ଦେଇଥିଲେ । ମୟୂରଭଞ୍ଜ ଜିଲ୍ଲାରୁ ଶତାଧିକ ଫଟୋଗ୍ରାଫର ଯୋଗ ଦେଇଥିବାବେଳେ ଆସନ୍ତା ଡିସେମ୍ବର ୨୧-୨୦୨୫ରେ ବାର୍ଷିକ ଉତ୍ସବ କରାଯିବାର ଘୋଷଣା କରାଯାଇଥିଲା ।

# ପ୍ରକାଶ ପାଇବ ଅମୃତ ଅନୁଭବ

କଟକ, (ସ୍ୱପ୍ର): କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ପୁଣ୍ୟତିଥି ଅବସରରେ ପୁଜ୍ୟପୂଜା ସମାରୋହ ଆସନ୍ତା ସେପ୍ଟେମ୍ବର ୧୫ତାରିଖରେ ଅନୁଷ୍ଠିତ ହେବ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ଧନେଶ୍ୱର ରଥ ଫାଉଣ୍ଡେସନ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି, ସମାଜସେବା, କ୍ରୀଡା ଆଦି କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ରାଜ୍ୟର ୫ଜଣ ପ୍ରତିଭାସମ୍ପନ୍ନଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ -୨୦୨୫ରେ ସମ୍ମାନିତ କରାଯିବ । ଏହି ଉପଲକ୍ଷେ ସ୍ମରଣିକା ଅମୃତ ଅନୁଭବ ମଧ ପ୍ରକାଶ ପାଇବ । ଏଥିରେ ସ୍ୱର୍ଗୀୟ ଧନେଶ୍ୱର ରଥଙ୍କ କର୍ମମୟ ଜୀବନୀ, ତାଙ୍କ ସ୍ୱପ୍ନର ଶିକ୍ଷାନୁଷ୍ଠାନ ଡ୍ରିମ୍‌ସ ସଂପର୍କରେ ଏବଂ ଶିକ୍ଷା ତଥା ଆଧାତ୍ମିକ ଗଦ୍ୟ, କବିତା, ଶିକ୍ଷଣୀୟ ଲେଖା ସ୍ଥାନ ପାଇବ । ଲେଖା ଗୁଡିକ ସଂକ୍ଷିପ୍ତ ହୋଇଥିବା ଦରକାର । ଆଗ୍ରହୀ ଲେଖକଲେଖିକା ଅଗଷ୍ଟ ୩୦ତାରିଖ ସୁଦ୍ଧା ସଂଯୋଜକ ପୂଜ୍ୟପୂଜା ସମାରୋହ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକ-୭୫୪୦୨୨ ଠିକଣାରେ ଲେଖା ପଠାଇବା ଆବଶ୍ୟକ । ଅଧିକ ବିବରଣୀ ପାଇଁ ମୋବାଇଲ ନଂ ୯୪୩୭୧୨୦୯୪୫ ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବୁଗୁଡା, (ସବ୍ୟୁ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ବୁଗୁଡା ଅଞ୍ଚଳର ପିପୁଲ୍ସ କଲେଜ ଓ ଶ୍ରୀବଳଦେବଜୀୟୁ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧାପକ ଓ କର୍ମଚାରୀମାନେ ୧୯ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାଯାଇଛି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଗତ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଛନ୍ତି। ସେମାନଙ୍କୁ ସରକାରୀ ଅନୁଦାନରୁ ବଞ୍ଚିତ ନକରିବାକୁ ଦାବି କରିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିଜ ନିଜର କଲେଜ ଅଧକ୍ଷଙ୍କୁ ପ୍ରଦାନ କରିବା ସହ ଶିକ୍ଷାନୁଷ୍ଠାନର ମୁଖ୍ୟ ଫାଟକ କଡରେ ପାଲ ପକାଇ ଧାରଣାରେ ବସିଛନ୍ତି । ଏହି ଦାବି ପୂରଣ ଲକ୍ଷ୍ୟରେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି ।

# ଧାରଣାରେ ବୁଗୁଡା ରାଜସ୍ୱ ଅମଳା, ଲୋକସେବା ବାଧାପ୍ରାପ୍ତ

ବୁଗୁଡା, (ସବ୍ୟୁ): ୧୦ ଦଫା ଦାବି ନେଇ ରାଜ୍ୟ ଅମଲା ସଂଘ ଗତ ୧୧ ତାରିଖ ଦିନଠୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇ ଆସୁଥିବା ବେଳେ ବୁଗୁଡା ତହସିଲ କାର୍ଯ୍ୟାଳୟର ୧୦, ଆଇସିଡିଏସ କାର୍ଯ୍ୟାଳୟର ୨ ଓ ବ୍ଲକ କାର୍ଯ୍ୟାଳୟର ୩ ଜଣ ଅମଲା ବ୍ରହ୍ମପୁର ସବକଲେକ୍ଟର ଅଫିସ୍ ପ୍ରାଙ୍ଗଣରେ ସଂଘର ଅନ୍ୟାନ୍ୟ ଅମଲାଙ୍କ ସହିତ ଧାରଣା ଦେଇ ଆସୁଛନ୍ତି। ସେମାନଙ୍କ ଦାବି ପୂରଣ ନହେବା ଯାଏଁ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଂଘ ଚେତାବନୀ ଦେଇଛି। ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ବିଭାଗୀୟ କାମ ଏକ ପ୍ରକାର ଅଚଳ ହୋଇପଡିଛି। ସୂଚନାଯୋଗ୍ୟ ଯେ, ମୂଳ ଦରମା ଓ ଆରଏସପି -୨୦୧୭ ନିୟମ ଅନୁଯାୟୀ ଲେବେଲ-୯କୁ ବୃଦ୍ଧି କରିବା, ନୂତନ ପଦ ସୃଷ୍ଟି ଓ ପଦବୀ ପୁନଃଗଠନ, ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, କର୍ମଚାରୀଙ୍କ ମୃତ୍ୟୁ ହେଲେ ପରିବାରର ଜଣକୁ ନିଯୁକ୍ତି ଦେବା, ରାଜସ୍ୱ ଅମଲାଙ୍କୁ ଶତ ପ୍ରତିଶତ ପଦୋନ୍ନତି ଓ ପୁରାତନ ପେନସନ ପ୍ରଦାନ କରିବା ଦାବିରେ ଏହି ଆନ୍ଦୋଳନ ଜାରି ରହିଛି। ତେବେ ଗତ ୮ ତାରିଖରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର ଅମଲାମାନେ ତହସିଲଦାରଙ୍କୁ ଏନେଇ ଏକ ଦରଖାସ୍ତ ଦେଇ ୧୧ ତାରିଖରୁ ଆନ୍ଦୋଳନରେ ସାମିଲ ହୋଇଥିବାରୁ ତହସିଲ କାର୍ଯ୍ୟାଳୟରେ ଲୋକଙ୍କ କାମ ଏକ ପ୍ରକାର ଠପ୍ ହୋଇଯାଇଥିବା ବେଳେ କାର୍ଯ୍ୟାଳୟ ଖାଁ ଖାଁ ଲାଗୁଥିବା ଦେଖିବାକୁ ମିଳିଛି।

# ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକଙ୍କ ଦୁଇଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ

ବାରିପଦା, (ସବ୍ୟୁ) : ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ତଥା ଜିଲ୍ଲା ନୋଡାଲ ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ, ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଆଜି ପ୍ରଥମଦିନରେ କ୍ଷେତ୍ର ପରିଦର୍ଶନରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରି ହେଉଥିବା ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଜନ କଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ କ୍ରମରେ ଆଜି ଶ୍ରୀ ଚୌଧାରୀ ପ୍ରଥମେ ବେତନଟୀ ବ୍ଲକ ଅଧିନସ୍ଥ ପୁରୁଣୀଆ ଜିପିର ଅଙ୍ଗାରୁଆରେ ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଏବଂ ସେଠାରୁ ବେତନଟି ଗ୍ରାମର ପିଏମ ଶ୍ରୀସ୍କୁଲକୁ ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କ ସହିତ ଭାବବିନିମୟ କରିଥିଲେ। ଏହାପରେ ବେତନଟି ଜିପିରେ ଆମଯୋଡ଼ା କୁଷ୍ଠ କଲୋନୀରେ ହିତାଧିକାରୀ ମାନଙ୍କ ସହିତ ଅନ୍ତ୍ୟୋଦୟ ଗୃହ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ସୁବିଧା ପାଉଛନ୍ତି କି ନାହିଁ ସେ ବିଷୟରେ ଆଲୋଚନା କରିଥିଲେ। ସେଠାରୁ ଶାଳବଣୀ ସ୍ଥିତ ଏସ ଏସ ଡି ହାଇସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେଠାରୁ ଦାନ୍ତିମୁହାଁର ଟସର ରିଲର ସମବାୟ ସମିତି (ଟିଆରସି ଏସ)ଯାଇ ରେଶମ ପୋକ ପାଳନ କେନ୍ଦ୍ର ଅନୁଧ୍ୟାନ କରିବା ସହ ରେଶମ ଚାଷ ଅନ୍ତର୍ଗତ ଏମ ଜି ଏନ ଆର ଜି ଏସ ର ବୃକ୍ଷ ରୋପଣ ସ୍ଥାନ ଦେଖିଥିଲେ। ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବିଭାଗ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଉକ୍ତ ବୈଠକ ରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଉପଜିଲ୍ଲାପାଳ ରାଇରଙ୍ଗପୁର ସୌମ୍ୟ ରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଆଇଏଏସ ପ୍ରବେଶନର କାଶିଷ ବକ୍ସି, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ,ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଓ ଏସିଡିଓ ଶାନ୍ତନୁ କୁମାର ନାୟକ ଯୋଗ ଦେଇଥିଲେ। ଏହି ସମୀକ୍ଷା କ୍ରମରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ନଗର ଉନ୍ନୟନ ବିଭାଗର ପାନୀୟ ଜଳ ଯୋଗାଣ ଓ ପରିମଳ ଯୋଜନା, ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁ ବନ୍ଧନ ଯୋଜନା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପିଏମଶ୍ରୀ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା, ପୋଷଣ ଯୋଜନା, ସାଧାରଣ ଯୋଗାଣ, ଜାତୀୟ ସାମାଜିକ ସୁରକ୍ଷା, ସମବାୟ, ଗ୍ରାମ୍ୟ ବିଦ୍ୟୁତ୍ ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ। ଆଜିର ସମୀକ୍ଷା ବୈଠକ ରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜି ବାରିପଦା ଠାରେ ରାତ୍ରି ଯାପନ ପରେ ଆସନ୍ତା କାଲି ଜିଲ୍ଲାର ଆଉ କିଛି କ୍ଷେତ୍ର ପରିଦର୍ଶନ କରି ଅପରାହ୍ନରେ ଶ୍ରୀ ଚୌଧାରୀ ଭୁବନେଶ୍ୱର ପ୍ରତ୍ୟାବର୍ତନ କରିଯିବାର କାର୍ଯ୍ୟକ୍ରମ ରହିଛି।

# ଭଞ୍ଜସେନା ପକ୍ଷରୁ ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ଭଞ୍ଜସେନା ପକ୍ଷରୁ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲ୍ଲା, ରାଜ୍ୟ ଓ ଦେଶର ସମସ୍ତ ଅଧିକାରୀଙ୍କୁ ଏବାବଦରେ ଅବଗତ କରିଲା ପରେ କୌଣସି ସୁଫଳ ନମିଳିବା ଯୋଗୁଁ ପୁନର୍ବାର ଉଭୟ ବିଭାଗର ଅଧିକାରୀଙ୍କୁ ବଦଳି କରିବା ସହିତ ଉକ୍ତ ଅଧିକାରୀଦ୍ୱୟଙ୍କ କାର୍ଯ୍ୟକାଳର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ବେଆଇନ ବଦଳିକୁ ବାତିଲ କରିବା ଦାବି ନେଇ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଉଭୟ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କର କାର୍ଯ୍ୟାଳୟରେ ଭଞ୍ଜସେନା ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଯାଇଥିଲା। ତେବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମନମୁଖି ଶିକ୍ଷକ ବଦଳି, ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ୧୪୦ଜଣ ଶିକ୍ଷକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଜିଲ୍ଲା



ସଦର ମହକୁମା ବାରିପଦା ସହର ପାଖାପାଖି ରଖିବା, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଇ ଦେବାରେ ଅବ୍ୟବସ୍ଥା, ଶୁଳିଆପଦା ବ୍ଲକ ଦୁର୍ନୀତିରେ ଛନ୍ଦିହୋଇ ପଡିଥିବା ବିଇଓଙ୍କୁ ସୁରକ୍ଷା ପ୍ରଦାନ ସହିତ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସଂମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ଥ ବିଶେଷ ଭାବେ ରାଇରଙ୍ଗପୁର ଓ କରଂଜିଆ ଉପଖଣ୍ଡର ବିପର୍ଯ୍ୟସ୍ଥ ଶିକ୍ଷା ବ୍ୟବସ୍ଥା କଥା ନକହିଲେ ଭଲ, ରେସନାଇଲାଇଜେଶନ ରୁଲର ଅବମାନନା କରି ମୋଟା ଅଙ୍କ ଅର୍ଥ କାରବାର କରି ବେଆଇନ ବଦଳି, ଅନୁସୂଚୀତ ଜାତି ଓ ଜନଜାତି ଅନ୍ତେବାସୀଙ୍କ ପ୍ରତି ଅବହେଳା ପ୍ରଦର୍ଶନରେ ଛାତ୍ରୀ ମୃତ, ୧୨ବର୍ଷ ଧରି ଗ୍ରେଡେଶନ ତାଲିକା ପ୍ରକାଶ ନକରି ମନମୁଖି ବଦଳି ଆଦିରେ ଜନପ୍ରତିନିଧି ସବୁ ଜାଣି ଚୁପ ବସିବା ଦ୍ୱାରା ସହଭାଗିତାକୁ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଆଗାମୀ ଦିନରେ ପ୍ରତ୍ୟେକ ସ୍ଥାନରେ ନିର୍ବାଚିତ ପ୍ରତିନିଧି ଓ ଉକ୍ତ ଅଧିକାରୀ ମାନଙ୍କୁ ରାଜରାସ୍ତାରେ ବିରୋଧ କରାଯିବ ବୋଲି କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଭଞ୍ଜସେନା ଅଧକ୍ଷ ସଂଜୀବ ରାଉତ, ଜିଲ୍ଲା ସଂଯୋଜକ ରାକେଶ ବେହେରା, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଃ,ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ଉପସଭାପତି ପ୍ରଶାନ୍ତ ମହାକୁଡ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଛାତ୍ର ସଂଯୋଜକ ସୂର୍ଯ୍ୟବର୍ଦ୍ଧନ ସିଂଦେଓ, ଜିଲ୍ଲା ଯୁବଶାଖା ସଭାପତି ଏସ୍.କେ ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ଲାଲତ କେଶରୀ ରାଉତ, ପ୍ରଶାନ୍ତ ଦାସ, ଗୌରାଙ୍ଗ ଘଡେଇ, ଦୀପକ କୁମାର ବେହେରା, ଜିତୁ ସିଂ, ରାଜା ଖାନ, ସଞ୍ଜୟ ମୋହନ୍ତ, ଗୌରାଙ୍ଗ ଚକ୍ରବର୍ତ୍ତୀ, ପ୍ରଦୀପ ପଣ୍ଡା, ରାକେଶ ଆଚାର୍ଯ୍ୟ, ରଜନୀକାନ୍ତ ପୃଷ୍ଟି, ସମ୍ପଦ ପୃଷ୍ଟି, ଶୁଭମ ସିଂ, ସୌମ୍ୟରଂଜନ ଦାଶବାବୁ, ଶିବୁ ସିଂ, ରୁଦ୍ର ପଟନାୟିକ, ଶମ୍ଭୁ ଗୋପାଳ, ସତ୍ୟ ପୃଷ୍ଟି, ସୁରଜ ବିନ୍ଧାଣି, ବିଶ୍ୱଜିତ ପ୍ରଧାନ, ବିଶ୍ୱଜିତ ରାୟ, ସକୀର ଅଲ୍ଲୀ, ରାଜେଶ ଘଡେଇ, ଅନନ୍ତ ଘଡେଇ, ବାପୁନ ସିଂ, ଅମିତ ସିଂ, ସିଲୁ ସିଂ, ଜୀବନ ସିଂ, ବଳରାମ ବେହେରା, ଜଗା ବେହେରା, ଭାନୁ ସିଂ, ଆକାଶ ନାୟକ, ସୁନୀଲ ସିଂ, ଲକ୍ଷ୍ମଣ ସିଂ, ଦେବାଶିଷ ସାହୁ, ଅର୍ଜୁନ ପରିଛା, ଗଗନ ମହାନ୍ତ, ଦିବ୍ୟାଯୋତି ଦାସ, ଅର୍ଣ୍ଣବ ଦତ୍ତ, ବାପୁନ ମହାନ୍ତ ସୁଧାଂଶୁ ମହାନ୍ତ, ଯୋଗେଶ୍ୱର ବେହେରା ଓ ସନ୍ଦୀପ ନାୟକ ପ୍ରମୁଖଙ୍କ ସମେତ ବହୁ ଯୁବଛାତ୍ର ସଂଗଠକ ମାନେ ଯୋଗଦାନ କରିଥିଲେ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତି ମାଧମରେ ଜଣାଇଛନ୍ତି।

# ପଥର ଲିଜ୍ ବାତିଲ ଦାବି କଲେ ସୋଡକ ଗ୍ରାମବାସୀ

ଛତ୍ରପୁର, (ସବ୍ୟୁ): ପୋଲସରା ବ୍ଲକ ସୋଡକ ଗ୍ରାମ ନିକଟରେ ଥିବା ବନମାଳିପଲ୍ଲୀ ମୌଜା ଫୁଲଡିମିରି ପାହାଡର ପଥରଖାଦାନ ବନ୍ଦ ଦାବୀନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ଏହି ପଥର ଖାଦାନ ପାଇଁ ପରିବେଶ ନଷ୍ଟ ହେବାସହ ବନ୍ୟ ଜନ୍ତୁମାନଙ୍କ ଜୀବନ ବିପଦ ସୃଷ୍ଟି ହେଉଛି। ନିକଟସ୍ଥ ଚାଷ ଜମି ନଷ୍ଟ ହେବା ସହ ଘରର କାନ୍ଥ ଫାଟୁଛି ବୋଲି ଅଭିଯୋଗ କରିଛନ୍ତି । ଜୈନିକ ଲିଜଧାରୀ ପଥର ଫଟାଉଥିବାରୁ ଅଞ୍ଚଳରେ ପ୍ରଦୂଷଣ ହେଉଛି । ପାହାଡରେ ଥିବା ଜାତୀୟ ପକ୍ଷୀ ମୟୁର, କୃଷ୍ଣସାର ମୃଗ ଏବଂ ଅନ୍ୟ ଜୀବଜନ୍ତୁଙ୍କ ଜୀବନ ବିପଦରେ ରହୁଛି। ତେଣୁ ଲିଜ୍ ନେଇଥିବା ବ୍ୟକ୍ତିଙ୍କ ତୁରନ୍ତ ଲିଜ୍ ବାତିଲ କରିବା



ଦାବୀ ହୋଇଛି । ଏପରିକି ଗ୍ରାମରେ ମଧ ଏକ ବୈଠକି କରି ସମସ୍ତେ ଏହି ଲିଜ୍‌ଧାରୀଙ୍କ ଅନୁମତି ବାତିଲ ପାଇଁ ସହମତି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ ପରେ ଗଞ୍ଜାମ ଏସ୍‌ପି କାର୍ଯ୍ୟାଳୟକୁ ଯାଇ ସେଠାରେ ମଧ ଡିଏସପିଙ୍କୁ ସାକ୍ଷାତ କରିଥିଲେ । ପରେ ବ୍ରହ୍ମପୁର ଖଣି କାର୍ଯ୍ୟାଳୟକୁ ଯାଇ ଲିଜଧାରୀଙ୍କ ବିରୁଦ୍ଧରେ କହିବା ସହ ଏହି ଅନୁମତିକୁ ତୁରନ୍ତ ବାତିଲ କରିବା ପାଇଁ ଦାବି କରିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ରିନାରାଣି ଦେବୀ, ସନ୍ତୋଷ କୁମାର ପ୍ରଧାନ, ବସନ୍ତ କୁମାର କୁଣ୍ଡ, ଭଗବାନ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଗିରଫ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା । ଖଡିଆଳ ପୋଲିସକୁ ବେଆଇନ ଗଞ୍ଜେଇ ଧରିବାରେ ସଫଳତା ମିଳିଛି ବୋଲି ମଙ୍ଗଳବାର ଖଡିଆଳ ଥାନାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୂଚନା ପ୍ରଦାନ କରିଛନ୍ତି। ଦୀର୍ଘ ଦିନର ବ୍ୟବଧାନ ପରେ ଗଞ୍ଜେଇ ଚାଲାଣ ଖବର ପାଇଥିଲେ ଖଡିଆଳ ପୋଲିସ। ମଙ୍ଗଳବାର ସନ୍ଧ୍ୟାରେ ଖଡିଆଳ ନିକଟସ୍ଥ ବଡ ଦୋହେଲ ଛକ ଠାରେ ଦୁଇ ଯୁବକ ବସକୁ ଅପେକ୍ଷା କରିଥିବା ବେଳେ ତାଙ୍କ ଠାରେ ଗଞ୍ଜେଇ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଖଡ଼ିଆଲ୍ ପୋଲିସ ଦଳ ପହଞ୍ଚି ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସେମାନଙ୍କ ଠାରୁ ଦୁଇଟି ସୁଟକେଶରେ ଗଞ୍ଜେଇ ଥିଲା। ଗୋଟିଏରେ ୧୫ କେଜି ୧୯୦ ଗ୍ରାମ ଓ ଆଉ ଏକ ସୁଟକେଶରେ ୪ କେଜି ୩୭୫ ଗ୍ରାମ । ମୋଟ ୨୦ କେଜି ୪୯୫ ଗ୍ରାମ ବେଆଇନ ଗଞ୍ଜେଇ ଜବତ କରିଛି ପୋଲିସ । ଯାହାର ଆନୁମାନିକ ବଜାର ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହୋଇଥିବା ଆକଳନ କରାଯାଇଛି । ଅଭିଯୁକ୍ତ ଦ୍ୱୟଙ୍କୁ ଅଟକ କରି ତଦନ୍ତ ଅବ୍ୟାହତ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ବେଳେ ଅନ୍ୟ ଜଣେ ଉତ୍ତରପ୍ରଦେଶର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଗଞ୍ଜେଇ ବାଲିମେଲା କୋରାପୁଟ ଅଞ୍ଚଳରୁ ଆଣି ଉତ୍ତର ପ୍ରଦେଶ ରାଜ୍ୟକୁ ରପ୍ତାନି କରିବା ବେଳେ ଖଡିଆଳ ପୋଲିସ ଆନ୍ତଃ ରାଜ୍ୟ ଗଞ୍ଜେଇ ମାଫିଆ ଦ୍ୱୟଙ୍କୁ କୌଶଳ କ୍ରମେ କାବୁ କରିଥିଲେ । ଖଡିଆଳ ଥାନା ରେ ଏ ସମ୍ପର୍କରେ ଏକ କେସ ନମ୍ବର-୨୬୯, ୧୮ ଅଗଷ୍ଟ ୨୦୨୫, ଏନଡିପିଏସ ଧାରା ରୁଜୁ କରାଯାଇଛି ଓ ଜଣକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଦିଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ତେଜିଲା ରାଜନୀତି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ଅସନ୍ତୋଷ ପ୍ରକାଶ କଲେ ବିଧାୟକ

ବଲାଙ୍ଗିର,(ସବ୍ୟୁ): କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ତତକାଳୀନ ନବୀନ ପଟ୍ଟନାୟକ ସରକାର ଘୋଷଣା କରିଥିଲେ । ଗତ ୧୦ବର୍ଷ ହେଲା ଏନେଇ ବଲାଙ୍ଗିରରେ ଏହା ସ୍ଥାପନ କରାଯିବାକୁ ଦାବି କରାଯାଇ ଆସୁଛି । କିନ୍ତୁ ଏପର୍ଯ୍ୟନ୍ତ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ବିଭିନ୍ନ ସମୟରେ ବଲାଙ୍ଗିରରେ ଏନେଇ ଜନଆନ୍ଦୋଳନ ହୋଇଛି । କିନ୍ତୁ ସରକାର ନୀରବ ରହିଛନ୍ତି । ସେପଟେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଭୁବନେଶ୍ୱର ଲୋକସେବା ଭବନରେ ଏକ ବୈଠକ କରାଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷି କୃଷକ ଓ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ୱିଟ୍ କରିବା ପରେ ବଲାଙ୍ଗିରରେ ଏହାକୁ ନେଇ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି ।ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରତିକ୍ରୀୟା ପ୍ରକାଶ କରି ରାଜ୍ୟସରକାରଙ୍କ ଆଭିମୁଖ୍ୟକୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ଏକ ଚିଠିଲେଖିଛନ୍ତି । ବିଧାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗିରରେ ଦୀର୍ଘବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବିହେଉଛି । କିନ୍ତୁ ଏହାକୁ ଅଣଦେଖା କରାଯାଇ କେବିକେ ଅଞ୍ଚଳ ବଦଳରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ କରାଯାଉଛି । ଏହା ବଲାଙ୍ଗିରର ଲୋକଙ୍କ ଭାବନାକୁ ଆଘାତ ଦେଇଛି । ମରୁଡି,ଦାଦନପ୍ରବଣ ତଥା କୃଷି ଉପରେ ନିର୍ଭର କରୁଥିବା ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ଅନେକ ଗବେଷଣାର ଅନେକ ସମ୍ଭାବନା ରହିଛି । ଏହା ଏହି ଅଞ୍ଚଳରେ ଅନେକ ସମସ୍ୟାର ସାମାଧାନ ହୋଇପାରିବ । କୃଷି ଗବେଷଣା ପାଇଁ ଏଠାରେ ଉପଯୁକ୍ତ ଭିତ୍ତିଭୂମୀ ଥିବା ବେଳେ ରାଜ୍ୟସରକାରଙ୍କ ଆନ୍ତରିକତାର ଅଭାବରୁ ତାହା ହୋଇପାରୁନାହିଁ । ବଲାଙ୍ଗିରର ଦାବିକୁ ଅଣଦେଖା କରାଯାଇଥିବାରୁ ଏଥିରେ ବିଧାୟକ କଳିକେଶ ଗଭୀର ଉଦବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଏନେଇ ପଦକ୍ଷେପ ନେଇ କେନ୍ଦ୍ରସରକାରଙ୍କ ସହିତ କଥାହୋଇ ବଲାଙ୍ଗିରରେ ହିଁ କୃଷି ବିଶ୍ୱବିଦ୍ୟାଳୟ କରିବାକୁ ପ୍ରସ୍ତାବ ପଠାଇବାକୁ ଚିଠି ଲେଖିଛନ୍ତି ।ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ମଧ ଏହି ଚିଠିର ନକଲ ପଠାଇଛନ୍ତି ବିଧାୟକ ଶ୍ରୀ ସିଂହଦେଓ ।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ବଣାଇଁ,(ସବ୍ୟୁ) ସୁନ୍ଦରଗଡ଼ ଜିଲ୍ଲା ବଣାଇଁସ୍ଥିତ ରାଜା ଧରଣୀଧର ବହୁମୁଖୀ ଖେଳପଡିଆ ଠାରେ ଉପଖଣ୍ଡସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସରେ ବଣାଇଁ ଉପ-ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ । ପରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତର କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥୀ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତିତ ଗତ ମାଟ୍ରିକ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉପଖଣ୍ଡ ସ୍ତରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ମୁଖ୍ୟ ଅତିଥୀ ସମ୍ବର୍ଦ୍ଧନା ଜଣାଇବା ସହିତ ଶିକ୍ଷାର ଉନ୍ନତିପାଇଁ ଉତ୍ସାହିତ କରିଥିଲେ। ସମାରୋହରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ଆଦିବାସୀ ଉନ୍ନୟନ ସଂସ୍ଥା ବଣାଇଁର ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ବିଡ଼ିଓ, ଦିବ୍ୟଶଙ୍କର ଜୟପୁରିଆ, ଗୋଷ୍ଠି ଶିକ୍ଷା ଅଧିକାରୀ ସୁନିଲ କୁମାର ମୁଣ୍ଡ, ବଣାଇଁ ତହସିଲଦାର ସସ୍ମିତ ଦାସ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳୀ ସାହୁ, ବଣାଇଁ ମହାବିଦ୍ୟାଳୟର ଅଧକ୍ଷ ଜେନାମଣୀ ସାହୁ, ଏନ.ସି.ସି. ଅଧିକାରୀ ମୃତ୍ୟୁଞ୍ଜୟ ବ୍ରହ୍ମଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚରୀ, ସାମ୍ବାଦିକ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁଳ ସଂଖ୍ୟାରେ ଜନ ସାଧାରଣ ଏହି ସମାରୋହରେ ଉପସ୍ଥିତଥିଲେ। ଅନ୍ତର୍ଯ୍ୟାମୀ ରଣା ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଯବାନଙ୍କ ଆକ୍ରମଣରେ ୮ ଶ୍ରମିକ ଲହୁଲୁହାଣ !

ସୁନ୍ଦରଗଡ଼,(ସବ୍ୟୁ): ଦର୍ଲିପାଲି ଏନଟିପିସି ସୁପର ଥର୍ମାଲ ପାୱାର ପ୍ଲାଣ୍ଟରେ ଶ୍ରମିକଙ୍କୁ ସିଆଇଏସ୍ଏଫ୍ ଯବାନଙ୍କ ମାଡ଼ ଅଭିଯୋଗ ହୋଇଛି। ଏଥିରେ ୮ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ସୁନ୍ଦରଗଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ଅଣାଯାଇଛି। ଆହତ ଶ୍ରମିକମାନେ ହେଲେ ଲବ ଭୋଇ, ସୁମରା ମୁଣ୍ଡା, ମନସିର ନାଏକ, ହୃଷୀକେଶ ଖରସେଲ, ବିକାଶ ଗନ୍ଧା,ଈଶ୍ୱରୀ ପ୍ରସାଦ ମେହେର, ରଞ୍ଜନ ନାଏକ, ଭୀଷ୍ମ ଧରୁଆ। ସୂଚନା ଅନୁସାରେ ଜଣେ ଯୁବକ କୁଆଡ଼େ ପ୍ଲାଣ୍ଟରୁ କିଛି ସାମାନ ଚୋରି କରିଥିବା ଅଭିଯୋଗରେ ୮ ଶ୍ରମିକଙ୍କୁ ପଚରାଉଚୁରା ବାହାନାରେ ଯବାନମାନେ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଦର୍ଲିପାଲି ଫାଣ୍ଡିରେ ଏତଲା ଦେଇଥିବା ଆହତ ଯୁବକମାନେ କହିଛନ୍ତି।

## ଦୀପ ଜାଳି ନବୀନଙ୍କ ଆରୋଗ୍ୟ କାମନା କଲେ ବିଜେଡି କର୍ମୀ



ସମ୍ବଲପୁର,(ସବ୍ୟୁ): ବିରୋଧି ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ହୋଇ ପଡିଥିବା ବେଳେ ଜିଲ୍ଲା ବିଜେଡି ପକ୍ଷରୁ ମାଁ ସମଲେଶ୍ୱରୀଙ୍କ ଠାରେ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରାଯାଇଛି । ଏଥିସହ ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା ମଧ୍ୟ କରାଯାଇଛି । ଏଥିରେ ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ, ବସନ୍ତ ମିଶ୍ର, ସୁରୁବାବୁ ମେହେର, ସିପ୍ରା ମହାନ୍ତି, ଉଷା ପ୍ରଧାନ,ସଂଯୁକ୍ତା ମେହେର, ପ୍ରହ୍ଲାଦ ଗୁରୁ, ଭାବେଶ ଚାନ୍ଦ, ଦେବାଶିଷ ପରିଡା, ସୁରେଖା ସାହୁ, ନନ୍ଦିନୀ ପ୍ରଧାନ, ଶ୍ୱେତା ନାୟକ, ଧର୍ମରାଜ ମରେଇ, ରବିନ୍ଦ୍ର ସିଂ, ଅନମୋଲ ଦାସ, ଭାଷ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ତରଭା ବ୍ଲକ ଜନପ୍ରତିନିଧିଙ୍କୁ ଆକ୍ରମଣ ପ୍ରତିବାଦରେ ୧୨ ଘଣ୍ଟିଆ ତରଭା ବନ୍ଦ




ତରଭା,(ସବ୍ୟୁ): ଗତ ଅଗଷ୍ଟ ୧୨ ତାରିଖ ସନ୍ଧ୍ୟାରେ ତରଭା ବ୍ଲକର ଜନପ୍ରତିନିଧି ମାନେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯାଉଥିବା ବେଳେ ସୋନପୁର ପଟାଭାଡି ଛକ ନିକଟରେ ୧୫/୨୦ ଜଣ ଦୁର୍ବୃତ୍ତ ସେମାନଙ୍କ ଦୁଇଟି ଗାଡିକୁ ଅଟକାଇ ଭଙ୍ଗାରୁଜା କରିଥିଲେ। ଏନେଇ ସୋନପୁର ଥାନାରେ ରିପୋର୍ଟ ହୋଉଥିଲେ ହେଁ ଅପରାଧୀ ମାନେ ଧରା ପଡିନାହାନ୍ତି। ଏହି ଘଟଣାର ପ୍ରତିବାଦରେ ତରଭା ବ୍ଲକର ଜନପ୍ରତିନିଧି ମାନଙ୍କ ତରଫରୁ ଏକ ସର୍ବଦଳୀୟ ବୈଠକରେ ୧୯ ତାରିଖ ତରଭା ଏନ ଏ ସି ସମେତ ସମସ୍ତ ୨୧ ଟି ପଞ୍ଚାୟତରେ ବନ୍ଦ ଡାକରା ଦିଆଯାଇଥିଲା। ସୋମବାର ବନ୍ଦକୁ ସଫଳ କରିବା ପାଇଁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ମାଷ୍ଟର ମାଇଣ୍ଡ ସମେତ ଅନ୍ୟ ମାନଙ୍କୁ ଗିରଫ କରିବାରେ ପୋଲିସ ନିଷ୍କ୍ରିୟତା ପ୍ରକାଶ କରିବାର ପ୍ରତିବାଦରେ ଅଗଷ୍ଟ ୧୯ ତାରିଖ ତରଭା ବନ୍ଦ ଡାକରା ଦିଆ ଯାଇଥିଲା । ୧୯ ତାରିଖ ସକାଳୁ ତରଭାର ସମସ୍ତ ଦୋକାନ ବଜାର,ବିଦ୍ୟାଳୟ ସମୂହ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଷ୍ଟେଟ୍ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଆଦି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିବା ଯୋଗୁଁ ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା ।ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ନେତା ତଥା ସାମାଜିକ ସଙ୍ଗଠନ ସାମିଲ ଥିବା ଦେଖିବାକୁ ମିଳିଥିଲା।

# ସମୁହ ଛୁଟିରେ ଅମଳା ଦାବି ପୂରଣ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ

ରାୟଗଡା,(ସବ୍ୟୁ): ସମୁହ ଛୁଟିରେ ଅମଳା । ଦାବି ପୂରଣ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲା ସଂଘ। ଆଜିକୁ ୧୦ଦିନ ପୁରିଲା ଅମଳା ସଂଘର ଆନ୍ଦୋଳନ । ସରକାରୀ କାର୍ଯ୍ୟ ଠପ୍ । ଅନ୍ୟ ପଟେ ରାଜ୍ୟ ସରକାରଙ୍କ ଆଲୋଚନା ବିଫଳ । ରାଜ୍ୟ ରାଜସ୍ୱ ଅମଲା ସଂଘର ଡାକରାରେ ସରକାରଙ୍କ ଚରମ ଉଦାସୀନତାର ପ୍ରତିବାଦରେ ଜିଲ୍ଲା ରାଜସ୍ୱ ଅମଲା ସଂଘ ରାୟଗଡା ଶାଖାର ସମସ୍ତ ରାଜସ୍ୱ ଅମଲା ମାନେ ଅମଲା ପାଠାଗାର ଠାରେ ଜିଲ୍ଲା ସଭାପତି ମନୋଜ କୁମାର ରଥଙ୍କ ଅଧକ୍ଷତାରେ ଏକତ୍ରିତ ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ଯେଉଁ ପର୍ଯ୍ୟନ୍ତ ସରକାର ଆମର ଦାବି ଗୁଡିକ ପୂରଣ କରିନାହାନ୍ତି ସେ ପର୍ଯ୍ୟନ୍ତ ସମୁହ ଛୁଟିରେ ରହିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏନେଇ ସ୍ଥାନୀୟ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଛନ୍ତି। ସେଠାରେ ବିଧାୟକ ବୁଝାଶୁଝା କରିଥିଲେ । ତଥାପି ନିଜ ଜିଦରେ ଅଟଳ ରହି ଆନ୍ଦୋଳନ ଜାରି ରଖାଯିବ ବୋଲି ଅମଳା ମାନେ ଦାବି ପତ୍ର ଦେଇଛନ୍ତି। ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବିଧାନସଭାରେ ଆଲୋଚନା କରିବେ ବୋଲି କହିଛନ୍ତି ବିଧାୟକ। ଏହି ଆନ୍ଦୋଳନ ଜିଲ୍ଲାର ସମସ୍ତ ଅମଳା ରାୟଗଡା ସଦର ମହକୁମା ଠାରେ ଏକତ୍ରିତ ହୋଇ ଆନ୍ଦୋଳନ କରୁଛନ୍ତି ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

କୋରାପୁଟ,(ସବ୍ୟୁ) ସ୍ଥାନୀୟ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋରାପୁଟ ବ୍ଲକର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ତନିବେଶି ଶିକ୍ଷା ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୭୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଲିମକୋ ଦ୍ୱାରା ପ୍ରେରିତ ସ୍ୱତନ୍ତ୍ର ଚିକିତ୍ସା ଦଳ ପିଲାଙ୍କ ବିଭିନ୍ନ ପରୀକ୍ଷା କରି ଆବଶ୍ୟକ ସହାୟକ ଉପକରଣ ନିର୍ଦ୍ଧାରଣ କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ଯେଉଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ଦେବାକୁ ଚୟନ କରାଯାଇଥିଲା ।ସେମାନଙ୍କୁ ବିଭିନ୍ନ ପ୍ରକାରର ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। କୋରାପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଜଗନ୍ନାଥ ଭତ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ପଞ୍ଚାୟତ ସମିତି ଅଧକ୍ଷା ନମିତା ମାଝୀ ଯୋଗଦେଇଥିବା ବେଳେ ସାଂସଦ ପ୍ରତିନିଧି ବାବୁଲା ବେନ୍ୟା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଏବିଇଓ ସଂଯୁକ୍ତା କୁଅଁର, ସିଆରସିସି ହର ମିଶ୍ର, ତ୍ରିଲୋକେଶ ପଣ୍ଡା, ସୁବୋଧ ମାଝୀ, ଜ୍ୟୋତି ପାଢ଼ୀ, ବାସୁଦେବ ଦାସ,ଜୟନ୍ତ ସାହୁ, କମୁଲୁ ହେନ୍ତାଳ, ରମା ମହାନ୍ତି, ଦେବ କିରଣ ପଟ୍ଟନାୟକ,ମନୋଜ ଦାସ , ସୁଜିତ ପଲେଇ ଓ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବିଆରପି ଦାୟିତ୍ୱରେ ଥିବା ପ୍ରଦୀପ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅଣଅନୁଦାନପ୍ରାପ୍ତ ଅଧାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତ ସମିତି ଡ଼ିଗ୍ରୀ ମହାବିଦ୍ୟାଳୟ ଓ ଯୁକ୍ତ ଦୁଇ ଉଚ୍ଚ ମାଧମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଣ ଅନୁଦାନପ୍ରାପ୍ତ ଅଧାପକ ଓ କର୍ମଚାରୀ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ବିଶେଷ କରି ଉଭୟ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଏହି କର୍ମଚାରୀମାନେ ଅତି ସ୍ୱଳ୍ପ ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ସରକାରୀ ଆଦେଶ ପ୍ରକାଶ କରି ସେମାନଙ୍କୁ ଅନୁଦାନ ପ୍ରଦାନ ସହ ସରକାରୀ କର୍ମଚାରୀ ମାନ୍ୟତା ଦେବା ପାଇଁ ସରକାରଙ୍କୁ ବାରମ୍ବାର ଦାବୀ ଜଣାଇ ଆସୁଥିଲେ ମଧ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାରି ପ୍ରତିବାଦରେ ରାଜ୍ୟ ଅଣଅନୁଦାନ ପ୍ରାପ୍ତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଉଛନ୍ତି। ମୁରିବାହାଲ ବ୍ଲକ ସଂଯୋଜକ ଅଧାପକ ଅଂଶୁମାନ ଦାସଙ୍କ ନେତୃତ୍ୱରେ ଅଧାପକ ଘନଶ୍ୟାମ ଖମାରୀ,ପଙ୍କଜ ସାହୁ, ଭୃଙ୍ଗରାଜ ରଣା, ଛନ୍ଦାଚରଣ ଖୁଣ୍ଟିଆ, ପ୍ରେମଚାନ୍ଦ ତାଣ୍ଡି, ଅଭୟାନନ୍ଦ ଦାସ, ଭବାନୀ ପୋଢ଼, ବୈକୁଣ୍ଠ ସାହୁ, ସାଗର ଦେହୁରୀ, ନାରାୟଣ ଭୋଇ, ଜୟକୃଷ୍ଣ ବଘାର, ଅଭିମନ୍ୟୁ ଛୁରା, ଅଜିତ ବାଗ ଓ ଶୋଭାବତୀ ଶାଣ୍ଡ ପ୍ରମୁଖ କର୍ମଚାରୀ ଏହି ଆନ୍ଦୋଳନ ଓ ଧାରଣାରେ ସାମିଲ ହୋଇଛନ୍ତି। ଯଦି ସରକାର ନୂତନ ଜିଆଇଏ ବାହାର ନ କରନ୍ତି ତାହେଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି।

# ଅଙ୍ଗୀନଦୀରେ ବୁଡ଼ି ଯୁବକ ମୃତ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ଦରଗୁଲା ଗ୍ରାମ ନିକଟ ଅଙ୍ଗୀ ନଦୀରେ ଭାସି ଯାଇ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକ ଡାବୁଗାଁ ଥାନା ଅନ୍ତର୍ଗତ କେରଣ୍ଡି ଗ୍ରାମର ଦୟମନ ଭତରା (୨୯) ବୋଲି ଜଣା ପଡ଼ିଛି। ସୂଚନା ଅନୁଯାଇ ଡାବୁଗାଁ ଥାନା ଅନ୍ତର୍ଗତ କେରଣ୍ଡି ଗ୍ରାମର ଦୟମନ ଭତରା ରବିବାର ସକାଳ ୧୦ ଘଣ୍ଟ ସମୟରେ ନିଜ ସାଇକେଲରେ କୌଣସି ଏକ କାର୍ଯ୍ୟରେ ତାଙ୍କ ଶ୍ୱଶୁର ଘର ନିକଟ ଗିରିଲା ଗ୍ରାମକୁ ଯାଇଥିଲେ। ସେଠାରେ କାର୍ଯ୍ୟ ସରିବା ପରେ ସନ୍ଧ୍ୟାରେ ପୁଣି ନିଜ ଗ୍ରାମ କେରଣ୍ଡି ଅଭିମୁଖେ ବାହାରି ଥିଲେ। ତେବେ ଦରଗୁଲା ଗ୍ରାମ ନିକଟରେ ଥିବା ଅଙ୍ଗନଦୀ ପାର କରିବା ସମୟରେ ଦୟମନ ଭାରସାମ୍ୟ ହରାଇ ନଦୀ ପାଣିରେ ବୁଡ଼ି ଯାଇଥିଲେ। ମଙ୍ଗଳବାର ଦିନ ପ୍ରାୟ ୧୨ ଟାରେ ଦରଗୁଲା ଗ୍ରାମର କିଛି ଲୋକ କେରଣ୍ଡି ଗ୍ରାମର ଦୟମନ ଭତରାର ଶବ ଅଙ୍ଗି ନଦୀ ପାଣିରେ ଭାସୁଥିବା ଦେଖିଥିଲେଛ। ଏ ନେଇ ତୁରନ୍ତ କେରଣ୍ଡିରେ ଥିବା ପରିବାର ଲୋକଙ୍କୁ ସୂଚନା ଦିଆଯିବା ପରେ ପରିବାର ଲୋକେ ଶବ ଚିହ୍ନଟ କରିଥିଲେ। ପରେ ମୃତ ଦୟମନ ଭତରାର ସମ୍ପର୍କୀୟ ଦାଦା ଧନପତି ଭତରା ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଦରଗୁଲା ଅଙ୍ଗିନଦୀରୁ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ମୃତ ଦୟମନ ଭତରାର ଦୁଇ ପୁଅ ସହ ଜଣେ ଝିଅ ରହିଥିବା ବେଳେ ଦୟମନର ମୃତ୍ୟୁ ପରେ ପରିବାର ବେସାହାରା ହୋଇ ପଡିଛନ୍ତି।

# ପ୍ରେମୀଯୁଗଳଙ୍କୁ ଉଦ୍ଧାର କରିବାକୁ ଯାଇ ପୋଲିସ ହଟହଟା

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲା। ବଙ୍ଗୋମୁଣ୍ଡା ପୋଲିସକୁ ହଟହଟା ହେବାକୁ ପଡିଛି । ସୂଚନା ଅନୁଯାୟୀ ବିରିପାଲି ପଂଚାୟତ ବିରିପାଲି ଗାଁର ପୁଅ ଓ ବେଡ଼ପରା ଗାଁର ଝିଅ ଦୁଇ ଜଣ ପ୍ରେମ କରି କୁଆଡେ ଚାଲିଯାଇଥିଲେ। ଝିଅ ଘର ଲୋକେ ଏନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପ୍ରେମୀ ଯୁଗଳ ଗାଁକୁ ଆସିଥିବା ସୂଚନା ପାଇ ବିରିପାଲି ଗାଁକୁ ଯାଇଥିଲେ। ଝିଅ ଘର ଲୋକେ ପୁଅକୁ ମାରିଦେବା ପାଇଁ ଚେଷ୍ଟା ଚଳାଇବା ପୂର୍ବରୁ ପୋଲିସ ପହଂଚି ଯାଇଥଲେ। ଏନେଇ ଉତ୍ୟକ୍ତ ଲୋକେ ପୋଲିସ ସହ ଧସ୍ତାଧସ୍ତି ହୋଇଥିବା ଜଣାପଡିଛି । ପ୍ରେମୀ ଯୁଗଳକୁ ଉଦ୍ଧାର କରିବାକୁ ଯାଇ ପୋଲିସ ହଟହଟା ହୋଇଛି । ଝିଅଙ୍କ ପରିବାର ପକ୍ଷରୁ ବଙ୍ଗୋମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପୋଲିସ ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରିବାକୁ ଯାଇ ବିରିପାଲି ଗାଁରେ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡିଛି। ଗତ କିଛି ଦିନ ପୂର୍ବରୁ ପ୍ରେମୀ ଯୁଗଳ ଫେରାର ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ବଙ୍ଗୋମୁଣ୍ଡା ଥାନା ଅଧିକାରୀ କିଛି କହିବା ପାଇଁ ମନାକରି ଦେଇଛନ୍ତି ।

# ଜିଲ୍ଲା ସବ୍‌ଜୁନିୟର ବାଳିକା ହକି ଦଳର ରାଉରକେଲା ଯାତ୍ରା



ଝାରସୁଗୁଡ଼ା,(ସବ୍ୟୁ): ଓଡିଶା ରାଜ୍ୟସ୍ତରୀୟ ହକି ଚମ୍ପିଆନସିପ୍ ରେ ଅଂଶ ଗ୍ରହଣ କରିବା ପାଇଁ ଝାରସୁଗୁଡା ଜିଲ୍ଲା ସବ-ଜୁନିୟର ବାଳିକା ଦଳ ଓ ଝାରସୁଗୁଡ଼ା ଜିଲ୍ଲା ଦିଲିପ ତିର୍କି ସ୍ପୋର୍ଟ ଏକାଡେମୀ ବାଳିକା ଦଳ ମଙ୍ଗଳବାର ସନ୍ଧ୍ୟାରେ ରାଉଲକେଲା ଯାତ୍ରା କରିଛନ୍ତି। ଏହି ଦଳ ୨୦ତାରିଖ ସକାଳ ୮ଟାରେ ପ୍ରଥମ ମ୍ୟାଚ ସୁନ୍ଦରଗଡ ସ୍ପୋର୍ଟ ହଷ୍ଟେଲ ସହିତ ପାନପୋଷ ଷ୍ଟାଡିୟମରେ ଖେଳିବ । ଜିଲ୍ଲା ସବ-ଜୁନିୟର ବାଳିକା ହକି ଦଳ ବୁଧବାର ଅପରାହ୍ନରେ ଅବସରପ୍ରାପ୍ତ ପାରାମିଲିଟାରୀ ଜୟ ଜବାନ ଆସୋସିଏସନ ରାଉଲକେଲା ସହିତ ବୀର୍ସା ମୁଣ୍ଡା ଆନ୍ତଃ ଜାତୀୟ ହକି ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଖେଳିବ । ମ୍ୟାନେଜର ଭାବରେ ଜୀତେନ୍ଦ୍ର ମହନ୍ତ ଓ ସୁନିତା ସିଂ ରହିଥିବା ବେଳେ ଦଳର କୋଚ ଭାବରେ ଶକୁନ ନାୟକ ଓ ପ୍ରଫୁଲ କୁଲୁ ଯାତ୍ରା କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଦିଲିପ ତ୍ରିକୀ ସ୍ପୋର୍ଟ ଏକାଡେମୀ ସବ-ଜୁନିୟର ବାଳିକା ଟିମ୍ ପ୍ରଥମ କରି ଆନ୍ତଃଜିଲ୍ଲା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛି। ଜିଲ୍ଲା ହକି ଆସୋସିଏସନର ସଂପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ହକି ଆସୋସିଏସନ ଅଫ୍ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି, ଦିଲିପ ତିର୍କି ସ୍ପୋର୍ଟ ଏକାଡେମୀର ସଂପାଦକ ଅଶ୍ୱିନୀ ପାଣ୍ଡେ ଜିଲ୍ଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର , ଜିଲ୍ଲା ସ୍କୁଲ କ୍ରୀଡା ଅଧିକାରୀ ବିମଳ ତାଣ୍ଡି , ସୁଶାନ୍ତ ବେହେରା ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ତରଫରୁ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ




ରାୟଗଡା,(ସବ୍ୟୁ): ସ୍ଥାନୀୟ ଆମ୍ବାଗୁଡ଼ାସ୍ଥିତ ବିଜୁ ପଟ୍ଟନାୟକ ଇନଡ଼ୋର ଷ୍ଟାଡିୟମରେ ରାୟଗଡ଼ା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ୩ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୪୭ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଅଣ୍ଡର-୧୩ ଓ ୧୫ ସିଙ୍ଗଲ୍ସ ବର୍ଗରେ ଖେଳାଳି ଅନୁରୂପ ସାହୁ, ଅଣ୍ଡର-୧୫ ଡବଲ୍ସ ବର୍ଗରେ ଆଦିତ୍ୟ ପଣ୍ଡା ଓ ମନ୍ମୟ ଖୁରା, ଅଣ୍ଡର-୧୭ ଓ ୧୯ ସିଙ୍ଗଲ୍ସ ବର୍ଗରେ ପାନ୍ତଳା ଚକ୍ରବର୍ତ୍ତୀ, ଡବଲ୍ସ ବର୍ଗରେ ଅଂଶ ସିହ୍ନା ଓ ପାନ୍ତଳା ଚକ୍ରବର୍ତ୍ତୀଙ୍କ ସମେତ ୩୫ ବର୍ଷରୁ ଉର୍ଦ୍ଧ୍ୱ ସିଙ୍ଗଲ୍ସ ବର୍ଗରେ ସୁଶାନ୍ତ ଶବର ଓ ୪୦ବର୍ଷରୁ ଉଦ୍ଧ ଡବଲ ବର୍ଗରେ ଭି.କିରଣ ବାବୁ ଓ ଏ.ଏସ.ଆର.ରାଜୁ ଉତୀର୍ଣ୍ଣ ହୋଇଛନ୍ତି। ଏହି ଖେଳାଳିମାନେ ଆଗାମୀ ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଦଯାପନୀ ଉତ୍ସବରେ ରାୟଗଡ଼ା ବିଧାୟକ କାଡ୍ରିକା ଆପାଲାସ୍ୱାମୀ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ରମେଶ ଗୁଲାନୀ, ଶିଳ୍ପପତି ଅଶୋକ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିଅନସିପରେ ସାଇନିଂ ଷ୍ଟାର ଭାବେ ଲିଟିଲ୍ ମାଷ୍ଟର ଅନୁରୂପ ସାହୁଙ୍କୁ ହିରୋ ସାଇକେଲ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପରଫର୍ମର ଭାବେ ଗୁଣପୁରର ଦେବୀଶ୍ରୀ ପାତ୍ର, ଆର୍ଶାବଳୀ ସୌଯ୍ୟ ଓ ରାୟଗଡ଼ାର ଭାର୍ଗଭ ବେନିଆଙ୍କୁ ବ୍ୟାଡମିଣ୍ଟନ ସେଟ୍ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ କୋଚ୍ ଭାବେ ଗୁଣପୁରର ଟି. ମଣିକାଣ୍ଟାଙ୍କୁ ରାୟଗଡ଼ା ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ହିମାଂଶୁ ଶେଖର ପାଣ୍ଡିଆ ସମ୍ମାନିତ କରିଥିବା ବେଳେ ସଂଘର ସଂପାଦକ ସୁରେଶ ପଣ୍ଡା ମଧ ଉପସ୍ଥିତ ଥିଲେ।

# ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ୨୫୨ରୁ ଅଧିକ ମହିଳା ଉଦ୍ଧାର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଲିସ ଗତ ୨ମାସ ହେବ ଅଭିନବ ପ୍ରବର୍ତ୍ତନ ଅଭିଯାନ ମିଶନ କାର୍ଯ୍ୟକାରୀ କରିଛି । ୨୫୨ରୁ ଅଧିକ ମହିଳା, ଯୁବତୀ ଓ ଶିଶୁ ମାନଙ୍କୁ ଉଦ୍ଧାର କରାଯାଇଛି । ଏହି ସମୟରେ ୫୦୦ରୁ ଉର୍ଦ୍ଧ୍ୱ ଜାମିନ ବିହୀନ ପରୱାନାକୁ କାର୍ଯ୍ୟକାରୀ କରିବା ସହ ୧୮୦ଟି ଅବକାରୀ ମାମଲାରେ ବେଆଇନ ନିଶାଦ୍ରବ୍ୟ ସହ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ଜିଲ୍ଲା ପୋଲିସ ସକ୍ଷମ ହୋଇଛି । ମଙ୍ଗଳବାର ଜିଲ୍ଲା ପୋଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ରାଜ୍ୟ ପୋଲିସ ଡିଜିଙ୍କ ଅପରେସନ୍ ଗରୁଡ଼ ସଫଳତା ପାଇଛି । ଜନସାଧାରଣଙ୍କ ସୁରକ୍ଷା ସହ ଅପରାଧ ନିୟନ୍ତ୍ରଣ ଓ ଅପରାଧି ମାନଙ୍କୁ କାବୁ କରିବା ପାଇଁ ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଜୁଆ ଉପରେ ମଧ୍ୟ ପୋଲିସର ତୀକ୍ଷ୍ଣ ନଜର ରହିଛି ।

ଗତ ୨ସପ୍ତାହ ମଧ୍ୟରେ ଅପରେସନ୍ ଗରୁଡରେ ସମ୍ବଲପୁର ଜିଲ୍ଲା ପୋଲିସ ୭୫ଟି ଜାମିନ ବିହୀନ ପରୱାନା, ୫୩ଟି ଦାଖଲ ଖାରଜ କରିଛି । ୧୮୦ଟି ଅବକାରୀ ମାମଲାରେ ୩୭୪୪ପାଉଚ୍ ଦେଶୀ ମଦ, ୫୫୦ଲିଟର ବିଦେଶୀ ମଦ, ୨୯୪.୩୫୫ଲିଟର ବିଦେଶୀ ମଦ ଜବତ କରାଯାଇ ୧୮୦ଟି ନୋଟିସ୍ ଜାରି କରାଯାଇଛି । ଏଭଳି ୧୧ଟି ନିଶା କଫସିରପ ମାମଲା ରୁଜୁ ହୋଇଛି । ଏଥିରେ ୨୩ଜଣଙ୍କୁ ଗିରଫ କରାଯାଇ ନିଶାସିରପ, ନିଶା ବଟିକା, ଅପମିଶ୍ରିତ ତରଳଜାତୀୟ ନିଶା, ଇଞ୍ଜେକସନ୍, ୨ଟି ବାଇକ, ୪ଟି ମୋବାଇଲ ଓ ୧୬୮୦ଟଙ୍କା ଜବତ ହୋଇଛି । ସେହିଭଳି ୧୦ଟି ଜୁଆ ମାମଲାରେ ୧୮ଟି ଜଣଙ୍କ ଉପରେ ମାମଲା ରୁଜୁ କରାଯାଇ ୩ଟି ବାଇକ, ୭ଟି ମୋବାଇଲ ଫୋନ, ନଗଦ ୩୧ହଜାର ୭୬୦ଟଙ୍କା ଜବତ କରାଯାଇଛି । ଗୋଟିଏ ଏନ୍‌ଡିପିଏସ୍ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ୫୦.୫୮କ୍ରିଗା ଗଞ୍ଜେଇ, ୧ଟି ଅଟୋ ଓ ନଗଦ ୬୩ହଜାର୬୫୦ଟଙ୍କା ଜବତ ହୋଇଛି । ଗୋଟିଏ ଅସ୍ତ୍ରଶସ୍ତ୍ର ଆଇନ ମାମଲାରେ ୧ଟି ପିସ୍ତଲ, ନଗଦ ୧ଲକ୍ଷ୪୫ହଜାର୫୦୦ଟଙ୍କା ସହ ୩ଜଣଙ୍କୁ ପୋଲିସ ଗିରଫ କରିଛି । ବିଏନ୍‌ଏସ୍‌ର ଧାରା ୧୨୬ ବଳରେ ୧୨ଟି ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଥିଲେ ।

# ସମ୍ବିଧାନରେ ଜନଜାତିଙ୍କ ସୁରକ୍ଷାକୁ ସ୍ଥାନୀତ କରିଥିଲେ ଯୁଧିଷ୍ଠିର : ମୁକେଶ ମହାଲିଙ୍ଗ



ବଲାଙ୍ଗିର,(ସବ୍ୟୁ): ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜିବନୀକୁ ଦେଖିଲେ ତାଙ୍କର ଅନେକ କାର୍ଯ୍ୟକଳାପ ଆଜି ବି ଅନାଲୋଚିତ ଭାବେ ରହିଛି । ଯଦିଓ ତାଙ୍କ କାର୍ଯ୍ୟଧାରା ଲୋକଙ୍କ ପ୍ରତି ତାଙ୍କର ଚିନ୍ତାଧାରା ଦେଶର ସମ୍ବିଧାନରେ ଲିପିବଦ୍ଧ ଅଛି ତଥାପି ମଧ୍ୟ ଏପରି କିଛି ଅବଦାନ ଅଛି ଯାହା ଦ୍ୱାରା ସେ କାଳ କାଳ ପାଇଁ ସ୍ମରଣୀୟ ରହିବ । ତାହା ହେଲା ସମ୍ବିଧାନ ପ୍ରଣେତା ସଭାରେ ଜନଜାତିଙ୍କ ସୁରକ୍ଷାର କଥା । ସ୍ୱର୍ଗତ ମିଶ୍ର ସମ୍ବିଧାନ ପ୍ରଣୟନ ସମୟରେ ଦେଶର ଅଗଣିତ ଜନଜାତିଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ଯାହାକି ପରବର୍ତ୍ତି ସମୟରେ ସମ୍ବିଧାନରେ ସ୍ଥାନୀତ ହୋଇଥିଲା ।ଏହା ହେଉଛି ଦେଶର ଅଗଣିତ ଜନଜାତିଙ୍କ ପ୍ରତି ତାଙ୍କର ଗୋଟିଏ ବଡ ଅବଦାନ ବୋଲି ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୧୧୧ତମ ଜନ୍ମ ଜୟନ୍ତି ପାଳନ ଅବସରରେ ଛତାମଖନା ପଂଚାୟତ ସ୍ଥିତ ଯୁଧିଷ୍ଠିର ମିଶ୍ର ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନିଜ ବକ୍ତବ୍ୟରେ କହିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଛତାମଖନା ମାଟି ଅନେକ ମହାପୁରୁଷଙ୍କୁ ଜନ୍ମ ଦେଇଛି । ଆଗାମୀ ଦିନରେ ଆହୁରି ମହାପୁରୁଷ ଯେ ଏ ଅଞ୍ଚଳରୁ ଜନ୍ମ ନେଇ ମାଟି ମାତୃକା ସେବାରେ ଆସିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଯୁଧିଷ୍ଠିର ଉଚ୍ଚ ବିଦ୍ୟାଳୟର ବିକାଶ ପାଇଁ ୧୦ଲକ୍ଷ ଟଙ୍କା ନିଜ ଅନୁଦାନ ପାଣ୍ଠିରୁ ଅନୁଦାନ ପ୍ରଦାନ କରି ଏକ ବାଳିକା କମନ ରୁମ୍ ସହ ଟୟଲେଟ ଗୃହର ଶୁଭ ଭିତ୍ତିପ୍ରସ୍ତର ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସେ ବିଧାୟକ ଥିବା ସମୟରେ ଡବ୍ଲୁଓଡିସି ତରଫରୁ ଉଚ୍ଚ ବିଦ୍ୟାଳୟର ଉନ୍ନତି ପାଇଁ ଅଣାଯାଇଥିବା ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଆଜି ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟକୁ ଆସିପାରିନଥିବାରୁ ସେ ଉପରେ ମୁଖ୍ୟ ଅତିଥି ଡ଼. ମୁକେଶ ମହାଲିଙ୍ଗ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ । ଏହା ସହ ଏ ଅଂଚଳରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ । ମୁଖ୍ୟବକ୍ତା ସଂଜିବ କୁମାର ପ୍ରଧାନ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜିବନୀ ଆଲୋଚନା କରି କହିଥିଲେ ଯେ ଯୁଧିଷ୍ଠିର ମିଶ୍ର ରେଭେନ୍ସା ମହାବିଦ୍ୟାଳୟ ପାଠ ପଢୁଥିବା ବେଳେ ୧୯୩୮ ମସିହାରେ ଇଷ୍ଟ ହଷ୍ଟେଲରେ ଇଂରେଜ ପତାକାକୁ ହଟେଇ ଜାତୀୟ ପତାକା ଉତ୍ତୋଳନ କରାଇଥିଲେ । ଏଥିରୁ ତାଙ୍କର ସାହସିକତା, ଜାତୀୟ ବୋଧତା ଓ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଥିବା ତାଙ୍କ ଅନୁରକ୍ତି ର ପ୍ରମାଣ ମିଳେ । ଆଇନ ପାଠ ଅଧ୍ୟୟନ ପାଇଁ ବିହାର ର ପାଟଣା ଯାଇଥିବା ବେଳେ ସେ ବାମପନ୍ଥୀ ଆନ୍ଦୋଳନରେ ଜଡିତ ହୋଇ ଛାତ୍ର ଯୁବକ କୃଷକ ଶ୍ରମିକଙ୍କ ଅବହେଳିତଙ୍କ ସ୍ୱାର୍ଥ ଲଢେଇ ରେ ସାମିଲ ହୋଇଥିଲେ । ଛାତ୍ର ସମୟରେ ଏଆଇଏସ୍ଏଫ୍ ଛାତ୍ର ସଂଗଠନର ରାଜ୍ୟ ସାଧାରଣ ସଂପାଦକ ପଦବିରେ ରହି ଛାତ୍ରଙ୍କ ସୁରକ୍ଷା ପାଇଁ ଲଢେଇରେ ଅବର୍ତିର୍ଣ୍ଣ ହୋଇଥିଲେ । ପରବର୍ତ୍ତି ସମୟରେ ବଲାଙ୍ଗିର ପ୍ରତ୍ୟାବର୍ତ୍ତନ କରି ଆଇନ ବୃତ୍ତିରେ ନିଜକୁ ନିୟୋଜିତ କରି କୃଷକ ଦଳ ଗଠନ କରିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ । ପରବର୍ତ୍ତି ସମୟରେ ଡ. ବି.ଆର. ଆମ୍ବେଦକରଙ୍କ ନେତୃତ୍ୱରେ ଗଠିତ ସମ୍ବିଧାନ ପ୍ରଣେତା ସଦସ୍ୟ ଏବଂ ପରବର୍ତ୍ତି ସମୟରେ ୧୯୫୦-୫୨ ଦୁଇ ବର୍ଷ ପାଇଁ ଦେଶର ପାଲ୍ୟାମେଣ୍ଟରେ ସଦସ୍ୟ ଥିଲେ । ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ଜଣେ ଜନନାୟକ ଥିଲେ ଏଥି ପାଇଁ ଯେ ତାଙ୍କର କାର୍ଯ୍ୟଶୈଳିର ସକରାତ୍ମକ ପ୍ରଭାବ ପରବର୍ତ୍ତି ପିଢି ପାଇଁ ଆଜି ପର୍ଯ୍ୟନ୍ତ କାମରେ ଆସୁଛି ବୋଲି ମୁଖ୍ୟବକ୍ତା ଶ୍ରୀ ପ୍ରଧାନ ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଛତିଶଗଡରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ହୋତା ଯୋଗ ଦେଇ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ବର୍ତ୍ତମାନ ର ସମାଜକୁ ଅବଦାନ ଉପରେ ଆଲୋକପାତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ଅଧକ୍ଷ ଧନଞ୍ଜୟ ସେଠ, ଦୈତାରି ପୁଝାରୀ, ପବିତ୍ର ଦଣ୍ଡସେନା ପ୍ରମୁଖ ପରିଚାଳନା କରିଥିବା ବେଳେ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ୫-ଟି ସ୍କୁଲରେ ସାଇକେଲ ଷ୍ଟାଣ୍ଡରେ ପାଠପଢା



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଗୃହର ଅଭାବ ଯୋଗୁଁ ସାଇକେଲ ଷ୍ଟାଣ୍ଡରେ ଛାତ୍ରୀ ଛାତ୍ର ମାନଙ୍କୁ ପାଠ ପଢା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ୧୮୮୬ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ୫-ଟି ସଂଲଗ୍ନ ଥିବା ସତ୍ତ୍ୱେ ମଧ ଷଷ୍ଠ, ସପ୍ତମ ତଥା ଶିଶୁ ବାଟିକା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀ ଗୃହ ନଥିବାରୁ ସାଇକେଲ ଷ୍ଟାଣ୍ଡରେ ଶିକ୍ଷକ ମାନେ ପାଠ ପଢାଇବାକୁ ବାଧ ହେଉଛନ୍ତି । ପୂର୍ବରୁ ବିଦ୍ୟାଳୟର ଯେଉଁ ସ୍କୁଲ ଗୃହରେ ପାଠ ପଢା ଯାଉଥିଲା ବର୍ତମାନ ତାହା ଭାଙ୍ଗି ଯିବାର ସ୍ଥିତିରେ ରହିଥିବାରୁ ସେହି ଗୃହରେ ଶିକ୍ଷା ଦାନ ବନ୍ଦ ହୋଇଯାଇଛି । ତା ପର ଠାରୁ ଛାତ୍ରଛାତ୍ରୀ ମାନେ ଖରା,ବର୍ଷାରେ ମଧ ଟିଣ ଚଦର ଥିବା ସାଇକେଲ ଷ୍ଟାଣ୍ଡରେ ପାଠ ପଢୁଛନ୍ତି । ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଛାତ୍ର ଛାତ୍ରୀ ଶିକ୍ଷକ ତଥା ଅଭିଭାବକ ମାନେ ଅଭିଯୋଗ ଆଣିଛନ୍ତି । ତେବେ ପରିତାପର ବିଷୟ ଏହା ଯେ ନୂତନ ସ୍କୁଲ ଗୃହ ପାଇଁ ମୋ ସ୍କୁଲ ତଥା ଅନ୍ୟ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆସିଥିଲେ ମଧ ବର୍ଷ ବର୍ଷ ଧରି ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରୁନଥିବାରୁ ଗ୍ରାମବାସୀ ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନଙ୍କ କହିବା ଅନୁସାରେ ମୋ ସ୍କୁଲ ଯୋଜନାରୁ କେବଳ ୬ ଲକ୍ଷ ଟଙ୍କାରେ ସ୍କୁଲ ଗୃହ ନିର୍ମିତ ହୋଇ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଥିବା ପ୍ରକାଶ କରିଥିଲେ । ଜୁନାଗଡ଼ ବ୍ଲକ ଶିକ୍ଷାଧିକାରୀ ତପନ ମାଝୀ କିଭଳି ପିଲା ମାନଙ୍କ ପାଠ ପଢିବାରେ ବ୍ୟାଘାତ ନ ହେବ ତା ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ ।

# କରାଡଙ୍ଗର ଖଣି ଲିଜ ନେଇ ଜନ ଶୁଣାଣି

## ତୀବ୍ର ବିରୋଧ କଲେ ବାଟିଗୁଡା ଗ୍ରାମବାସୀ

କୋକସରା,(ସବ୍ୟୁ): ଜାନ ଯାଉ ଜୀବନ ଯାଉ, କରାଡଙ୍ଗର ଜଙ୍ଗଲ ବଞ୍ଚିଥାଉ, ସରକାରଙ୍କ କୁଟ ଚକ୍ରାନ୍ତ ନୀତି ଚଳିବ ନାହିଁ ବୋଲି ନାରାବାଜି କରି ଖଣି ଲିଜକୁ ତୀବ୍ର ବିରୋଧ କରିଛନ୍ତି କୋକସରା ତହସିଲ ଅନ୍ତର୍ଗତ ମୋଟେର ପଞ୍ଚାୟତ ବାଟିଗୁଡା ଗ୍ରାମବାସୀ। ମଙ୍ଗଳବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ରାୟଗଡା ପକ୍ଷରୁ ବାଟିଗୁଡା ଗ୍ରାମ ନିକଟରେ ଥିବା କରାଡଙ୍ଗରିରେ କ୍ୱାର୍ଟଜାଇଟ୍ ଖଣି ଉତ୍ତୋଳନ ପାଇଁ ଏକ କମ୍ପାନୀକୁ ଲିଜ ପାଇଁ ଅନୁମତି ମିଳିଥିବା ଜଣାପଡିଛି। ମଙ୍ଗଳବାର ଅନୁଷ୍ଠିତ ଜନ ଶୁଣାଣି ଗ୍ରାମସଭା କାର୍ଯ୍ୟକ୍ରମରେ ବାଟିଗୁଡା ଗ୍ରାମର ଶତାଧିକ ପୁରୁଷ ମହିଳା ଗ୍ରାମବାସୀ ଏକ ବିରାଟ ଶୋଭାଯାତ୍ରାରେ ଖଣି ଲିଜକୁ ବିରୋଧ କରି ବିଭିନ୍ନ ନାରାବାଜି ଦେଇ ଗ୍ରାମସଭା ଜନ ଶୁଣାଣିରେ ଉପସ୍ଥିତ ରହି ଖଣି ଲିଜକୁ ତୀବ୍ର ବିରୋଧ କରିଛନ୍ତି। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ରାୟଗଡା ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ଅଶୋକ ଭୋଇଙ୍କ ଅଧକ୍ଷତାରେ କଳାହାଣ୍ଡି



ଅତିରିକ୍ତ ଜିଲ୍ଲାପାଳ, ଧର୍ମଗଡ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ,ଏସଡିପିଓ ଡୋଳାମଣି ଭୋଇ, କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ସମେତ ପ୍ରଦୂଷଣ ବୋର୍ଡର ଅନ୍ୟ ଅଧିକାରୀ ଓ ଖଣି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜନ ଶୁଣାଣି ଆରମ୍ଭରୁ ସ୍ଥାନୀୟ ଗ୍ରାମବାସୀମାନେ ଖଣି ଲିଜକୁ ବିରୋଧ ସହ କମ୍ପାନୀକୁ କୌଣସି ମତେ ଖଣି ଉତ୍ତୋଳନ ପାଇଁ ପୁରାଇ ଦେବୁନାହିଁ ବୋଲି ରୋକ ଠୋକ ମନା କରିଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ଡଙ୍ଗର ଉପରେ ଥିବା ଗାଁ ର ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା ମାଉଳିଙ୍କ ଆସ୍ଥାନ ରହିଥିବା ବେଳେ ଦେବୀଙ୍କ ଉପରେ ଗ୍ରାମବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ଏହି ଗ୍ରାମ୍ୟ ଜଙ୍ଗଲକୁ ଦୀର୍ଘ ଦଶନ୍ଧି ଧରି ଗ୍ରାମବାସୀ ମାନେ ଅନେକ କଷ୍ଟ ଓ ସୁରକ୍ଷା ଦେଇ ଯତ୍ନ କରି ଆସିଛନ୍ତି । ଜଙ୍ଗଲ ନଷ୍ଟ ହେଲେ ଜୀବନ ଜୀବିକା ବିପନ୍ନ ହେବ ଓ ଡଙ୍ଗର ନିକଟରେ ଥିବା ବାଟିଗୁଡା ଗ୍ରାମ ଧ୍ୱଂସ ହେବ ବୋଲି ଗ୍ରାମବାସୀ ପ୍ରତିବାଦ କରିଛନ୍ତି । ଜୀବନ ଥିବା ପର୍ଯ୍ୟନ୍ତ ଖଣି ଲିଜକୁ ବିରୋଧ କରିବୁ ବୋଲି ବଜ୍ର ଶପଥ ନେଇଛନ୍ତି। ବାଟିଗୁଡା ଗ୍ରାମ ପକ୍ଷରୁ ଜଗ ଜୀବନ କୁମାର, ବେଣୁଧର ଦଳପତି, ବିଶେଶ୍ୱର ବନ୍ଦିଛୋଡ, ମୋହନ ମାଝୀ, ଲିଙ୍ଗରାଜ ଦଳପତି, ଡିସେମ୍ବର ଦଳପତି, ପୁରୁନ୍ଧର ଦଳପତି, ରବି ନାରାୟଣ ପୁଝାରି, ଲକ୍ଷ୍ମଣ ତାଣ୍ଡି, ସରପଞ୍ଚ ମୋଟେର ବାସନ୍ତୀ ନାଏକ, ତରୂଲତା ସରାଫ, ଜୟନ୍ତୀ କର ପ୍ରମୁଖ ଜନ ଶୁଣାଣି ଗ୍ରାମସଭାରେ ବିରୋଧ କରି ନିଜର ମନ୍ତବ୍ୟ ଦେଇଥିଲେ। ପରେ ବାଟିଗୁଡା ଗ୍ରାମବାସୀ ମାନେ ନିଜର ମତାମତ ପ୍ରଦାନ କରି ଗ୍ରାମସଭା ଅଧାରୁ ଉଠି ଚାଲି ଯାଇଥିଲେ।

# ସାମ୍ବାଦିକ ସଂଘ ପକ୍ଷରୁ ଫଟୋ ପ୍ରଦର୍ଶନୀ



ସମ୍ବଲପୁର,(ସବ୍ୟୁ): ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀ ଉଦ୍ଘାଟିତ ହୋଇଯାଇଛି । ସଂଘର ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ସମ୍ବଲପୁରର ଉତ୍ପତ୍ତି, ଇତିହାସ, ବିକାଶ, ସ୍ଥାପତ୍ୟ ଆଦି ବିଷୟ ଉପରେ ଫଟୋଯୁକ୍ତ କଫିଟେବୁଲ ବୁକ୍ ପ୍ରକାଶନ ଉପରେ ଗୁରୁତ୍ୱ ଦେଇଥିଲେ । ଆଗକୁ ଏଭଳି ଫଟୋ ପ୍ରଦର୍ଶନୀର କାୟା ବୃଦ୍ଧି କରାଯିବା ଉପରେ ସୂଚନା ଦେବା ସହ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ସଂଘର ସଭାପତି ସୁଭାଷଚନ୍ଦ୍ର ପାଣିଗ୍ରାହୀ ସଭାରେ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ସାମ୍ବାଦିକ ଅର୍ଜ୍ଜୁନରଞ୍ଜନ ପଣ୍ଡା, କିଶୋର କୁମାର ସାହୁ, ସାଧାରଣ ସଂପାଦକ ଶଙ୍କର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ପ୍ରଦର୍ଶନୀରେ ଇତିହାସ, ରାଜନୀତି, ପରିବେଶ, ପ୍ରକୃତି, ଜନଜୀବନ ନେଇ ପ୍ରିୟରଞ୍ଜନ ସାହୁ, ଦୀପକ କୁମାର ପଣ୍ଡା, ଅରବିନ୍ଦ ମିଶ୍ର, କରୁଣା ଶତପଥୀ, ଆଶିଷ ପ୍ରଧାନ, ସୂର୍ଯ୍ୟ ପାଣିଗ୍ରାହୀ, ଶିଶିର କର, ସୁରେନ୍ଦ୍ର ମୋହନ ପ୍ରଧାନ ପ୍ରମୁଖଙ୍କ ଦ୍ୱାରା ସଂଗୃହୀତ ଓ ଉତ୍ତୋଳନ କରାଯାଇଥିବା ଉନ୍ନତମାନର କଳାଧଳା ଏବଂ ରଙ୍ଗୀନ ଆଲୋକଚିତ୍ର ସ୍ଥାନ ପାଇଛି । ଏହି ପ୍ରଦର୍ଶନୀ ଆସନ୍ତାକାଲି ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ ।

# ସାପ କାମୁଡା ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ



ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଜବନ୍ଧ ଠାରେ ସାପ କାମୁଡା ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ହାରାଧନ ବେରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଭୀମଟିକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁରଜ କୁମାର ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାପ କାମୁଡା ଓ ବଜ୍ରପାତ ପ୍ରତି ସର୍ବାଧିକ ସତର୍କ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗଜବନ୍ଧର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷିନୀ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାପ କାମୁଡା ପରେ ଗୁଣି ଗାରେଡି ପାଖକୁ ନ ଯାଇ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ଉପଦେଶ ଦେଇଥିଲେ। ସ୍ଥାନୀୟ ଏଏନଏମ ଶାନ୍ତିଲତା ବୁଢ଼େକ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଜ ଘର ଗୁଡିକରେ ଓ ବିଦ୍ୟାଳୟ ସ୍ତରରେ ସାପ କାମୁଡାରୁ ସୁରକ୍ଷିତ ରହିବାର ଉପାୟ ବିଷୟରେ ଜଣାଇଥିଲେ। ସ୍କୁଲ ପରିଚାଳନା କମିଟିର ପ୍ରାକ୍ତନ ଉପସଭାପତି ସୁରେନ୍ଦ୍ର ପଶାୟତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବ୍ୟବହାରର କୁ ପ୍ରଭାବ ଓ ସତର୍କତା ବିଷୟରେ ଧାରଣା ଦେଇଥିଲେ। ଶିକ୍ଷକ ସଞ୍ଜୟ ଭୋଇ,ଦିବାକର ବଢେଇ,ଦିନେଶ ନାଏକ, ବିକାଶ ଭରସାଗର, ଗୋବିନ୍ଦ ସାହୁ, ଶିକ୍ଷୟିତ୍ରୀ ବର୍ଷାରାଣୀ ମଲ୍ଲିକ, ଲଳିତା ଭୁଏ ଓ ପାଚିକା ସହାୟିକା ମାନେ ସହଯୋଗ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ଜ୍ୟୋତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାରେ ସଙ୍କୁଳସ୍ତରୀୟ କଳା ଉତ୍ସବ

ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣା ପରିସରରେ ସଂକୁଳ ସ୍ଥରୀୟ କଳା ଉତ୍ସବ ଆୟୋଜି ଜିତ ହୋଇଥିଲା । ବିଦ୍ୟାଳୟର ପ୍ରିନସିପାଲ ଭୀମସେନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଳାକାର ଓ ଶିକ୍ଷକ ଉମେଶ ଚନ୍ଦ୍ର ଶତପଥି ଓ ପୂର୍ବତନ ସଭାପତି ମହାବୀର ସାଂସ୍କୃତିକ ଅନୁଷ୍ଠାନ ଏବଂ ସାରଳା ପୁରସ୍କାର ବିଜେତା ଜୟନ୍ତ ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରିନସିପାଲ ଭୀମସେନ ପଣ୍ଡା ଉତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ କେଭି ଭବାନୀପାଟଣା ସହିତ, କେଭି ଧର୍ମଗଡ , କେଭି ବଡ଼ମାଳ , କେଭି ବଲାଙ୍ଗିର , କେଭି ଖରିଆର , କେଭି ନୂଆପଡା , କେଭି ସୋନପୁର ଓ କେଭି ବରଗଡ ର ଛାତ୍ର ଛାତ୍ରୀ ମାନେ ଉତ୍ସହ ର ସହିତ ଭାଗ ନେଇଥିଲେ । ଏଥିରେ ଅଂଶ ଗ୍ରହଣ କାରୀଙ୍କ ଜଳା ନୈପୁନ୍ୟତାକୁ ବିଚାର କରିବା ପାଇଁ ୪ ଜଣ ବିଶିଷ୍ଟ ବିଚାରପତି ଉପସ୍ଥିତ ଥିଲେ । ଦିନଟି ରଙ୍ଗିନ ପ୍ରଦର୍ଶନୀ ଓ ଅଦ୍ଭୁତ ପ୍ରତିଭାରେ ଆଲୋକିତ ହୋଇଯାଇଥିଲା। ଲୋକ ଓ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ, ଦୃଶ୍ୟକଳା, ଏବଂ ଦେଶୀୟ ଖେଳ-ଖେଳଣା ବିଭାଗରେ ଛାତ୍ରଛାତ୍ରୀମାନେ ନିଜର ସାଂସ୍କୃତିକ ଉତ୍ସାହ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ମଞ୍ଚ ସଙ୍ଗୀତ, ଚିତ୍ରାଙ୍କନ ୨ ଦି ଓ ୩ ଦି ଆର୍ଟ ଇତ୍ୟାଦି ମାଧ୍ୟମରେ ନିଜ ଜଳାକୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ ଅଧ୍ୟକ୍ଷ ଭୀମସେନ ପଣ୍ଡା ଓ ମୁଖ୍ୟଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଜେତାମାନଙ୍କୁ ସମାପନୀ ଅନୁଷ୍ଠାନରେ ସମ୍ମାନିତ କରାଗଲା ଏବଂ ସେମାନେ ବର୍ତ୍ତମାନ କ୍ଲଷ୍ଟର ପକ୍ଷରୁ ରିଜିଅନାଲ୍ ସ୍ତରରେ ପ୍ରତିନିଧିତ୍ୱ କରିବେ। କଳା ଉତ୍ସବର ସଫଳ ଆୟୋଜନରେ ଆୟୋଜକ ବିଦ୍ୟାଳୟର ଶିକ୍ଷକ, ପ୍ରତିଭାଗୀ ଛାତ୍ରଛାତ୍ରୀ ଓ ସହଭାଗୀ ଶିକ୍ଷକ ମାନଙ୍କର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଥିଲା । ଫଳରେ କଳା ଉତ୍ସବ ୨୦୨୫ ସ୍ମରଣୀୟ ଓ ପ୍ରେରଣାଦାୟକ ଅଭିଜ୍ଞତାରେ ପରିଣତ ହୋଇଛି। ଶେଷରେ ରାଷ୍ଟ୍ର ଗାନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା।

# ବେଲପାହାଡ଼ ପୌରପାଳିକାରେ ଦୁର୍ନୀତି ପ୍ରସଙ୍ଗ : ଆକାଉଣ୍ଟାଣ୍ଟ ଗିରଫ

ଝାରସୁଗୁଡ଼ା,(ସବ୍ୟୁ): ଆର୍ଥିକ ବର୍ଷ ୨୦୨୪-୨୦୨୫ରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ମ୍ୟୁନିସିପାଲଟିରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହେବା ପରେ ସୋମବାର ଠାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଅଡିଟ୍ ଅଫିସର ମନୋରଞ୍ଜନ ବେହେରା, ଅରବିନ୍ଦ ସାମନ୍ତ ବେଲପାହାଡ଼ ମ୍ୟୁନିସିପାଲଟିରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି ।

ଗତ ଆର୍ଥିକ ବର୍ଷରେ ହୋଇଥିବା ଦୁର୍ନୀତି ସମ୍ପର୍କୀତ ଫାଇଲ ଖୋଳତାଡ଼ ଜାରି ରହିଛି। ଏହାରି ଭିତରେ ମ୍ୟୁନିସିପାଲଟି ଅଧକ୍ଷ ନିମାଇଁ ପଣ୍ଡାଙ୍କ ଏତଲା କ୍ରମେ ବେଲପାହାଡ ଥାନା ପୁଲିସ ସୋମବାର ଆକାଉଣ୍ଟାଣ୍ଟ ବିଭୁତି ସାହୁଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ମଙ୍ଗଳବାର ଗିରଫ କରିଛି। ତେବେ ଏହି ଦୁର୍ନୀତି ଅଭିଯୋଗ ଆସିଥିବା ମ୍ୟୁନିସିପାଲଟିର ଆଉ ଜଣେ କର୍ମଚାରୀଙ୍କ ମୋବାଇଲ ସୁଇଚ ଅଫ ଥିବା ବେଳେ ସେ ଫେରାର ରହିଥିବା ଜଣାପଡ଼ିଛି।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପ୍ରତିଷ୍ଠା ଦିବସ

## ପରିବେଶ ସୁରକ୍ଷା ଉପରେ ଆଲୋଚନାଚକ୍ର



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ଚଙ୍ଗରିଆ ପାଞ୍ଚ ଛକ ପାଟନେଶ୍ୱରୀ କଲେଜ ପରିସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୪୧ ତମ ପ୍ରତିଷ୍ଠା ଦିବସ ଅବସରରେ ବଲାଙ୍ଗିର ଜିଲ୍ଲା ଆବାହକ ସୁଶୀଲ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗନ୍ଧମାର୍ଦ୍ଦନ ସୁରକ୍ଷାର ଇତିହାସ ଓ ପରିବେଶ ସୁରକ୍ଷା ଉପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଲୋଚନ ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ପରିବେଶ ସୁରକ୍ଷା କର୍ମୀ ତଥା ସାମ୍ବାଦିକ ସୁଧାକର ଦାଶ, ମୁଖ୍ୟ ବକ୍ତା ରୁପେ ମହାବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ଦଳପତି, ସମ୍ମାନୀତ ଅତିଥି ରୂପେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସସ୍ମିତା ସେନ ବାରିକ,ସୂର୍ଯ୍ୟକାନ୍ତ ପଧାନ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନ ଚକ୍ରରେ ଛାତ୍ର ଛାତ୍ରୀ ମାନେ ଭାଗ ନେଇ ନିଜ ବକ୍ତବ୍ୟ ରଖିଥିଲେ। ବିଚାରପତି ରୁପେ ଅଧାପିକା ସୁଷମା ରାଉତ, ପୁଷ୍ପାଞ୍ଜଳି ସୁନାନି, କୁବେର ବୁଢ଼େକ୍ ଯୋଗଦେଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ପରି ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ସୁଧାକର ଦାଶ, ଉମାକାନ୍ତ ପ୍ରଧାନ, ଅଧକ୍ଷା ସସ୍ମିତା ସେନ ବାରିକ ଓ ବିଶ୍ୱନାଥ ଦଳପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବର୍ଷା କମିବାରୁ ମାଲକାନଗିରିରେ ଗମନାଗମନ ସ୍ୱାଭାବିକ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଦୁଇ ଦିନ ହେଲା ପ୍ରବଳ ବୃଷ୍ଟିପାତ ଯୋଗୁଁ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ବେଳେ ମଙ୍ଗଳବାର ପାଣିପାଗରେ ପରିବର୍ତ୍ତନ ଘଟିଛି। ଆଜି ବର୍ଷା ବନ୍ଦ ଯୋଗୁଁ ପୋଲ ଉପରେ ପ୍ରବାହିତ ହେଉଥିବା ଜଳ ପତ୍ତନ ହ୍ରାସ ପାଇଛି । ଦୁଇ ଦିନ ହେବ ଅଟକି ରହିଥିବା ଯାନବାହାନ ଗୁଡ଼ିକ ନିଜ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିଛି । ସୋମବାର ଜାତୀୟ ରାଜପଥ-୩୨୬, ଯାହା ମାଲକାନଗିରିକୁ ମୋଟୁ ଏବଂ ଅନ୍ୟାନ୍ୟ ରାଜ୍ୟଗୁଡ଼ିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା। ପ୍ରମୁଖ ପୋଲ ଉପରେ ବନ୍ୟା ଜଳ ୫-୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଏହା ଜାତୀୟ ରାଜପଥ-୩୨୬ ଏବଂ ଅନ୍ୟାନ୍ୟ ପ୍ରମୁଖ ରାସ୍ତାଗୁଡ଼ିକରେ ଯାତାୟାତକୁ ଏକପ୍ରକାର ବନ୍ଦ ହୋଇଥିଲା ବେଳେ ଆଜି ସ୍ୱାଭାବିକ ହୋଇଛି। ଜିଲ୍ଲାରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକ ସୋମବାର ଦିନକ ପାଇଁ ବନ୍ଦ ଥିଲା ବେଳେ ମଙ୍ଗଳବାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକ ଖୋଲି ଥିବା ଜଣାପଡିଛି। ସୋମବାର ପଟେରୁ,କାଙ୍ଗୁରକୋଣ୍ଡା, ଏମଭି-୯୦ ଏବଂ କନ୍ୟା ଆଶ୍ରମ ନିକଟସ୍ଥ ସେତୁ ଉପରେ ୨-୩ ଫୁଟ ପାଣି ପ୍ରବାହିତ ଯୋଗୁଁ ଯାନବାହାନ ଚଳାଚଳ ସ୍ଥଗିତ ରହିଥିଲା ବେଳେ ମଙ୍ଗଳବାର ସ୍ଥିତିରେ ପରିବର୍ତ୍ତନ ଘଟିଛି। ସକାଳେ ଜଳସ୍ତର ହ୍ରାସ ହେବାରୁ ଗମନାଗମନ ସ୍ୱଭାବିକ ହୋଇଛି। ସୋମବାର ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ବେଳେ ଆଜି ନିଜ ନିଜର ଗନ୍ତବ୍ୟ ସ୍ଥଳରେ ବସ୍ ଟ୍ରକ୍ ଗୁଡିକୁ ଯାତାୟାତ କରୁଛି। ତେବେ ଖାଲୁଆ ଅଞ୍ଚଳରେ ରୋପଣ କରାଯାଇଥିବା ଧାନ ଜମି ଗୁଡିକରେ ବର୍ତ୍ତମାନ ଜଳ ବନ୍ଦୀ ଅବସ୍ଥାରେ ରହିଛି। ଆଗକୁ ଯଦି ବର୍ଷା ନହୁଏ ତେବେ ଜମିରୁ ଜଳ ନିଷ୍କାସନ ନହେଲେ ଧାନ ଫସଲ ଉପରେ ନକାରାତ୍ମକ ପ୍ରଭାବ ପଡିବ । କିଛି ଚାଷୀ ଧାନ ଜମିରେ ରାସାୟନିକ ସାର ପ୍ରୟୋଗ କରିଥିଲେ , ମାତ୍ର ବନ୍ୟା ପରିସ୍ଥିତି ଯୋଗୁଁ ସେ ସବୁ ପାଣିରେ ଧୋଇ ହୋଇ ବହି ଯାଇଥିବା ହେତୁ ପୁନଶ୍ଚ ରାସାୟନିକ ସାର ପ୍ରୟୋଗ କରିବାକୁ ପଡ଼ିବ। ପ୍ରବଳ ବର୍ଷା ଯୋଗୁଁ ବହୁ ସ୍ଥାନରେ ରାସ୍ତାଘାଟ ଧୋଇ ହୋଇ ଯାଇଥିବା ବେଳେ ବହୁ ମାଟି ଘର ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ତେବେ ଜିଲ୍ଲା ପ୍ରଶାସନ କ୍ଷେତ୍ର ପ୍ରଦର୍ଶନ କଲେ ବାସ୍ତବ କ୍ଷୟକ୍ଷତି ଆକଳନ ହେବ ବୋଲି କୁହାଯାଇଛି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୧୯)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଜ୍ଞାନଂ କର୍ମ୍ମ ଚ କର୍ତ୍ତା ଚ ତ୍ରିଧୈବ ଗୁଣଭେଦତଃ ।**
**ପ୍ରୋଚ୍ୟତେ ଗୁଣସଂଖ୍ୟାନେ ଯଥାବଚ୍ଛ୍ରୁଣୁ ତାନ୍ୟପି ॥ ୧୯ ॥**

ଗୁଣସଂଖ୍ୟାନେ (ସାଂଖ୍ୟଶାସ୍ତ୍ର) ଜ୍ଞାନଂ, କର୍ମ୍ମ ଚ କର୍ତ୍ତା ଚ, (ପ୍ରତ୍ୟେକଂ) ଗୁଣଭେଦତଃ (ସତ୍ତ୍ୱାଦିଗୁଣଭେଦେନ) ତ୍ରିଧା ଏବ ପ୍ରୋଚ୍ୟତେ, ତାନି ଅପି (ଜ୍ଞାନାଦୀନ ବକ୍ଷମାଣାନ୍) ଯଥାବତ୍ ଶୃଣୁ ॥୧୯॥

# ଶହେ ବର୍ଷ ତଳେ...

ଶହେ ବର୍ଷ ତଳେ ଏହି ଅଗଷ୍ଟ ୧୯ ତାରିଖ ୧୯୨୫ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ ପାଇ ରାଷ୍ଟ୍ରପିତା ମହାତ୍ମା ଗାନ୍ଧି ଓଡ଼ିଶା ଗସ୍ତରେ ଆସିଥିଲେ । ଏହା ଥିଲା ଗାନ୍ଧିଜୀଙ୍କ ଦ୍ୱିତୀୟ ଓଡ଼ିଶା ଗସ୍ତ । ଏହା ପୂର୍ବରୁ ୧୯୨୧ ମସିହାରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ସେ ଆସିଥିଲେ–୧୦୪ ବର୍ଷ ତଳେ । ୧୯୨୦ ମସିହାରେ ପୁରୀ ଜିଲ୍ଲାରେ ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା, ସାରା ଭାରତର ଦୃଷ୍ଟି ସେଥିପାଇଁ ଓଡ଼ିଶା ଉପରେ ରହିଥିଲା । ଫଳରେ ଓଡ଼ିଶାର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିବାକୁ ଗାନ୍ଧିଜୀ ବ୍ୟସ୍ତ ହୋଇ ପଡ଼ିଥିଲେ । ସେତେବେଳେ ତ ଟେଲିଫୋନ ବା ମୋବାଇଲ ଫୋନର ପ୍ରଚଳନ ନଥିଲା । ତେଣୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନିକଟକୁ ଗାନ୍ଧିଜୀ ଟେଲିଗ୍ରାମ କରିଥିଲେ, '୨୪ ତାରିଖରେ (୧୯୨୧) ଆପଣଙ୍କ ନିକଟରେ ପହଞ୍ଚିବି ବୋଲି ଆଶା କରୁଛି । ଓଡ଼ିଶା ପାଇଁ ମୁଁ ପାଞ୍ଚଦିନ ସମୟ ଦେଇପାରେ ।' ଏହା ପରେ ପ୍ରସ୍ତାବିତ ତାରିଖ ପୂର୍ବରୁ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖର ଦୋଳ ପୂର୍ଣ୍ଣିମା ଦିନ ସକାଳେ ପ୍ରଥମ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସି କଟକରେ ପହଞ୍ଚିଥିଲେ ।

ମାତ୍ର ଠିକ୍ ଶହେ ବର୍ଷ ତଳେ ୧୯୨୫ ଅଗଷ୍ଟ ମାସ ୧୯ ତାରିଖରେ ଗାନ୍ଧିଜୀ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ କ୍ରମେ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତରେ ଆସିଥିଲେ । ହାଓଡା–ପୁରୀ ଏକ୍ସପ୍ରେସରେ ସେ କଟକରେ ଆସି ପହଞ୍ଚିଥିଲେ । ତାଙ୍କର ଏହି ଗସ୍ତର କାରଣ ଥିଲା ଯେ ସେ ମଧୁବାବୁ ଆରମ୍ଭ କରିଥିବା ଉତ୍କଳ ଟାନେରୀ (କଟକ) ପରିଦର୍ଶନ କରିବେ । 'ଉତ୍କଳ ଟାନେରୀ' ସେତେବେଳେ ଉଚ୍ଚମାନର ଜୋତା ତିଆରି କରି ଭାରତର ବିଭିନ୍ନ ଅଞ୍ଚଳରେ ସୁନାମ ଅର୍ଜନ କରି ପାରିଥିଲା । କିନ୍ତୁ କ୍ଷତିରେ ଚାଲୁଥିଲା । ଗାନ୍ଧିଜୀ କଟକ ରେଳ ଷ୍ଟେସନରେ ତାଙ୍କର ଦ୍ୱିତୀୟ ଓଡ଼ିଶା ଗସ୍ତର କାର୍ଯ୍ୟକ୍ରମ ନେଇ ଶହେ ବର୍ଷ ତଳେ ପହଞ୍ଚିବା ପରେ ତାଙ୍କୁ ଓଡ଼ିଶାର ଲୋକେ ସମ୍ବର୍ଦ୍ଧନା ଜଣାଇ ଏକ ଶୋଭାଯାତ୍ରାରେ ମଧୁବାବୁଙ୍କ ବାସଗୃହକୁ ନେଇ ଯାଇଥିଲେ । ଇତିହାସକୁ ଅବଲୋକନ କଲେ ଜଣାଯାଇଥାଏ ଯେ ଗାନ୍ଧିଜୀ ଉତ୍କଳ ଟାନେରୀ ପରିଦର୍ଶନ କରିବା ସମୟରେ ଅସ୍ପୃଶ୍ୟମାନେ ତାଙ୍କୁ ଏକ ମାନପତ୍ର ପ୍ରଦାନ କରିଥିଲେ ।

ଗାନ୍ଧିଜୀ ମଧୁବାବୁଙ୍କ ନିମନ୍ତ୍ରଣ ପାଇ ଉତ୍କଳ ଟାନେରୀ ଗସ୍ତ କରିବା ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟ ସଂପନ୍ନ କରିଥିଲେ । ସେହି ଅଗଷ୍ଟ ୧୯ ଅପରାହ୍ନ ୩ଟା ସମୟରେ ସେ କଟକର କୁଷ୍ଠାଶ୍ରମ ମଧ୍ୟ ପରିଦର୍ଶନ କରିଥିଲେ । କୁଷ୍ଠ ରୋଗାକ୍ରାନ୍ତ ଲୋକେ ସେଠାରେ ରହି ଚିକିତ୍ସାଧୀନ ଥିଲେ ମଧ୍ୟ ରୋଗ ସଂକ୍ରମଣ ଭୟ ଥିବାରୁ ଅନ୍ୟମାନେ, ଏପରିକି କୁଷ୍ଠ ରୋଗୀଙ୍କ ସଂପର୍କୀୟମାନେ ମଧ୍ୟ ସେଠାକୁ ଯାଉ ନଥିଲେ । ତେଣୁ ଗାନ୍ଧିଜୀ କୁଷ୍ଠାଶ୍ରମ ପରିଦର୍ଶନ କରିବା ଘଟଣାଟି ଓଡ଼ିଶାର ଜନସାଧାରଣଙ୍କୁ ଆନନ୍ଦିତ କରିଥିଲା । ସେ ଦିନ ସନ୍ଧ୍ୟାରେ କଟକର ଟାଉନହଲ୍‌ଠାରେ ଆୟୋଜିତ ଏକ ସଭାରେ ଗାନ୍ଧିଜୀ ଜନସାଧାରଣଙ୍କୁ ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।

ତହିଁ ପରଦିନ ଅଗଷ୍ଟ ୨୦ (୧୯୨୫) ତାରିଖ ସକାଳ ପ୍ରାୟ ୯ଟା ସମୟରେ ବିଶପଙ୍କ ଭଜନାଳୟ (ବିଶପସ ଚାପେଲ)ରେ ପହଞ୍ଚିଲେ ଗାନ୍ଧିଜୀ । ସେଠାରେ ଉପସ୍ଥିତ ବହୁ ଲୋକେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଗାନ୍ଧିଜୀ ସେମାନଙ୍କୁ ସେଠାରେ ଉଦ୍‌ବୋଧନ ଦେଇଥିଲେ ଓ ତାଙ୍କର ହିନ୍ଦୀ ଭାଷଣକୁ ମଧୁବାବୁ ଓଡ଼ିଆରେ ଅନୁବାଦ କରି ଲୋକଙ୍କୁ ଶୁଣାଉଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ***ଗାନ୍ଧିଜୀ ହିଁ ସେଠାରେ ତାଙ୍କ ଭାଷଣରେ ପ୍ରକାଶ କରିଥିଲେ, 'ଓଡ଼ିଶା ଭାରତର ଦରିଦ୍ରତମ ପ୍ରଦେଶ ଏବଂ ଯଦି ପ୍ରତ୍ୟେକ ଲୋକ ଚରଖା ବ୍ୟବହାର କରନ୍ତି ତେବେ ଏହି ଦାରିଦ୍ର୍ୟ ସହଜରେ ଦୂର କରାଯାଇ ପାରିବ ।'*** ସେ ଦିନ 'ଦେଶବନ୍ଧୁ ସ୍ମୃତି ପାଣ୍ଠି' ପାଇଁ ଅର୍ଥ ଉଠାଇବା ଉଦ୍ଦେଶ୍ୟ ରଖି ଗାନ୍ଧିଜୀ କଟକରେ ରହୁଥିବା ବଙ୍ଗାଳୀ ଓ ମୁସଲମାନ ସଂପ୍ରଦାୟର ଲୋକମାନଙ୍କୁ ଭେଟିଥିଲେ । ସେହି ଅଗଷ୍ଟ ୨୦ (୧୯୨୫) ଅପରାହ୍ନରେ କଟକର ସ୍ୱରାଜ୍ୟ ଆଶ୍ରମଠାରେ ଅନୁଷ୍ଠିତ ଏକ ସୂତ୍ରଯଜ୍ଞ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସୂତ୍ରଯଜ୍ଞର ଆୟୋଜନ କରିଥିବା ମହିଳାମାନଙ୍କୁ ଭେଟି ଗାନ୍ଧିଜୀ ଆଲୋଚନା କରିଥିଲେ । ସେଦିନ ପୁରୀ– ହାୱଡା ଏକ୍ସପ୍ରେସରେ ଗାନ୍ଧିଜୀ କଲକାତାକୁ ଫେରି ଯାଇଥିଲେ ।

ଶହେ ବର୍ଷ ପରେ ଭାରତର ଜଣେ ଅଦ୍ୱିତୀୟ ନେତା ଭାବେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଦାରିଦ୍ର୍ୟ ପ୍ରତି ମଧ୍ୟ ଅନୁରୂପ ଦୃଷ୍ଟି ଦେଇଛନ୍ତି । ସ୍ୱତନ୍ତ୍ର ଅନୁଦାନ ମଧ୍ୟ ଭାରତ ସରକାରଙ୍କପକ୍ଷରୁ ସେ ଓଡ଼ିଶାକୁ ଦେଇ ଆସୁଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସେ ଓଡ଼ିଶାରୁ ତିନିଜଣ କ୍ୟାବିନେଟ ପାହ୍ୟାର ମନ୍ତ୍ରୀଙ୍କୁ ସ୍ଥାନ ଦେଇଛନ୍ତି । ଏପରିକି ଓଡ଼ିଶାରେ ସରକାରଙ୍କୁ ବଦଳାଇ ସେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଓ ଦୁଇଜଣ ଉପ–ମୁଖ୍ୟମନ୍ତ୍ରୀଙ୍କୁ ଦକ୍ଷତାର ସହ କାର୍ଯ୍ୟ କରିବା ଲାଗି ମାର୍ଗଦର୍ଶନ ଦେଇ ଯାଇଛନ୍ତି । ଗାନ୍ଧିଜୀ ଯେପରି ବାରମ୍ବାର ଓଡ଼ିଶା ଗସ୍ତରେ ଆସୁଥିଲେ,ଶହେ ବର୍ଷ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ବାରମ୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି । ଗାନ୍ଧିଜୀଙ୍କ ଇଚ୍ଛାନୁଯାୟୀ ଓଡ଼ିଶାର ଜଣେ ଆଦିବାସୀ ମହିଳାଙ୍କୁ ମୋଦିଜୀ ମଧ୍ୟ ଭାରତର ପ୍ରଥମ ନାଗରିକ ବା ରାଷ୍ଟ୍ରପତି ହେବାର ସୁଯୋଗ ଦେଇଛନ୍ତି । ଉଭୟ ଗାନ୍ଧିଜୀ ଓ ମୋଦିଜୀ ଆମର ତେଣୁ ଅତିପ୍ରିୟ ବୋଲି ମନେ ହୁଅନ୍ତି ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦାଦନ ସମସ୍ୟା, ନା ବଦଳିଛି ନା ବଦଳୁଛି



**ସତ୍ୟ ସୁନ୍ଦର ଭଞ୍ଜ**

ଭାରତ ସ୍ୱାଧୀନତାର ୭ ଦଶନ୍ଧିରେ ମଧ୍ୟ ଓଡ଼ିଶାର ଏପରି ଅଞ୍ଚଳ ଅଛି ଯାହା ଭୋକର ଭୂଗୋଳ ଭାବରେ ପରିଚିତ । ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳର ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ସୋନପୁର, ବରଗଡ଼ ଜିଲ୍ଲାର ଅନେକ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ପରିବାର ଅଞ୍ଚଳର ମହାନ କୃଷିଭିତ୍ତିକ ଗଣପର୍ବ ପରେ ନିଜ ଭିଟାମାଟି ଛାଡ଼ି ପେଟ ପାଇଁ ଦେଶାନ୍ତର ହୋଇଥାନ୍ତି ।

ଏହି ଦେଶାନ୍ତର ହେଉଥିବା ଶ୍ରମିକମାନଙ୍କ ମଧ୍ୟରୁ ୧୫ରୁ ୨୦ ପ୍ରତିଶତ ଶ୍ରମ ବିଭାଗ ନିକଟରେ ପଞ୍ଜିକୃତ ଠିକାଦାରଙ୍କ ଜରିଆରେ ରାଜ୍ୟ ବାହାରକୁ କାମଧନ୍ଦା ପାଇଁ ଯାଉଥିବା ବେଳେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦାଦନ ଦଲାଲ ମାଧ୍ୟମରେ ଦେଶାନ୍ତର ହୋଇଥାନ୍ତି । ଅନେକ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ତାମିଲନାଡୁର ବିଭିନ୍ନ ଇଟାଭାଟିରେ ବିପଜ୍ଜନକ ଭାବେ କାମ କରୁଥିବା ବେଳେ କିଛି ଶ୍ରମିକ ଗୁଜରାଟ, ତାମିଲନାଡୁର ବିଭିନ୍ନ ମିଲମାନଙ୍କରେ କାମ କରି ସେମାନଙ୍କ ଗୁଜରାଣ ମେଣ୍ଟାଇଥାନ୍ତି । ବଲାଙ୍ଗିର ଜିଲ୍ଲା ଶ୍ରମ ବିଭାଗ ତରଫରୁ ମିଳିଥିବା ତଥ୍ୟ ଅନୁସାରେ ଗତ ୩ ବର୍ଷରେ କେବଳ ଗୋଟିଏ ଜିଲ୍ଲାରୁ ପଞ୍ଜିକୃତ ଭାବେ ୭୦ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଦେଶାନ୍ତର ହୋଇଛନ୍ତି । ତନ୍ମଧ୍ୟରୁ ୨୦୨୩ରେ ୨୧ହଜାର ୯ଶହ, ୨୦୨୪ରେ ୨୩ ହଜାର ୩ଶହ ଓ ୨୦୨୫ରେ ୨୪,୭୯୮ ଶ୍ରମିକ ଦାଦନ ଯାଇଛନ୍ତି । କିନ୍ତୁ ବାସ୍ତବରେ ଲକ୍ଷାଧିକ ଶ୍ରମିକ ଦାଦନ ଯାଇଥାନ୍ତି । ଏହା ଗତ କରୋନା ସମୟରେ ଜଣାପଡ଼ିଥିଲା । ସେହି ସମୟରେ ଦାଦନ ଶ୍ରମିକମାନେ ଯେତେବେଳେ ଭିଟାମାଟିକୁ ଫେରିଲେ ସେତେବେଳେ ସରକାର, ବିଭିନ୍ନ ଏନଜିଓ, ଗଣମାଧ୍ୟମ ଦାଦନର ଅସଲ ଛବି ଓ ପ୍ରକୃତ ସଂଖ୍ୟା ଜାଣିପାରିଥିଲେ । ବିନା ପଞ୍ଜିକରଣରେ ଦାଦନ ଦଲାଲ ଜରିଆରେ ଶ୍ରମିକ ଦେଶାନ୍ତର ହେଉଥିବାରୁ ସେମାନଙ୍କ ମୃତ୍ୟୁ, ଦୁର୍ଘଟଣା ହେଲେ ଶ୍ରମ ବିଭାଗରୁ କ୍ଷତିପୂରଣ ପାଇବାରେ ଅସୁବିଧା ହୋଇଥାଏ ।

ମିଳିଥିବା ତଥ୍ୟ ଅନୁସାରେ ସମଗ୍ର ଓଡ଼ିଶାରୁ ଗତ ୩ବର୍ଷ ମଧ୍ୟରେ ୨୬୨ ଜଣ ଦାଦନ ଶ୍ରମିକ ମୃତ୍ୟୁବରଣ କରିଛନ୍ତି । କିନ୍ତୁ ବେସରକାରୀ ଭାବେ ଏହି ସଂଖ୍ୟା ଅଧିକ । ଦାଦନମାନଙ୍କୁ ନିର୍ଯାତନା ହେଉଥିବା ବେଳେ ଶ୍ରମ ବିଭାଗ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରିଥିବା ଜଣାଯାଇଛି । ଦେଶାନ୍ତର ହେଉଥିବା ସରକାରୀ ତଥ୍ୟ ପଛରେ ଅନେକ କାରଣ ରହିଛି । ତନ୍ମଧ୍ୟରୁ ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନରେ ଫେଲ୍ ମାରିବା ପ୍ରମୁଖ କାରଣ । ମିଳିଥିବା ତଥ୍ୟ ଅନୁସାରେ ଗତ ୫ ବର୍ଷ ମଧ୍ୟରେ କେବଳ ପଞ୍ଚାୟତିରାଜ ବିଭାଗରେ ୨୮ କୋଟି ଟଙ୍କା ଦୁର୍ନୀତି ହୋଇଛି । ଏହା ସରକାରୀ ଓ ବେସରକାରୀ ସଂସ୍ଥା ପରୋକ୍ଷରେ ସ୍ୱୀକାର ମଧ୍ୟ କରିସାରିଛନ୍ତି । ବିଶେଷ କରି ପଞ୍ଚାୟତିରାଜ ବିଭାଗ ଗ୍ରାମାଞ୍ଚଳରେ ନିର୍ମାଣ ଓ ବିଭିନ୍ନ ଶ୍ରମିକ ସମ୍ପର୍କିତ ଉନ୍ନୟନ କାର୍ଯ୍ୟ କରୁଥିବାରୁ ଶ୍ରମିକ କାମ କରି ପାଉଣା ପାଇବାରେ ବାଟମାରଣା ହୋଇଥାଏ । ଫଳରେ ଶ୍ରମିକମାନେ ପ୍ରଭାବିତ ହୋଇଥାନ୍ତି । ବିଶେଷ କରି ପଶ୍ଚିମ ଓଡ଼ିଶାରେ ଗତ ୪ ଦଶନ୍ଧି ପୂର୍ବରୁ ଲଗାତର ଭାବେ ଦୁର୍ଭିକ୍ଷ ଓ ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲା । ଫଳରେ କୃଷକ , ବ୍ୟବସାୟୀ ଓ କୃଷି ଶ୍ରମିକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା ।

**ଗ୍ରାମାଞ୍ଚଳର ଯୁବବର୍ଗ ଯଦି କାମ ଅନ୍ୱେଷଣରେ ଦେଶାନ୍ତର ହେବେ ତା'ହେଲେ ବିକଶିତ ଓଡ଼ିଶା କେବେ ସମ୍ଭବ ହେବ ତାହା ସମୟ ହିଁ ଏହାର ଉତ୍ତର ଦେବ । ଅନ୍ୟ ପକ୍ଷରେ ଏକ ବେସରକାରୀ ତଥ୍ୟ ଅନୁସାରେ ୨୦୩୬ ସୁଦ୍ଧା ଦେଶରେ ଯୁବବର୍ଗ ବେକାରୀ ସଂଖ୍ୟା ବୃଦ୍ଧି ପାଇବ ।**

ପଶ୍ଚିମ ଓଡ଼ିଶାର ବରଗଡ଼, କଳାହାଣ୍ଡି, ସୋନପୁର ଓ ସମ୍ବଲପୁରର କିଛି ଅଞ୍ଚଳକୁ ଛାଡ଼ି ଦେଲେ ବାକିତକ ଅଞ୍ଚଳର କୃଷି ବହୁ ପରିମାଣରେ ବର୍ଷା ଉପରେ ନିର୍ଭରଶୀଳ । ଅନିୟମିତ ବର୍ଷା, ଖରା, ବନ୍ୟା, ଅନାବୃଷ୍ଟି ଇତ୍ୟାଦି କାରଣରୁ ପ୍ରତିବର୍ଷ ଚାଷୀଙ୍କ ଫସଲ ନଷ୍ଟ ହେଉଛି । ଫଳରେ ଜୀବିକା ଉଜୁଡ଼ି ଯିବା ସହ ଲୋକେ କାମର ସନ୍ଧାନରେ ବାଧ୍ୟ ହୋଇ ଭିଟାମାଟି ଛାଡ଼ିଥାନ୍ତି । ପ୍ରାୟ ଅଞ୍ଚଳରେ ଏକମାତ୍ର ବର୍ଷା ଭିତ୍ତିକ ଧାନ ଚାଷ ହୁଏ । ବାକି ସମୟରେ କୃଷି କାମ କମ୍ ଥାଇ, ଶ୍ରମିକଙ୍କୁ ବର୍ଷର ୪–୫ ମାସ ବେକାର ହେବାକୁ ପଡ଼େ । ଫଳରେ ପେଟ ପାଇଁ ଶ୍ରମିକ ଓ କୃଷି ଶ୍ରମିକ ବିକଳ୍ପ ପନ୍ଥା ଖୋଜିଥାଏ । ଗ୍ରାମୀଣ ଦାରିଦ୍ର୍ୟ ଓ ବେରୋଜଗାରୀ ଆଭ୍ୟନ୍ତରୀଣ ଅଞ୍ଚଳରେ ଉତ୍କଟ ଧାରଣ କରୁଛି । ଶିଳ୍ପ, କଳ କାରଖାନା, ବଡ଼ ବ୍ୟବସାୟିକ ସଂସ୍ଥାନର ଅଭାବରୁ ଗ୍ରାମୀଣ ଯୁବକମାନେ ସ୍ଥାନୀୟ ନିଯୁକ୍ତି ପାଉନାହାଁନ୍ତି ।

ଅନ୍ୟ ପକ୍ଷରେ ବାହାର ରାଜ୍ୟରେ ଏଠାକାର ଶ୍ରମିକ ଅଧିକ ଆୟ କରୁଥିବାରୁ ଏକପ୍ରକାର ଆକର୍ଷଣ ବଢୁଛି । ପଞ୍ଜାବ, ଗୁଜରାଟ, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଇତ୍ୟାଦି ରାଜ୍ୟରେ ଶ୍ରମିକଙ୍କ ଦୈନିକ ଦରମା ପଶ୍ଚିମ ଓଡ଼ିଶାର ତୁଳନାରେ ଢ଼େର ଅଧିକ । ଫଳରେ ଏହା ଯୁବକଙ୍କୁ ବାହାର ରାଜ୍ୟର କାମକୁ ଆକର୍ଷିତ କରିଥାଏ ।

ପଶ୍ଚିମ ଓଡ଼ିଶାର ଦାଦନ ପ୍ରବଣ ଇଲାକାରେ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷାର ଅଭାବରୁ ଗ୍ରାମୀଣ ଯୁବକମାନେ କେବଳ ଶାରୀରିକ ଶ୍ରମଭିତ୍ତିକ କାମରେ ନିର୍ଭରଶୀଳ ରହିଥାନ୍ତି । ତାହା ପୁଣି ନିର୍ଦ୍ଦିଷ୍ଟ ଭାବରେ ସିଜିନାଲ ରହିଥାଏ । ଅନ୍ୟ ପକ୍ଷରେ ମନରେଗା ଯୋଜନା ସମେତ ଅନ୍ୟ ସରକାରୀ ଯୋଜନାର ସଚେତନତା ଅଭାବରେ ପ୍ରଭାବୀ କାର୍ଯ୍ୟାନ୍ୱୟନର ତ୍ରୁଟି ରହିଛି । ମନରେଗା ଯୋଜନାରେ ସରକାରୀ ଭାବେ ଅନେକ ଶ୍ରମଭିତ୍ତିକ କାମ ରହିଥିଲେ ହେଁ ଅନିୟମିତ କାମ, ବିଳମ୍ବରେ ପେମେଣ୍ଟ ଓ କମ୍ ପାଉଣା ହେତୁ ଶ୍ରମିକମାନେ ସେଥିରେ ଅନାଗ୍ରହ ଦେଖାଇଥାନ୍ତି । ଅନ୍ୟ ଏକ ବଡ଼ ସମସ୍ୟା ହେଉଛି ପରମ୍ପରାଗତ ପ୍ରବାସ ସଂସ୍କୃତି । ପୂର୍ବରୁ ପରିବାରର କେହି ନା କେହି ବାହାର ରାଜ୍ୟକୁ କାମକୁ ଯାଉଥିବାରୁ, ନୂତନ ପିଢ଼ିରେ ମଧ୍ୟ ସେହି ପ୍ରବାସ ମନୋବୃତ୍ତିର ଧାରା ଚାଲିଆସୁଛି । ଅନ୍ୟ ଏକ ପ୍ରବାସ କାରଣ ମଧ୍ୟରେ ଅନେକ ଗ୍ରାମୀଣ ପରିବାରରେ ଜମିର ଅଭାବ ବା ଅତି କମ୍ ଜମି ଥିବାରୁ, ସେମାନେ ସମ୍ପୂର୍ଣ୍ଣ ଭାବରେ କୃଷି ଉପରେ ନିର୍ଭର କରନ୍ତି ବା କୃଷି ଶ୍ରମିକ ଭାବରେ ପୂର୍ଣ୍ଣଜୀବିକା ରଖିପାରନ୍ତି ନାହିଁ । ଏହା ସହିତ ଶୁଷ୍କ ଅଞ୍ଚଳରେ କୃଷି ଶ୍ରମିକକୁ କାମଧନ୍ଦା ମିଳିବାରେ ବହୁତ ବଡ଼ ସମସ୍ୟା ଦେଖା ଦେଇଥାଏ । ସାମାଜିକ ଓ ପାରିବାରିକ ଆବଶ୍ୟକତାକୁ ତୁଟାଇବାକୁ ମଧ୍ୟ ଅନେକ ବାଧ୍ୟ ହୁଅନ୍ତି ଭିଟାମାଟି ଛାଡ଼ି ଅଧିକ ଉପାର୍ଜନ ଆଶାରେ । ଏପରିକି ବିବାହ, ଘରୋଇ ଖର୍ଚ୍ଚ, ଋଣ ପରିଶୋଧ ଓ ଅନ୍ୟାନ୍ୟ ପାରିବାରିକ କାରଣରୁ ଅଧିକ ଆୟର ଆବଶ୍ୟକତା ପଡ଼େ, ଯାହା ସ୍ଥାନୀୟ ଭାବେ ସମ୍ଭବ ହୋଇନଥାଏ ।

ଦାଦନ ଶ୍ରମିକ ଚାଲାଣ ଅନେକାଂଶରେ ରାଜନେତା, ପୋଲିସ, ନକଲି ସ୍ୱେଚ୍ଛାସେବୀ, ନିଜକୁ ସମାଜସେବୀ ବୋଲାଉଥିବା ବ୍ୟକ୍ତିଙ୍କ ଜରିଆରେ ହୋଇଥାଏ । ଫଳରେ ବଲାଙ୍ଗିର , ନୂଆପଡ଼ା ଅଞ୍ଚଳରେ ଦାଦନ ଏକପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଯାଇଛି । ଏହି ଭିଟାମାଟି ଛାଡୁଥିବା ଦାଦନଙ୍କ ପିଡ଼ିଏସ ଚାଉଳ ଓ ମନରେଗା ପାଉଣା ମଧ୍ୟ ସ୍ଥାନୀୟ ନେତାଙ୍କ ଜରିଆରେ ହଡ଼ପ୍ ହୋଇଥାଏ । ସରକାର ଓ ପ୍ରଶାସନ ଏ ଦିଗରେ ଜାଣି ମଧ୍ୟ ନଜାଣିଲା ଭଳି ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି । **ଦାଦନକୁ ରୋକିବାକୁ ଓଡ଼ିଶା ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । କିନ୍ତୁ ଏହି ଟାସ୍କଫୋର୍ସ କେବଳ ପ୍ରହସନ ହେବାକୁ ଯାଉଛି । ପଶ୍ଚିମ ଓଡ଼ିଶାରୁ ଦାଦନ ଶ୍ରମିକ ପ୍ରବାସ କେବଳ ଆର୍ଥିକ ସମସ୍ୟାର ପରିଣାମ ନୁହେଁ ବରଂ ପ୍ରାକୃତିକ, ସାମାଜିକ ଓ ପ୍ରଶାସନିକ କାରଣମାନଙ୍କର ସମଷ୍ଟିର ଫଳ ।** ସ୍ଥାନୀୟ ସ୍ତରରେ ନିର୍ଭରଯୋଗ୍ୟ ରୋଜଗାର, ଧନ୍ଦାମୂଳକ ଶିକ୍ଷା, ଓ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ହେଲେ ଏହି ଦେଶାନ୍ତରକୁ ଅନେକାଂଶରେ କମାଇପାରିବ । କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତ ଓ ଓଡ଼ିଶା ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ଆଗଭର ହେଉଛନ୍ତି । ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । କିନ୍ତୁ ଗ୍ରାମାଞ୍ଚଳର ଯୁବବର୍ଗ ଯଦି କାମ ଅନ୍ୱେଷଣରେ ଦେଶାନ୍ତର ହେବେ ତା'ହେଲେ ବିକଶତି ଓଡ଼ିଶା କେବେ ସମ୍ଭବ ହେବ ତାହା ସମୟ ହିଁ ଏହାର ଉତ୍ତର ଦେବ । ଅନ୍ୟ ପକ୍ଷରେ ଏକ ବେସରକାରୀ ତଥ୍ୟ ଅନୁସାରେ ୨୦୩୬ ସୁଦ୍ଧା ଦେଶରେ ଯୁବବର୍ଗ ବେକାରୀ ସଂଖ୍ୟା ବୃଦ୍ଧି ପାଇବ । ଫଳରେ ଆୟ ଉପାର୍ଜନ କରୁଥିବା ଯୁବବର୍ଗରେ ସଂଖ୍ୟା କମିବ । ଗ୍ରାମାଞ୍ଚଳରେ ବସବାସ କରୁଥିବା ଅର୍ଦ୍ଧ ଶିକ୍ଷିତ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଓ ଆୟର ପନ୍ଥା ସୁନିଶ୍ଚିତ କରିବାକୁ ପଡ଼ିବ । ଠିକ୍ ସେହିପରି ମହିଳା–ପୁରୁଷ ଜନସଂଖ୍ୟାରେ ମହିଳାଙ୍କ ସଂଖ୍ୟାରେ ବଡ଼ ତାରତମ୍ୟ ରହିବ । ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇବ । ଆଜିଠୁ ସେହି ବର୍ଗ ପାଇଁ ଆତ୍ମ ନିର୍ଭରଶୀଳର ବାଟ ଖୋଜି ବାହାର କରିବାକୁ ପଡ଼ିବ । ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନଙ୍କ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଦିଗରେ ନୂତନ କୌଶଳଗୁଡ଼ିକ ବାହାର କରିବାକୁ ପଡ଼ିବ ।

**ସମୟ ସହ–ସମ୍ପାଦକ**
**ମୋ– ୯୪୩୭୧୫୦୬୩୨**

# ବଞ୍ଚିରହୁ ଦେଶର କଳା ଓ ସଂସ୍କୃତି



**ରାକେଶ ପଣ୍ଡା**

ପରିଚୟ ମାନବ ଜୀବନର ଏକ ଅତ୍ୟାବଶ୍ୟକ ଏବଂ ପ୍ରଭାବଶାଳୀ ଅଂଶ । ଉକ୍ତ ପରିଚୟର ଏକ ବିଶେଷ ଅର୍ଥପୂର୍ଣ୍ଣ ଉପାଦାନ ହେଉଛି ଜଣେ ବ୍ୟକ୍ତିଙ୍କ 'ନାମ' । ଉକ୍ତ ନାମଟି ତାଙ୍କର ଅଦ୍ଭୁତ ଗୁଣ, ସକାରାତ୍ମକ ଚିନ୍ତାଧାରା, ନିଃସ୍ୱାର୍ଥପରତା, ଜୀବନରେ ବିବିଧ ଦାୟିତ୍ୱ ଗ୍ରହଣ କରିବାର କ୍ଷମତା, ସମସ୍ତ ଜୀବଜନ୍ତୁଙ୍କ ପ୍ରତି ପ୍ରେମ, ସମର୍ପଣ, ଧୈର୍ଯ୍ୟ ଏବଂ ସମାଜ ପ୍ରତି ତ୍ୟାଗ ତଥା ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ଦ୍ୱାରା ଯଥାର୍ଥ ହୋଇଯାଏ । ପରବର୍ତ୍ତୀ ସମୟରେ, ଏହା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏବଂ ଅନନ୍ୟ ପରିଚୟ ସୃଷ୍ଟି କରେ । ସେହିପରି, ଯେତେବେଳେ ବିଶ୍ୱରେ ଗୋଟିଏ ଦେଶ କିମ୍ବା ରାଜ୍ୟ ମୁଣ୍ଡ ଟେକିଥାଏ, ବହୁତ କମ୍ ଲୋକେ ଏହାକୁ ଚିହ୍ନିଥାନ୍ତି । କିନ୍ତୁ, ଉକ୍ତ ଦେଶଟି ଏହାର କଳା, ସଂସ୍କୃତି, ଇତିହାସ, ଭାଷା, ସାହିତ୍ୟ ଏବଂ ସ୍ଥାପତ୍ୟ ଦ୍ୱାରା ବିଶ୍ୱ ସମ୍ମୁଖରେ ପରିଚିତ ହୋଇଥାଏ, ଯାହାକି ପରବର୍ତ୍ତୀ ସମୟରେ ବିଶ୍ୱବାସୀଙ୍କ ଭାବନାରେ ଏକ ବିଶେଷ ଛାପ ଏବଂ ପରିଚୟ ସୃଷ୍ଟି କରେ ।

ଭାରତ ଉତ୍କର୍ଷର ଦେଶ । ଏହାର କଳା ଓ ସଂସ୍କୃତିରେ ଏତେ ପୂର୍ଣ୍ଣତା ଓ ନିଖୁଣତା ଅଛି ଯେ ତାହା ଭାରତକୁ ସମଗ୍ର ବିଶ୍ୱରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରେ । ଏହାର ସଂସ୍କୃତି, ଏହାର ବିବିଧତା ଏବଂ ଏକତା ସହିତ, ଦେଶର ଗଭୀର ମୂଳଦୁଆ ଐତିହ୍ୟର ଏକ ସୁନ୍ଦର ସମନ୍ୱୟ । ତେବେ ଉକ୍ତ ସଂସ୍କୃତି ଏବଂ ପରମ୍ପରାର ଏକ ଅତ୍ୟାବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି 'ଟାଟୁ' ବା 'ଚିତା' । ଭାରତରେ ଟାଟୁ କରିବା ତଥା ଚିତା କୁଟାଇବା ଏକ ସମୃଦ୍ଧ ପରମ୍ପରା ଏବଂ ପ୍ରାଚୀନ ପ୍ରଥା ଅଟେ । ଯାହା ବିଭିନ୍ନ ସମ୍ପ୍ରଦାୟର ସାଂସ୍କୃତିକ ଢାଞ୍ଚାରେ ଗଭୀର ଭାବରେ ଜଣେ ବ୍ୟକ୍ତିର ଚର୍ମରେ ଅଙ୍କା ଯାଇଥାଏ । ଏହାକୁ ଶତାବ୍ଦୀ ଧରି ପରିଚୟ, ସାମାଜିକ ସ୍ଥିତି, ସୁରକ୍ଷା ଏବଂ ଆଧ୍ୟାତ୍ମିକ ମହତ୍ତ୍ୱର ପ୍ରତୀକ ଭାବରେ ମଧ୍ୟ ପରିଚାଳିତ କରାଯାଇ ଆସୁଛି ଏବଂ ଆଦିବାସୀ ସମ୍ପ୍ରଦାୟଠାରୁ ଆରମ୍ଭ କରି ଆଧୁନିକ ସହରାଞ୍ଚଳ ବାସିନ୍ଦାଙ୍କ ପର୍ଯ୍ୟନ୍ତ, ଟାଟୁ ଆଙ୍କିବା ପରିଚୟର ପ୍ରତୀକରୁ ସୌନ୍ଦର୍ଯ୍ୟ ପ୍ରତୀକ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ କରିଆସିଛି ।

ଅତୀତର ପ୍ରତୀକାତ୍ମକ ପୃଷ୍ଠାଗୁଡ଼ିକ ପ୍ରତିଫଳିତ କରେ ଯେ ଅନେକ ଆଦିବାସୀ ସମ୍ପ୍ରଦାୟରେ, ଟାଟୁ ସେମାନଙ୍କର ସାଂସ୍କୃତିକ ପରିଚୟର ଅବିଚ୍ଛେଦ୍ୟ ଅଂଶ ଥିଲା । ସେମାନେ ଟାଟୁକୁ ସାମାଜିକ ଓ ବୈବାହିକ ସ୍ଥିତି, ନାରୀତ୍ୱ ଏବଂ ଜୀବନ ପର୍ଯ୍ୟାୟର ଚିହ୍ନ ଭାବରେ ଦେଖନ୍ତି । କିଛି କ୍ଷେତ୍ରରେ, ଟାଟୁକୁ ଗୋଟିଏ ବଂଶର ସଦସ୍ୟତା, ଏବଂ ସଫଳତାକୁ ସୂଚାଇବା ପାଇଁ ମଧ୍ୟ ବ୍ୟବହାର କରାଯାଏ । ସୁରକ୍ଷା ଏବଂ ଆଧ୍ୟାତ୍ମିକତା ପ୍ରତି ଧ୍ୟାନ ଦେଇ, ଏକ ବିଶ୍ୱାସ ଅଛି ଯେ ଟାଟୁ ନକାରାତ୍ମକ ଆତ୍ମା ଏବଂ ଖରାପ ଭାଗ୍ୟର ଫଳାଫଳକୁ ନେଇ ସୁରକ୍ଷା ପ୍ରଦାନ କରେ । ହିନ୍ଦୁ ଧର୍ମର, କିଛି ଦେବତା ଏବଂ ଆଧ୍ୟାତ୍ମିକ ପ୍ରତୀକ ଯେପରିକି: ଭଗବାନ ଶିବ, ଗଣେଶ, 'ଓମ୍' ପ୍ରତୀକ, ପଦ୍ମ ଫୁଲ ଏବଂ ସଂସ୍କୃତ ଶ୍ଳୋକ ଆଦି ଟାଟୁର ରୂପାଙ୍କନ ଭାବରେ ଲୋକପ୍ରିୟ । ବ୍ୟକ୍ତିଗତ ବିଶ୍ୱାସ ଏବଂ ଆଧ୍ୟାତ୍ମିକତାକୁ ଏକ କଳାତ୍ମକ ଅଭିବ୍ୟକ୍ତି ଢଙ୍ଗରେ ଏହା ପ୍ରତିଫଳିତ କରେ । ଅନେକ ସମ୍ପ୍ରଦାୟରେ, ଟାଟୁର ରୂପାଙ୍କନଗୁଡିକ ପିଢ଼ି ପରେ ପିଢ଼ି ଚାଲୁ ରହିଥାଏ ଏବଂ ଏକ ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପ୍ରତିଫଳିତ କରେ, ଯେଉଁଥିରେ ଟାଟୁ କଳାକାରମାନେ, ଏକ ଜଟିଳ ଏବଂ ଅର୍ଥପୂର୍ଣ୍ଣ ଡିଜାଇନ୍ ସୃଷ୍ଟି କରିବାରେ ଅତ୍ୟନ୍ତ ଦକ୍ଷ ଅଟନ୍ତି ଏବଂ ସେମାନଙ୍କର କଳାତ୍ମକ ଦକ୍ଷତା ଓ ସାଂସ୍କୃତିକ ଜ୍ଞାନ ପ୍ରଦର୍ଶନ କରିଥାନ୍ତି ।

ସିନ୍ଧୁ ଉପତ୍ୟକା ସଭ୍ୟତା (ଖ୍ରୀଷ୍ଟପୂର୍ବ ୩୩୦୦–୧୩୦୦ ବିସିଇ), ଏହାର ଉନ୍ନତ ସହରାଞ୍ଚଳ ଯୋଜନା ଏବଂ ନିଖୁଣ କଳା ପାଇଁ ଜଣାଶୁଣା । ଭାରତରେ ବ୍ରିଟିଶ ଶାସନ ସମୟରେ (୧୮୫୮–୧୯୪୭) ଟାଟୁ ପ୍ରତି ଲୋକଙ୍କ ଧାରଣାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା । ଇଂରେଜମାନଙ୍କର ଉପନିବେଶବାଦୀ ପ୍ରଶାସନ ପ୍ରାୟତଃ ଟାଟୁ କରିବାର ସ୍ୱଦେଶୀ ଅଭ୍ୟାସକୁ 'ଆଦିମ' ଏବଂ 'ବର୍ବର' ଭାବରେ ଦେଖୁଥିଲା । ଏହା ସତ୍ତ୍ୱେ, ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟରେ ଲୋକମାନଙ୍କ ଦ୍ୱାରା ଟାଟୁ କରିବା ଜାରି ରହିଥିଲା, ଯାହା ନିଜର ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବା ଦିଗରେ ଏହାର ସ୍ଥିରତାକୁ ପ୍ରତିଫଳିତ କରୁଥିଲା ।

ଆଜିକାଲି ସହରାଞ୍ଚଳରେ ଆତ୍ମ–ଉପସ୍ଥାପନା ତଥା ପ୍ରକାଶନର ଏକ ଆଧାର ଭାବରେ ଆଧୁନିକ ଟାଟୁ ଲୋକପ୍ରିୟତା ହାସଲ କରିଛି । ବର୍ତ୍ତମାନ ଭାରତରେ ଟାଟୁ ଏବଂ ଏହାର ସମସାମୟିକ ରେଖାଚିତ୍ରର ଦୃଶ୍ୟ ପାରମ୍ପରିକ ଏବଂ ଆଧୁନିକ ସୌନ୍ଦର୍ଯ୍ୟର ଏକ ମିଶ୍ରଣ ପରି ମନେହୁଏ । କିଛି ଟାଟୁ କଳାକାର ସ୍ୱଦେଶୀ ଟାଟୁ କଳା ଏବଂ କୌଶଳକୁ ସଂରକ୍ଷଣ କରୁଥିବା ବେଳେ, ଅନ୍ୟମାନେ ବିଦେଶୀ ଶୈଳୀକୁ ଅନୁସରଣ କରୁଛନ୍ତି । ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ଏବଂ ଗୋଆ ଭଳି ଭାରତୀୟ ସହରଗୁଡ଼ିକରେ ଅନେକ ପ୍ରସିଦ୍ଧ ଟାଟୁ ଷ୍ଟୁଡିଓ ଏବଂ ବାର୍ଷିକ ଟାଟୁ ସମ୍ମିଳନୀ ଆୟୋଜନ କରାଯାଏ, ଯାହାକି ଏହି କଳାର ବର୍ଦ୍ଧିତ ଲୋକପ୍ରିୟତା ଏବଂ ଗ୍ରହଣୀୟତାକୁ ପ୍ରତିଫଳିତ କରିଥାଏ । ଆଜି ଭାରତର କୋଟି କୋଟି ଯୁବପିଢ଼ିଙ୍କ ମଧ୍ୟରେ ଏଥିନିମନ୍ତେ ଅଧିକ ଉତ୍ସାହ ଦେଖିବାକୁ ମିଳୁଛି । ଫଳସ୍ୱରୂପ, ବିଭିନ୍ନ ଟାଟୁ ବୃତ୍ତିରେ ଥିବା ପାରମ୍ପରିକ ସାଜସଜ୍ଜା ପ୍ରତିଛବି କିମ୍ବା ରୂପାଙ୍କନ ଏବଂ କୌଶଳଗୁଡ଼ିକୁ ସମସାମୟିକ ରେଖାଚିତ୍ରରେ ଅନ୍ତର୍ଭୁକ୍ତ କରି ପାରମ୍ପରିକ ଏବଂ ଆଧୁନିକ ଟାଟୁ ମଧ୍ୟରେ ଥିବା ପାର୍ଥକ୍ୟକୁ କମ୍ କରିବା ନିମନ୍ତେ ପ୍ରୟାସ ଜାରି ରହିଥିବାର ଅନୁଭବ ହୁଏ । ଏହା ପାରମ୍ପରିକ ଭାରତୀୟ ଟାଟୁର ସାରକୁ ଜୀବନ୍ତ ରଖିବାରେ ସାହାଯ୍ୟ କରେ ଏବଂ ଏହାକୁ ବ୍ୟାପକ ଅନୁଭବୀଙ୍କ ପାଇଁ ପ୍ରାସଙ୍ଗିକ କରିଥାଏ ।

ତେବେ, ଭାରତରେ ଟାଟୁ କରିବା କେବଳ ଶାରୀରିକ କଳା ନୁହେଁ ଏହା ବିଭିନ୍ନ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଜୀବନ୍ତ ପ୍ରମାଣ ମଧ୍ୟ, ଯାହାକି ଆଦିବାସୀ ପରିଚୟ ଏବଂ ସାମାଜିକ ସ୍ଥିତିରୁ ଆଧ୍ୟାତ୍ମିକ ବିଶ୍ୱାସ ଏବଂ କଳାତ୍ମକ ପ୍ରକାଶନ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ ଅଟେ । ଏହା ପ୍ରାଚୀନ ଏବଂ ଆଧୁନିକ, ପାରମ୍ପରିକ ଏବଂ ସମସାମୟିକର ଏକ ମନୋମୁଗ୍ଧକର ମିଶ୍ରଣ ପ୍ରଦାନ କରେ । ଏହା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ପ୍ରମାଣ ଭାବରେ ବୁଢା ବରଗଛ ପରି ଛିଡା ହୋଇରହି ଏବଂ ଏକ କଳା ରୂପ ଭାବରେ, ଏହା ଭାରତର ବିବିଧତା, ସ୍ଥିରତା ଏବଂ ପରମ୍ପରାରୁ ଆଧୁନିକତାକୁ ଏହାର ଲୋକଙ୍କର ନିରନ୍ତର ଯାତ୍ରାକୁ ପ୍ରତିଫଳିତ କରୁଛି । ଏହା ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଲିପିବଦ୍ଧ ଜଟିଳ ଜ୍ୟାମିତିକ ରେଖାଚିତ୍ର ହେଉ କିମ୍ବା ସହରାଞ୍ଚଳ ଷ୍ଟୁଡିଓର ବିଶ୍ୱସ୍ତରୀୟ ଶୈଳୀ ହେଉ, ପ୍ରତ୍ୟେକ ଟାଟୁ ଭାରତୀୟ ନୀତିର ଏକ ଅନନ୍ୟ କାହାଣୀ ଉପସ୍ଥାପିତ କରିଥାଏ । ଅର୍ଥନୈତିକ ସ୍ତରରେ ଭାରତ ବିକଶିତ ହେବା ସହ, ଦେଶର ଏହି କଳା ଓ ସାଂସ୍କୃତିକ ପରମ୍ପରାଗୁଡ଼ିକୁ ସଂରକ୍ଷଣ କରିବା ଏବଂ ଏହାର ପ୍ରଚାର ଓ ପ୍ରସାର କରିବା ଅତ୍ୟନ୍ତ ଜରୁରୀ ଅଟେ । ଫଳରେ ଭବିଷ୍ୟତର ପିଢ଼ି ଏହାକୁ ଅନୁଭବ କରିବା ସହ ଅତୀତର ସେହି ପ୍ରତିଚିହ୍ନ ଓ ସଂସ୍କୃତିକୁ ଆଗକୁ ନେବା ନିମନ୍ତେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିପାରିବେ ।

**ଭାରତରେ ଟାଟୁ କରିବା କେବଳ ଶାରୀରିକ କଳା ନୁହେଁ ଏହା ବିଭିନ୍ନ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଜୀବନ୍ତ ପ୍ରମାଣ ମଧ୍ୟ, ଯାହାକି ଆଦିବାସୀ ପରିଚୟ ଏବଂ ସାମାଜିକ ସ୍ଥିତିରୁ ଆଧ୍ୟାତ୍ମିକ ବିଶ୍ୱାସ ଏବଂ କଳାତ୍ମକ ପ୍ରକାଶନ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ ଅଟେ । ଏହା ପ୍ରାଚୀନ ଏବଂ ଆଧୁନିକ, ପାରମ୍ପରିକ ଏବଂ ସମସାମୟିକର ଏକ ମନୋମୁଗ୍ଧକର ମିଶ୍ରଣ ପ୍ରଦାନ କରେ ।**

ଅପରପକ୍ଷରେ, କଳା ଏବଂ ସଂସ୍କୃତିକୁ ନିଜର ଭାବନା, ଅନୁଭବ ଓ କର୍ତ୍ତବ୍ୟର ଏକ ବଳିଷ୍ଠ ଅଂଶ ଭାବରେ ଗ୍ରହଣ କରି ଏବଂ ଗୋଟିଏ ଦେଶ କିମ୍ବା ରାଜ୍ୟର ସ୍ୱତନ୍ତ୍ର ପରିଚୟକୁ ବଜାୟ ରଖିବା ନିମନ୍ତେ, ଯେଉଁ ବ୍ୟକ୍ତି କିମ୍ବା କଳାକାର ଏହାର ଦାୟିତ୍ୱ ନିଜ କାନ୍ଧରେ ବହନ କରୁଛନ୍ତି, ସେମାନଙ୍କର ଅସ୍ତିତ୍ୱ ବଜାୟ ରଖାଯିବା ନିହାତି ଆବଶ୍ୟକ ଅଟେ । ଏହା ସରକାର ଏବଂ ସମାଜ ସମ୍ମୁଖରେ ଏକ ବଡ଼ ପ୍ରଶ୍ନ ଯେ କଳାକୁ ଆଗ୍ରହ ଏବଂ ବୃତ୍ତି ଭାବରେ ଗ୍ରହଣ କରିଥିବା କଳାକାର ଏହି ମହଙ୍ଗା ଦୁନିଆରେ କିପରି ବଞ୍ଚୁଛନ୍ତି ଏବଂ ବ୍ୟକ୍ତିଗତ ତଥା ପରିବାରର ସଦସ୍ୟଙ୍କ ମୌଳିକ ଆବଶ୍ୟକତା ପୂରଣ କରୁଛନ୍ତି, ତାହାକୁ ତୃଣମୂଳ ସ୍ତରରେ ଜାଣିବାକୁ ଚେଷ୍ଟା କରିବା କ'ଣ ଜରୁରୀ ? ଏହି ବାସ୍ତବ ପରିସ୍ଥିତିରେ, ସରକାରଙ୍କର ଏକ ବଡ଼ ଦାୟିତ୍ୱ ହେବା ଉଚିତ ଯେ ସେମାନେ ସେମାନଙ୍କ କଳାକୃତିରୁ ରୋଜଗାରର ସୁଯୋଗ ସୃଷ୍ଟି କରିବା ସହିତ କଳାକାର ମାନଙ୍କ ବିକାଶ ଏବଂ ସ୍ଥାୟିତ୍ୱ ବିଷୟରେ ଗଭୀର ଭାବରେ ଚିନ୍ତା କରିବେ ଏବଂ ବିଭିନ୍ନ କଳାତ୍ମକ କିମ୍ବା ସାଂସ୍କୃତିକ ପ୍ରକଳ୍ପ କାର୍ଯ୍ୟକାରୀ କରି କିଛି ସ୍ୱତନ୍ତ୍ର ଅନୁଦାନ କିମ୍ବା ଆର୍ଥିକ ସହାୟତା ମଧ୍ୟ ଯୋଗାଇବେ । ଏଥିସହିତ, କୁଶଳୀ ଟାଟୁ କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା, ଏହାର ଉପସ୍ଥିତିକୁ ତ୍ୱରାନ୍ୱିତ କରିବା ଏବଂ ଏହାର ସ୍ୱଚ୍ଛତା ଏବଂ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ସ୍ଥାପନ କରିବା ମଧ୍ୟ ଦାୟିତ୍ୱର ଏକ ଅଂଶ ହେବା ଉଚିତ। ଏତଦବ୍ୟତୀତ, ଦେଶର ଜଣେ ଦାୟିତ୍ୱବାନ ନାଗରିକ ଭାବରେ, ଏହାର ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ତର, କ୍ଷମତା ଏବଂ ସାମର୍ଥ୍ୟ ଅନୁସାରେ କଳା ଓ ସଂସ୍କୃତିର ଅସ୍ତିତ୍ୱକୁ ସଂରକ୍ଷଣ କରିବା ଏବଂ ବଜାୟ ରଖିବା ସହ ଏହାର ସ୍ୱତନ୍ତ୍ର ପରିଚୟକୁ ବୃଦ୍ଧି କରିବା ନିମନ୍ତେ ନିଜର ସର୍ବୋତ୍ତମ ଓ ଶ୍ରେଷ୍ଠ ଅବଦାନ ଦେବାକୁ ଆଗେଇ ଆସିବା ଉଚିତ । କାରଣ କଳାକାର ବଞ୍ଚିଲେ, କଳା ବଞ୍ଚିବ ଏବଂ କଳା ଜୀବିତ ରହିଲେ ଦେଶ, ରାଜ୍ୟ ଓ ଜାତିର ସ୍ୱତନ୍ତ୍ର ପରିଚୟ ସାରା ବିଶ୍ୱରେ ନିଜର ଅସ୍ତିତ୍ୱକୁ ବଜାୟ ରଖିବାକୁ ସକ୍ଷମ ହେବ ।

**ବଦ୍ଧାଲୋ, ଟାଙ୍ଗୀ, କଟକ–୭୫୪୦୨୨**
**ମୋ–୯୩୩୭୮୯୭୬୫୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୬ ଲେନ୍...

ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ ।

ନୂତନ ରାଜମାର୍ଗ ପ୍ରକଳ୍ପକୁ ଏପରି ଭାବେ ଡିଜାଇନ୍ କରାଯାଇଛି ଯେ ଏହା ତିନୋଟି ପ୍ରମୁଖ ଜାତୀୟ ରାଜପଥ (ଏନଏଚ୍-୫୫, ଏନଏଚ୍-୫୭ ଓ ଏନଏଚ-୬୫୫) ଏବଂ ଗୋଟିଏ ରାଜ୍ୟ ରାଜପଥ (ଏସଏଚ-୬୫)କୁ ପରସ୍ପର ସହ ଯୋଡ଼ିବ । ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ । କେବଳ ସେତିକି ନୁହେଁ, ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ଗୋଟିଏ ବିମାନ ବନ୍ଦର, ଗୋଟିଏ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇ ଦେବ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ ।

ସମ୍ପୂର୍ଣ୍ଣ ହେବା ପରେ ଏହି ବାଇପାସ୍ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ ହେବ । ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ଦିବସ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ମାନବ ଦିବସ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ମଧ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ, ଅଭିବୃଦ୍ଧି ଓ ସମୃଦ୍ଧି ଲାଗି ନୂତନ ମାର୍ଗ ଖୋଲିବ ।

## ଏସିଆ କପ୍...

କରିବେ ବୋଲି ଲାଗୁଥିଲା । କିନ୍ତୁ ଘୋଷଣା ହୋଇଥିବା ଦଳରେ ବୈଭବଙ୍କ ନାମ କେଉଁଠି ବି ଦେଖିବାକୁ ମିଳିନାହିଁ । ଅନ୍ତତଃ ତାଙ୍କୁ ଷ୍ଟାଣ୍ଡ ବାୟ ତାଲିକାରେ ମଧ୍ୟ ରଖାଯାଇପାରିଥାନ୍ତା । ଏହା ମଧ୍ୟ ହୋଇନାହିଁ । ବୁମରା ଓ ଅର୍ଶଦୀପ ଦ୍ରୁତ ବୋଲିଂ ବିଭାଗ ସମ୍ଭାଳିବେ । ସେହିଭଳି ହର୍ଷିତ ରାଣା ତୃତୀୟ ବୋଲର ଭୂମିକା ତୁଲାଇବେ । ସ୍ପିନ୍‌ରେ ଅକ୍ଷର, କୁଲଦୀପ, ବରୁଣ ରହିଛନ୍ତି । ଏସିଆ କପ୍ ସେପ୍ଟେମ୍ବର ୯ ରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ । ଗ୍ରୁପ ଏ ରେ ଭାରତ ସମେତ ପାକିସ୍ତାନ , ୟୁଏଇ ଏବଂ ଓମାନ୍ ରହିଛନ୍ତି ।

## ହତ୍ୟା...

ସାମଦ ଖଣ୍ଡୁଆଳ ରାସ୍ତା ଦେଇ ସୋନପୁର ଅଭିମୁଖେ ବାଇକ ଯୋଗେ ଯାଉଥିବା ପୋଲିସ ଟିମ୍‌କୁ ଖବର ମିଳିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା କ୍ଷଣି ଅଭିଯୁକ୍ତ ଜଣକ ପୋଲିସ ଉପରକୁ ପ୍ରଥମେ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା । ପୋଲିସ ଅନ୍ୟ ଉପାୟ ନ ପାଇ ଜୀବନ ରକ୍ଷା ପାଇଁ ଗୋଟିଏ ରାଉଣ୍ଡ ନିୟନ୍ତ୍ରିତ ଗୁଳି ଚାଳନା କରିଥିଲା । ଯାହାକି ଅଭିଯୁକ୍ତର ବାମ ଗୋଡ଼ରେ ବାଜିଥିଲା। ପୋଲିସ ଘଟଣାସ୍ଥଳରୁ ୭.୬ ଏମ୍‌ଏମ୍‌ର ଦେଶୀ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ୩ଟି ଖୋକା, ୧ଟି ବାଇକ୍ ଓ ମୋବାଇଲ ଫୋନ୍ ଜବତ କରିଛି । ଆଜି ଭୋର୍ ସମୟରେ ହୋଇଥିବା ଏହି ଏନ୍‌କାଉଣ୍ଟର ନେଇ ପୋଲିସ ପକ୍ଷରୁ ଅସ୍ତ୍ରଶସ୍ତ୍ର ନିବାରଣ ଓ ବିଏନ୍‌ଏସ୍‌ର ଅନ୍ୟ ଦଫାରେ ମାମଲା ରୁଜୁ କରାଯାଇଛି । ହତ୍ୟା ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଖାନ ତଲସା ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି । ତେବେ ଅଭିଯୁକ୍ତ ସାମଦ୍‌ଙ୍କ ନାମରେ ୧୫ଟି ଅପରାଧ ମାମଲା ରହିଛି । ସେହିପରି ତାଙ୍କ ସାନ ଭାଇ ମହମ୍ମଦ ଓ୍ୱାସିମଙ୍କ ନାମରେ ମଧ୍ୟ ଏକାଧିକ ମାମଲା ରହିଛି । ଏହାପୂର୍ବରୁ ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଗତ ୪ମାର୍ଚ୍ଚ, ୨୦୨୫ରେ କାଇଁଶିର ଲମ୍ବଡୁଙ୍ଗୁରୀ ମନ୍ଦିର ନିକଟରେ ବରଗଡ ଗୋଲପଡାର ମହେଶ କୁମାର ଶର୍ମାଙ୍କୁ ଏନ୍‌କାଉଣ୍ଟର କରିଥିଲା । ଏହାପରେ୧୧ମାର୍ଚ୍ଚ, ୨୦୨୫ରେ ଧନୁପାଲି ପୋଲିସ ସିଟି ଷ୍ଟେସନ ନିକଟରେ ପଶ୍ଚିମବଙ୍ଗ ହାଓଡା ଜିଲ୍ଲା ବଡଭଗବତୀପୁର ଅଞ୍ଚଳର ଗୋରୁ ମାଫିଆ ସେକ୍ ମଣ୍ଟୋ ହକ୍ ଓ ସେକ୍ ଆରିଫଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା । ସେହିପରି ୧୩ ଏପ୍ରିଲ, ୨୦୨୫ରେ ଗୋବିନ୍ଦପୁର ଥାନା ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧି ସର୍ଗିଡିହି ଗ୍ରାମର ସୀତାରାମ ଷଡଙ୍ଗୀ ଆହତ ହୋଇଥିବା ପୋଲିସ ପକ୍ଷରୁ ଜଣାପଡିଛି । ତେବେ ୧୬୯ ଦିନରେ ପୋଲିସ ଏନ୍‌କାଉଣ୍ଟରରେ ୫ଜଣ ଦୁର୍ଦ୍ଦାନ୍ତ ଅପରାଧି ଆହତ ହୋଇଛନ୍ତି ।

## ଜଷ୍ଟିସ୍...

ପାର୍ଥୀତ୍ୱ ଘୋଷଣା ପରେ ଏବେ ଆଭ୍ୟନ୍ତରିଣ ଆଲୋଚନା ହୋଇଥିବା ସୂଚନା ମିଳିଛି । ବିଆର୍‌ଏସ୍‌ର ୪ ରାଜ୍ୟ ସଭା ସାଂସଦ ଅଛନ୍ତି । ଏପର୍ଯ୍ୟନ୍ତ ସେମାନେ କାହାକୁ ସମର୍ଥନ କରିବେ ଘୋଷଣା କରିନାହାଁନ୍ତି । ୱାଇଏସ୍‌ଆର୍‌ସିପିର ସାଂସଦ ସୁବା ରେଡ୍ଡୀ କହିଛନ୍ତି ଯେ ବିରୋଧୀ ମେଣ୍ଟକୁ ଅନୁରୋଧକୁ ସେମାନେ ପ୍ରତ୍ୟାଖାନ କରିଛନ୍ତି । ଏନ୍‌ଡିଏ ପ୍ରାର୍ଥୀକୁ ସହଯୋଗ କରିବେ । ବିଜେଡି ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ।

## ପଟ୍ଟାମୁଣ୍ଡାଇ...

ଛାତ୍ରୀ ପୋଡ଼ି ହୋଇ ତାଙ୍କର ମୃତ୍ୟୁ ହୋଇଛି । ଏପରି କି ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି ବୋଲି ଏସପି କହିଛନ୍ତି । ସିସିଟିଭିରୁ ସ୍ପଷ୍ଟ ଘଟଣା ପୂର୍ବରୁ ମା'ବାପା ଘରୁ ବାହାରକୁ ଯାଇଥିଲେ । ଅନର କିଲିଂ ବୋଲି କୌଣସି ପ୍ରମାଣ ମିଳି ନାହିଁ ବୋଲି ଏସପି କହିଛନ୍ତି । ବର୍ତ୍ତମାନ ସୁଦ୍ଧା କେବଳ ଜଣେ ଅଭିଯୁକ୍ତ ପ୍ରମୋଦ ବେହେରା ବୋଲି ଏସପି କହିଛନ୍ତି ।

## ବଜ୍ରପାତ...

ଆଶ୍ରୟ ନେଇଥିଲେ । ଏହି ସମୟରେ ବଜ୍ରାଘାତ ହେବାରୁ ଉଭୟ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଗ୍ରହଣ ଘୋଷଣା କରିଥିଲେ । ଏନେଇ କୋଲାବିରା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ୭ ଛାତ୍ରୀଙ୍କୁ...

ପରେ ୩୮୦/୨୫ନଂ ରେ ଏକ ମାମଲା ରୁଜୁ ପୂର୍ବକ ଘଟଣାର ତଦନ୍ତ ଆରମ୍ଭ କରିଥିଲା ଓ ପ୍ରମୋଦକୁ ଗିରଫ କରିବା ପାଇଁ ତାଙ୍କ ଘରେ ଚଢ଼ାଉ କରିଥିଲା, ହେଲେ ଅଭିଯୁକ୍ତ ଶିକ୍ଷକ ଫେରାର ହୋଇଯିବାରେ ସଫଳ ହୋଇଥିଲା । ପରେ ଶୁଣିବାକୁ ମିଳିଥିଲା କି ଶିକ୍ଷକ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରି ଲୁଚି ବୁଲୁଥିଲେ । ହେଲେ ଆଜି ଅପରାହ୍ନରେ କୌଶଳ କ୍ରମେ ପୁଲିସ ତାଙ୍କୁ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି ।

## ଆସୁଛି...

ପ୍ରବଳ ବର୍ଷା ହୋଇପାରେ । ତେଣୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୨ରେ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛଇ । ସେହିପରି ୨୩ରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରର ସ୍ଥାନେ ଦୁଇସ୍ଥାନେ ପ୍ରବଳ ବର୍ଷା ସହିତ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ରହିବ । ତେବେ ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

# ବଧୂ ନିର୍ଯାତନା ଅଭିଯୋଗ

ନୀଳଗିରି, (ସବ୍ୟୁ): ନୀଳଗିରି ଥାନାରେ ମଙ୍ଗଳବାର ଦିନ ଏକ ଘଟଣାକୁ ନେଇ ଦୁଇ ପରିବାର ମଧ୍ୟରେ ହାତାହାତି ହେବା ଘଟଣାରେ ପୃଥକ୍ ପୃଥକ୍ ଅଭିଯୋଗ ହୋଇ ଥିବାର ଦେଖିବାକୁ ମିଳିଛି । ସୂଚନା ଅନୁସାରେ ନିଳଗିରି ଥାନା ଅନ୍ତର୍ଗତ କାଂଶ, କୁଲାପାଳ ଗ୍ରାମର ରଧାକୃଷ୍ଣ ମହାପାତ୍ରର ପୁଅ, ମହାଶିସ୨୦୧୯ଫେବୃଆରୀ ୨୫ରିଖରେ ଝାରଖଣ୍ଡ ରାଜ୍ୟର ପୂର୍ବ ସିଂଭୂମି ଜିଲ୍ଲା ଦୁଙ୍ଗୁରିଆ ଥାନା ଅନ୍ତର୍ଗତ ଭାଲୁକ୍ ପାତଡା ଗ୍ରାମର ମାନସ କୁମାର ମହାପାତ୍ରଙ୍କ ଝିଅ ଜ୍ୟୋସ୍ନାକୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ସମସ୍ତ ସୁନା ଅଳଙ୍କାର, ଆସବାବ ପତ୍ର ଦେଇଥିଲେ । ମାତ୍ର ବାହାଘର ସାତ ଦିନ ପରେ ଶାଶୁ ଯାମିନି ମହାପାତ୍ର ବୋହୂକୁ ମାନସିକ ନିଯାତନା ଦେବା ଆରମ୍ଭ କରିଥିଲେ । ସ୍ୱାମୀ ମହାଶିସ ରେଳ ବିଭାଗର ଚାକିରି କରିଥିବା ବେଳେ ନିଜ ସ୍ତ୍ରୀ ଜେଯାସ୍ନା କୁ ମଧ୍ୟ ଭଲ ପାଉ ନ ଥିଲେ । ବାହାଘର ଏକ ମାସ ପରେ ସ୍ୱାମୀ ନିଜ କର୍ମ କ୍ଷେତ୍ର ଜଗଦଲପୁର ପଳାଇ ଯାଇଥିଲେ । ଏକୁଟିଆ ଘରେ ଜେଯାସ୍ନା କୁ ଶାଶୁ ଓ ଶଶୁର ରାଧାକୃଷ୍ଣ ମହାପାତ୍ର ପ୍ରତି ଦିନ ଶାରୀରିକ ମାନସିକ ନିର୍ଯ୍ୟାତନା ଦେବା ସହ ଯୌତୁକ ନିର୍ଯାତନା ଦେଉ ଥିବାର ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏପରିକି ବୋହୂକୁ ପିଟା ମରା କରୁଥିବାର ଅଭିଯୋଗ କରିଛନ୍ତି । ନିଜ ସ୍ୱାମୀ ମଧ୍ୟ ମାନସିକ ନିର୍ଯ୍ୟାତନା ଦେଉଥିବାବେଳେ ତୁ ବାପ ଘର ସହ ସମ୍ପର୍କ ରଖିବୁ ନାହିଁ, ଗ୍ରାମରେ କାହାରି ସହିତ କଥା ବାର୍ତ୍ତା କରିବୁ ନାହିଁ, ଅଧିକ ଯୌତୁକ ଆଣିବା ପାଇଁ ମାରୁ ଥିଲେ । ସ୍ୱାମୀଙ୍କ ଔରସରୁ ଦୁଇଟି ପୁଅ ଗୋଟାଏ ୫ବର୍ଷର ଅନ୍ୟଟି ୨ବର୍ଷର । ମାଡ଼ ଖାଇ ଖାଇ ଶେଷରେ ଜୀବନ ହାରି ଦେବାର ନିଜ ବାପାକୁ ଜଣାଇଲା ପରେ ଶେଷରେ ଦୁଇ ପୁଅକୁ ନେଇ ଆଜକୁ ତିନି ମାସ ଧରି ବାପ ଘରେ ରହିଆସୁଥିଲେ ।ଗତ ମଙ୍ଗଳ ବାର ଦିନ ସ୍ୱାମୀ ପିଲାଙ୍କୁ ଧରି ଘରକୁ ଆସିବା ପାଇଁ ଫୋନ୍ କଲା ପରେ ସ୍ତ୍ରୀ ଜେଯାସ୍ନା ଦୁଇ ପୁଅ, ବାପା, କକା, ଖୁଡି, ମାଆକୁ ଧରି ଶାଶୁ ଘରେ ପହଞ୍ଚିବା ପୂର୍ବରୁ ଜେଯାସ୍ନାର ପରିବାର ଲୋକେ ତାର ଶାଶୁ ଘରକୁ ନ ଯାଇ ଗାଁ ମୁଣ୍ଡରେ ରହିଥିଲେ । ଜେଯାସ୍ନା ଦୁଇ ପୁଅ ଧରି ଘରେ ପହଞ୍ଚିବା ପରେ ଶାଶୁ, ଶ୍ୱଶୁର ମରଣାନ୍ତକ ଆକ୍ରମଣ କରି ଥିଲେ । ଏପରି କି ଦୁଇ ପୁଅ ମଧ୍ୟ ଅନାଇ ନଥିଲେ । ଖବର ପାଇ ଜେଯାସ୍ନା ର ବାପଘରେ ଲୋକେ ପହଞ୍ଚି ଝିଅକୁ ନେଇ ପଳାଇ ଆସିଥିଲେ । ଏନେଇ ଜେଯାସ୍ନା ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଅପର ପକ୍ଷେ ବୋହୂର ବାପା, କକା ଶାଶୁ ଯାମିନୀ ଓ ଶଶୁର ରାଧାକୃଷ୍ଣ ଙ୍କୁ ପିଟି ଗୁରୁତର କରିଥିବାର ଜଣା ପଡ଼ିଥିବା ବେଳେ ପ୍ରଥମେ ନିଳଗିରି ମେଡିକାଲ ପରେ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବାର ଜଣା ପଡ଼ିଛି । ଘଟଣାକୁ ନେଇ ପୋଲିସ୍ ତଦନ୍ତ ଚଳାଇଛି ।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଳେଶ୍ୱର, (ସବ୍ୟୁ): ଜଳେଶ୍ୱରରେ ବ୍ରାଉନ ସୁଗାର କାରବାର ଦିନକୁ ଦିନ ବଢିବାରେ ଲାଗିଛି । ମଙ୍ଗଳବାର ସକାଳଟାରେ ରେ ଜଳେଶ୍ୱର ସାଟେଲାଇଟ୍‌ୟୁନିଟ ସୂଚନା ପାଇ ଜଳେଶ୍ୱର ଷ୍ଟେସନ ସମ୍ମୁଖରୁ ରାଜପୁର ଅଞ୍ଚଳର ୬୫ ବର୍ଷୀୟ ସେକ କେଫାଜୁଦ୍ଦିନ ଠାରୁ ୧୧୨ ଗ୍ରାମ ବ୍ରାଉନସୁଗାର ଜବଦ ଜରିଛନ୍ତି । ଯାହାର ଅନୁମାନିକ ମୂଲ୍ୟ ୧୧ ଲକ୍ଷ ୨୦ ହଜାର ଟଙ୍କା ହେବ । ପରେ ସେକ କେଫାଜୁଦ୍ଦିନଙ୍କୁ ମଧ୍ୟଯ ଗିରଫ କରି ପିଆର ନମ୍ବର ୧୦୮/୨୦୨୫ କେସ ରୁଜୁ କରି କୋର୍ଟ ଚାଲାଣ କରିଛି ।ଉକ୍ତ ବ୍ରାଉନସୁଗାର ଜବଦ ସମୟରେ ଜଳେଶ୍ୱର ଅବକାରୀ ସାଟେଲାଇଟ୍‌ୟୁନିଟର ଇନିସ୍ପେକଫର ଲକ୍ଷ୍ୟେ ସାଧାନ ପ୍ରଧାନ, ଏଏସଆଇ ସାଲ୍‌ହାୟ ହେମ୍ବ୍ରମ, କନେଷ୍ଟବଳ ବରୁଣ କୁମାର ନାୟକ, କନେଷ୍ଟବଳ ରାଜେଶ ସୁତାର ଓ ମହିଳା କନେଷ୍ଟବଳ ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ଥିଲେ ।

## ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ନୀଳଗିରି (ସବ୍ୟୁ): ଗତ ୧୫/୮/୨୫ରିଖ ଦିନ ନିଳଗିରି ଥାନା ଅନ୍ତର୍ଗତ ବାଘମାରା ଗ୍ରାମର ମୁକୁନ୍ଦ ସିଂ (୬୬)ଜମୁଡ଼ିଆ ପଞ୍ଚାୟତ ଅଫିସ୍‌କୁ ନିଜର ଭତ୍ତା ଆଣିବା ପାଇଁ ଯାଇଥିଲେ, ଅଫିସରୁ ଭତ୍ତା ଟଙ୍କା ମଧ୍ୟ ଆଣିଥିଲେ । ମାତ୍ର ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବନ୍ଧୁ ବାନ୍ଧବ ସାହି ପଡିଶା ଘରେ ଖୋଜା ଖୋଜି କରିଥିଲେ ମଧ୍ୟ କିଛି ସନ୍ଧାନ ପାଇ ନଥିଲେ । ତା ପର ଦିନ ନିକଟସ୍ଥ କେନାଲରେ ମଧ୍ୟ ଖୋଜା ଖୋଜି କରିଥିଲେ । କିଛି ମିଳିନଥିଲା । ଏନେଇ ତାର ପୁଅ ଅକ୍ଷୟ ୧୬/୮/୨୫ରେ ନିଳଗିରି ଥାନାରେ ଏକ ନିଖୋଜ ଥିବାର ଅଭିଯୋଗ କରିଥିଲେ । ମାତ୍ର ଆଜି ସ୍ଥାନୀୟ ଲୋକେ ବଘମରା କେନାଲ ରେ ଏକ ମୃତ ଦେହ ଭାସୁଥିବର୍ ଦେଖିବାକୁ ପାଇଲା ପରେ ତାହା ମୁକୁନ୍ଦ ସିଂ ବୋଲି ଜଣା ପଡିଛି ।


**AFFIDAVIT**

By virtue of an affidavit Notary Public, Keonjhar, on dated. 26.06.2025. I, Amitaba Das, Aged (41), S/o Late- Niranjan Das, of Vill- Kashapur, P.o- Dubakana, Ps- Mangalpur, Dist- Jajpur, Odisha. Declare that my actual Name is Amitaba Das in all recordes and manner. But wrongly mentioned as Amitabh Das in my IDBI bank a/c no. **1016104000056850**. That my both name **Amitabh Das** and **Amitaba Das** same and one person in the locality. That the fact above are true the best of my Knowledge.

Sd/- Amitaba Das

**AFFIDAVIT**

By virtue of an affidavit sworn before the Executive Magistrate,Rairangpur, Dist - Mayurbhanj. I, Lakhi Sardar, aged about 41 years, Wife of Anand Sardar, resident of At-Jamapani, Po-Mahadevdihi, Ps-Gorumahisani,Dist-Mayurbhanj, PIN-757042, declare that this affidavit no. 893, dated 11.03.2025,. My Daughter's actual name is Niprabha Nandini Sardar, but in his Aadhar Card vide no. 6123-9534-2837, her name has been wrongly mentioned as Niprabhanandini Sardar instead of Niprabha Nandini Sardar. So, I have changed my daughter's name from Niprbhanandini Sardar to Niprabha Nandini Sardar.Henceforth, I declare that Niprabha Nandini Sardar and Niprabhanandini Sardar are the same person.

Sd/- Lakhi Sardar

**AFFIDAVIT**

I, Mohammed Mohasin Khan, S/o-Samser Khan, resident of At-Dilawarpur, Po-Kendrapara, Ps-Kendrapara, Dist-Kendrapara, Pin-754211, Odisha declare by this affidavit No-1640 Dtd. 15.08.2025 that now onwards I shall be known as Md Mohsin Khan for all future purposes.

**AFFIDAVIT**

I, Sahista Sultana Begum, W/o- Samser Khan, resident of At- Dilawarpur, Po-Kendrapara, Ps-Kendrapara, Dist-Kendrapara, Pin-754211, Odisha declare by this affidavit No-1641 Dtd. 15.08.2025 that now onwards I shall be known as Sahista Sultana for all future purposes.

**AFFIDAVIT**

I, Md Samser Khan, S/o-Rahemat Khan, resident of At-Dilawarpur, Po-Kendrapara, Ps-Kendrapara, Dist-Kendrapara, Pin-754211, Odisha declare by this affidavit No-1639 Dt. 15.08.2025 that now onwards I shall be known as Samser Khan for all future purposes.

**AFFIDAVIT**

By virtue of an affidavit sworn before Notary Public, Kendrapara, dated 17.08.2025 I Hrushikesh Das, S/o Gandharb Das, Vill-Raipur, Po-Kusiapal, PS-Kendrapara Sadar, Dist-Kendrapara, PIN-754250 declare that I have changed my daughter's name from Prangya Priyadarsini Das to Pragyan Priyadarsini Das. Henceforth, she shall be known as Pragyan Priyadarsini Das for all purposes.

Sd/- Hrushikesh Das

**AFFIDAVIT**

By virtue of an affidavit sworn before Notary Public, Kendrapara, dated 17.08.2025 I Samir Kumar Sahoo, S/o Sudhakar Sahoo, Vill-Nahanga, Po-Biranilakanthapur, PS-Nikirai, Dist- Kendrapara, Pin-754211 declare that I have changed my son's name from Sourava Kumar Sahoo to P Sourya Sahu. Henceforth, he shall be known as P Sourya Sahu for all purposes.

Sd/- Samir Kumar Sahoo

**AFFIDAVIT**

By virtue of an affidavit sworn before Notary Public, Jajpur, dated. 12.08.2025 I, Sabita Rani Puhan, At/P.O/P.S-Binjharpur, Dist- Jajpur, Odisha, PIN-755004 declare that I have changed my name from Sabita Rani Das to Sabita Rani Puhan. Henceforth I shall be known as Sabita Rani Puhan for all purposes.

Sabita Rani Puhan

**AFFIDAVIT**

By virtue of an affidavit sworn before Executive Magistrate, Bolagarh Odisha on dated. 05.08.2025 I, Santosh Muduli, S/o- Hadu Muduli Resident of Village Firifirapatna, P.O-Kalang, P.S- Bolagarh, Dist-Khordha, PIN-752066 declare that I have changed my minor Son's name from Kartik Muduli to Malaya Muduli. Henceforth, he shall be known as Malaya Muduli for all purposes.

Sd/- Santosh Muduli

**AFFIDAVIT**

By virtue of an affidavit sworn before Executive Magistrate, Dhenkanal Date- 14.08.2025 I Sri Golekha Sahoo, At-Chitalpur, Po- Mandar, Ps-Gondia, Dist-Dhenkanal, Pin-759016, declare that I have changed the Name of My son from Sibam Sahoo to Siba Sundar Sahoo. Henceforth, he shall be known as Siba Sundar Sahoo for all purposes.

Golekha Sahoo

**GOVERNMENT OF ODISHA**
**Office of the Project Administrator, ITDA, Th.Rampur at Bhawanipatna.**

CAD-1507

**e-procurement notice**

**Letter No : 1891/ Date : 18.08.2025**

The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).

1. No. of works : 4.
2. Nature of work : Civil construction
3. BID identification No. : ITDA.THR-02/2025-26
4. Date and Time of availability of Bid document in portal: from 11.00 A.M. of 19.08.2025 to 04.09.2025 up to 5.00 PM for online bidding.
5. Last date & time for receipt of BIDs in portal: 04.09.2025 up-to 5.00 P.M.
6. BIDs received online shall be opened on : 10.09.2025 at 11.00 A.M.
7. Name and address of the officer : Project Administrator, ITDA, Th. Rampur at Bhawanipatna

Sd/- Project Administrator,
ITDA, Th. Rampur, Bhawanipatna

OIPR : 19449/11/0001/2526

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
No. Tender Online - RCK-14/25 Letter No.- 2589 Date : 16.8.25

O-604

**e-Procurement NOTICE**

1. Name of the work : Tender for the Road work in the Dist. of Jajpur for the year 2025-26
2. Class of Contractor : As specified in the column-6 of the Annexure
3. Time of Completion : As specified in the column-7 of the Annexure
4. Detail Projects : As per Annexure attached
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK - 14/25 | 25.08.2025 at 11.00 AM | 15.09.2025 up to 05.00 PM | 12.09.2025 up to 02.00 P.M. | 16.09.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd/- Chief Construction Engineer
Rurla Works Circle, Kendrapara-Jajpur

OIPR : 25129/11/0060/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KEONJHAR**

A-527

**NOTICE INVITING TENDER e-Procurement**

**Bid ID No. 04 SEMID (KJR/ 2025-2026) Dt. 18.08.2025**

The Superintending Engineer, Minor Irrigation Division. Keonjhar on behalf of Iho Governor of Odisha invites online percntage rate tender through "e" procurement to bo received in online mode for the works as detailed in the Annexure to tins bid notice.

| | |
|---|---|
| Name of work | Civil Construction works |
| No. of Works | 12(Twelve) Nos |
| Estimated Cost | Rs. 279.22 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 04 (Four) & 05 (Five) calendar months |
| Availability of Bid Documents | From 25.08.2025 to 03.09.2025 during office hours in Website (www.tenderorissa.gov.in) |
| Period of receipt of Bid through online | From 25.08.2025 to 03.09.2025 through online. |
| Date of Opening of Bid Documents | At 11.00 A.M. on 04.09.2025 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 12.09.2025 in the Conference Hall EMIC Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT : | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID eemikjr@yahoo.co.in |

Further Details can be seen from the web site : www.tendersorissa.gov.in

Sd/- (Er. Rashmi Rekha Chattar)
Superintending Engineer
M.I. Division, Keonjhar

OIPR : 32123/11/0015/2526

**ADMISSION NOTICE-2025**

Centre for Distance & Online Education (DDCE, Utkal University)

UTKAL UNIVERSITY NAAC A+

**Centre for Distance and Online Education (CDOE)**
**(D.D.C.E., UTKAL UNIVERSITY)**
**BHUBANESWAR-751010**

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour)

POST GRADUATE COURSES

- M.Com.
- M.A. in Public Administration
- M.S.W.
- M.A. in Political Science
- M.A. in Odia
- M.A. in Economics
- M.A. in Hindi
- M.A. in Sanskrit
- M.A. in History
- M.A. in Sociology
- M.A. in English
- M.A. in Education

(For more contact - 9437156110 during office hour)

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

CAD-1511

ପତ୍ର ସଂଖ୍ୟା ୧୪୧ **ବିଜ୍ଞାପନ** ତା : ୧୧.୮.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି-୧-୦୪ (MIG-I-04), ସାମାଜିକ ଗୃହ ପ୍ରକଳ୍ପ, ଝାରସୁଗୁଡ଼ା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀମତୀ ପଦ୍ମିନୀ ସିଂ, ସ୍ୱାମୀ- ସ୍ୱର୍ଗତ ପ୍ରତାପ ସିଂ (୨) ବିଷ୍ଣୁ ପ୍ରସାଦ ସିଂ, ପିତା- ସ୍ୱର୍ଗତ ପ୍ରତାପ ସିଂ (୩) ମିଥିଲେଶ କୁମାର ସିଂ (ନାବାଳକ), ପିତା- ସ୍ୱର୍ଗତ ପ୍ରତାପ ସିଂ (ଅଭିଭାବିକା) ମାତା-ପଦ୍ମିନୀ ସିଂ) ସା-ଭର୍ଣ୍ଣିରା, ପୋ/ଥାନା-ଭୀମଯୋର, ଜିଲ୍ଲା-ଝାରସୁଗୁଡାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା (୧) ଶ୍ରୀମତୀ ପଦ୍ମିନୀ ସିଂ (୨) ବିଷ୍ଣୁ ପ୍ରସାଦ ସିଂ (୩) ମିଥିଲେଶ କୁମାର ସିଂ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅବଦାନ ଆଧାରରେ ଶ୍ରୀମତୀ ଖୁସବୁ କୁମାରୀ, ସ୍ୱାମୀ- ଶ୍ରୀ ପ୍ରମୋଦ କୁମାର ଦୁବେ, ସା-ଶୀତଳପୁର ବସ୍ତି କଲାଲ, ପୋ-ଶୀତଳପୁର, ଥାନା-ବ୍ଲକ ଅଫିସ୍ ଦିଘାୱାରା, ଜିଲ୍ଲା-ଶରଣ (ବିହାର)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0813/2526

**WORKS DEPARTMENT**
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR,ROURKELA**

B - 410

E-Mail Id - eepwdrkl@gmail.com

**Government of Orissa "e" Procurement Notice**

**Bid Identification No.: 18 / 2025-26 Dated:12.08.2025**

| | | |
|---|---|---|
| 1. | Number of works | : 3 (Three) number of Works |
| 2. | Estimated cost | : Rs. 53.54 Lakhs to 89.14 Lakhs |
| 3. | Period of completion | : 6(Six) calendar months |
| 4. | Date & Time of availability of bid document in the portal | : Dt. 25.08.2025 at 11.00 A.M. |
| 5. | Last date/ Time for receipt of bids in the portal | : Dt. 12.09.2025 up to 05.00 P.M. |
| 6. | Date of opening of Bid | : Dt. 15.09.2025 at 11.00A.M. |
| 7. | Name and Address of the Officer Inviting Bid | : Superintending Engineer, (R & B) Division, Rourkela, UditNagar. |

Further details can be seen from the e-procurement portal "http://tendersorissa.gov.in"

Superintending Engineer
Rourkela (R&B) Division

OIPR : 34068/11/0041/2526

MM-160

**OFFICE OF THE DIVISIONAL FOREST OFFICER, REDHAKHOL DIVISION**
Mobile No:-06644-299949, Email ID:-dfo.redhakhol@odisha.gov.in
Tender Notice No- 12 /IF - Dated 18.08.2025

**TENDER CALL NOTICE**

Divisional Forest Officer, Redhakhol Forest Division invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. Procurement of Fenix LR80R18000 Lumens Searchlight) for Redhakhol Forest Division. The tender papers with detailed terms and conditions documents can be downloaded from website **www.redhakholforest.com** or **https://sambalpur.odisha.gov.in** or **www.odishaforest.in** from 11:00 Hours of 18.08.2025 to 17:00 Hours of 29.08.2025. The cost of tender paper of Rs. 1,000/- (One Thousand) only to be deposited through Demand Draft in favour of Divisional Forest Officer, Redhakhol Forest Division payable at Redhakhol. The Tender Papers can be submitted at the below mentioned address on or before 29.08.2025 till 05:00 pm by Speed Post/ registered post by hand only. The tender will be opened in the O/o the undersigned on 30.08.2025 at 11.00 AM.

The undersigned reserves the right to accept or reject any or all the tenders without assigning any reason thereof.

| | |
|---|---|
| Last Date Submission of Bids | 29.08.2025 till 05.00 PM |
| The Date of Opening of Tenders | 30.08.2025 at 11.00 AM |

Sd/- Divisional Forest Officer,
Redhakhol Forest Division

OIPR : 08146/11/0031/2526

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR-3**
Letter No. ACD-1/ADM-0010/2022-25/ 15324/UAT Dt. 19th, August. 2025

**NOTICE**

**SPOT COUNSELING & ADMISSION INTO DIPLOMA IN AGRO-POLYTECHNIC COURSES 2025-26**

KK-197 : Admission into Diploma in different Agro-polytechnic courses shall be held against 80 vacant seats for the Academic Session 2025-26. Interested candidates are informed to report on 30th August, 2025 between 9.30 AM to 10.00 AM positively in Assembly Hall of College of Agriculture, OUAT, Bhubaneswar-3 with all required documents & demand draft as mentioned in the guidelines for spot counseling and admission available in OUAT website.

Candidates awarded rank in the Diploma admission process-2025-26 as well as fresh candidates can participate on spot counseling & Admission process. The detail guidelines with eligibility and documents required for spot counseling and admission is available in OUAT website www.ouat.ac.in(Academic section>admission section).

Candidates are advised to visit OUAT website for

i) Detailed spot counseling & Admission Notice with vacant seat position 2025-26.
ii) Guidelines for Spot counseling and admission in Diploma in Agro-polytechnic,OUAT-2025.

Sd/- REGISTRAR

OIPR : 01533/11/0015/2526


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବେଦାନ୍ତ ଆଲୁମିନିୟମ୍ "ବଢ଼ତେ ଭାରତ କି ପେହଚାନ୍" ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, "ବଢ଼ତେ ଭାରତ କି ପେହଚାନ୍" ଶୀର୍ଷକ ଏହାର ସ୍ୱାଧୀନତା ଦିବସ ଅଭିଯାନକୁ ଉନ୍ମୋଚନ କରିଛି, ଯାହା ଦେଶର ଆତ୍ମନିର୍ଭରଶୀଳତା, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆଡ଼କୁ ଯାତ୍ରା ପାଳନ କରୁଛି। ଏହି ଅଭିଯାନରେ ବେଦାନ୍ତ ଆଲୁମିନିୟମ୍ କିପରି ପୁନରୁତ୍ଥାନଶୀଳ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯେପରିକି ବୈଦ୍ୟୁତିକ ଗତିଶୀଳତା, ନବୀକରଣୀୟ ଶକ୍ତି, ମହାକାଶ ଏବଂ ପ୍ରତିରକ୍ଷା, ଏବଂ ଭିତିଭୂମିରେ ପରିବର୍ତ୍ତନକୁ ଶକ୍ତି ପ୍ରଦାନ କରୁଛି ତାହା ଉପରେ ଆଲୋକପାତ କରିଛି। ଏହି ଅଭିଯାନରେ ଆଲୁମିନିୟମକୁ ୱିକ୍ସିତ୍ ଭାରତ୨୦୪୭ ର ଦୃଷ୍ଟିକୋଣରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ଭାବରେ ସ୍ଥାନିତ କରାଯାଇଛି।

ଏହି ଅଭିଯାନ ପର୍ଯ୍ୟାୟକ୍ରମେ ପ୍ରକାଶିତ ହୋଇଥିଲା, ଅନେକ ଦୃଶ୍ୟମାନ ଟିଜର ସହିତ ଆରମ୍ଭ ହୋଇଥିଲା ଯାହା ଭାରତର ପ୍ରଗତିକୁ



ପ୍ରଦର୍ଶନ କରିଥିଲା ଏବଂ ପ୍ରେରଣା ଶକ୍ତିକୁ ଗୁପ୍ତ ରଖି, କୌତୁହଳ ଏବଂ ଆଶା ସୃଷ୍ଟି କରିଥିଲା। ଏହା ପରେ ଏକ ଶକ୍ତିଶାଳୀ ଡିଜିଟାଲ୍ ଫିଲ୍ମ ପ୍ରଦର୍ଶିତ ହୋଇଥିଲା ଯାହା ବେଦାନ୍ତ ଆଲୁମିନିୟମକୁ ଭାରତର ଉନ୍ନତିର ମେରୁଦଣ୍ଡ ଭାବରେ ଉନ୍ମୋଚନ କରିଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ ଧାତୁ କିପରି ଇଭି, ସୌର ପ୍ୟାନେଲ, ପ୍ରତିରକ୍ଷା ପ୍ରଣାଳୀ ଏବଂ ସ୍ମାର୍ଟ ଭିତିଭୂମିକୁ ଶକ୍ତି ପ୍ରଦାନ କରେ। ଫିଲ୍ମଟି "ହମ୍ ହେ ବେଦାନ୍ତ ଆଲୁମିନିୟମ। ହମ୍ ବଢ଼ତେ ଭାରତ କି ପେହଚାନ୍ ହେ" ନାମକ ଏକ ପ୍ରତିଧ୍ୱନିତ ବାର୍ତ୍ତା ସହିତ ଶେଷ ହୋଇଥିଲା।

ଏହି ସ୍ୱାଧୀନତା ଦିବସରେ କମ୍ପାନୀର ଭାବନା ଉପରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଏହି ବର୍ଷର ସ୍ୱାଧୀନତା ଦିବସର ଥିମ୍, 'ନୟା ଭାରତ', ନବସୃଜନ, ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ଦ୍ୱାରା ପରିଚାଳିତ ଏକ ବାସ୍ତବତାକୁ ପ୍ରତିଫଳିତ କରେ। ବେଦାନ୍ତ ଆଲୁମିନିୟମରେ, ଆମେ ଏହି ପରିବର୍ତ୍ତନର କେନ୍ଦ୍ରରେ ରହିବା ପାଇଁ ଗର୍ବିତ, ଯାହା 'ଭବିଷ୍ୟତର ଧାତୁ' ମାଧ୍ୟମରେ ଦେଶର ପ୍ରଗତିକୁ ସକ୍ଷମ କରିଥାଏ ଯାହା ସ୍ୱଚ୍ଛ ଶକ୍ତି ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଭିତିଭୂମି ପର୍ଯ୍ୟନ୍ତ ସବୁକିଛିକୁ ଶକ୍ତି ପ୍ରଦାନ କରେ। ଆମେ ଏକ ସ୍ଥାୟୀ ଏବଂ ସ୍ଥିର ଭାରତକୁ ଗଠନ କରୁଥିବା ଶିଳ୍ପଗୁଡ଼ିକୁ ଶକ୍ତି ପ୍ରଦାନ କରୁ। 'ବଢ଼ତେ ଭାରତ କି ପେହଚାନ୍' ଏକ ପୁନରୁଥାନ ଭାରତର ଆତ୍ମା ଏବଂ ପ୍ରତ୍ୟେକ ବ୍ୟକ୍ତି ଏବଂ ଶିଳ୍ପକୁ ଆମର ଶ୍ରଦ୍ଧାଞ୍ଜଳି, ଯେଉଁମାନେ ଉଦ୍ଦେଶ୍ୟ ଏବଂ ଗର୍ବର ସହିତ ଏହାର ଭବିଷ୍ୟତ ନିର୍ମାଣ କରୁଛନ୍ତି।"

ସାମୂହିକ ପ୍ରଗତି ଭାବନାକୁ ଆହୁରି ବୃଦ୍ଧି କରି, ବେଦାନ୍ତ ଆଲୁମିନିୟମ୍ ଏକ କର୍ମଚାରୀ-ନେତୃତ୍ୱାଧୀନ ସକ୍ରିୟକରଣ ମଧ୍ୟ ଆରମ୍ଭ କରିଛି, ଯେଉଁଠାରେ ଏହାର ଲୋକମାନେ ସୋସିଆଲ ମିଡିଆରେ ଅଭିଯାନର ଧାଡି ସହିତ ସେଲ୍ଫି ସେୟାର କରି ଅଭିଯାନକୁ ପାଳନ କରିଛନ୍ତି, ନିଜକୁ ଭାରତର ଶିଳ୍ପ ପ୍ରଗତି ପଛରେ ଥିବା ପ୍ରକୃତ ଚେହେରା ଭାବରେ ପ୍ରଦର୍ଶନ କରିଛନ୍ତି। ଗତି ବଜାୟ ରଖିବା ପାଇଁ, ଏକ ଚାଲୁଥିବା ସ୍ନିପେଟ୍ ସିରିଜ୍ ଇଭି ଉତ୍ପାଦନ, ସୌର ଶକ୍ତି ଏବଂ ପ୍ରତିରକ୍ଷା ମିଶ୍ରଣ ଭଳି କ୍ଷେତ୍ରଗୁଡ଼ିକରେ ବେଦାନ୍ତ ଆଲୁମିନିୟମ୍ ର ଅବଦାନକୁ ଆଲୋକିତ କରୁଛି, ଯେତେବେଳେ କର୍ମଚାରୀ ଅଂଶଗ୍ରହଣ କମ୍ପାନୀ କିପରି ଆତ୍ମନିର୍ଭର ଭାରତକୁ ସକ୍ଷମ କରୁଛି ତାହା ଉପରେ ଆଲୋକପାତ କରୁଛି।

# ବିଭିନ୍ନ ଶାରୀରିକ ସମସ୍ୟାର ସମାଧାନ ପାଇଁ ଲିଙ୍ଗ ପ୍ରତ୍ୟାରୋପଣ ଜରୁରୀ

ଭୁବନେଶ୍ୱର (ସବ୍ୟୁ): ବିଭିନ୍ନ ପ୍ରକାର ସମସ୍ୟା ଏବେ ରୋଗ ଆକାର ରେ ମଣିଷ ଶରୀର ରେ ଦେଖା ଦେଉଛି । ସେଥିରୁ ଯୌନ ସମସ୍ୟା ଅନ୍ୟତମ । ଏଭଳି କେତେକ ସମସ୍ୟା ର ସମାଧାନ ପାଇଁ ଏବେ ଲିଙ୍ଗ ପ୍ରତ୍ୟାରୋପଣ ର ଅବଶକ୍ୟତା ପଡୁଛି ବୋଲି ବରିଷ୍ଠ ମୂତ୍ରାଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱଜିତ ନନ୍ଦ ଏବଂ ଡାକ୍ତର ସରୋଜ କୁମାର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀ ରେ ଏ ସମ୍ପର୍କ ରେ ସୂଚନା ଦେଇଛନ୍ତି। ସେମାନେ କହିଥିଲେ ଯେ, ପୁରୁଷ ମାନଙ୍କର ଯୌନ ଦୃଷ୍ଟିର ଅସମର୍ଥତା ହେଉଛି ଏକ ସାଧାରଣ କିନ୍ତୁ ଗୁରୁତର ସମସ୍ୟା ଯାହା ଦୁନିଆ ରେ ପ୍ରତି ୧୦ ଜଣ ପୁରୁଷ ମଧ୍ୟ ରୁ ୩ ଜଣ ଙ୍କୁ ପୀଡା ଦେଇଥାଏ । ମଧୁମେହ, ହର୍ମୋନ ଅସନ୍ତୋଳତା, ବୟସ, ଔଷଧ ଏବଂ ଡିକିପିଡିମିଆ ଏହି ରୋଗର ମୁଖ୍ୟ କାରଣ । ବହୁତ ଲୋକ ଏହାକୁ ନେଇ ଲଜ୍ୟାବୋଧ କରୁଥିବା ରୁ ଠିକ ସମୟ ରେ ଚିକିତ୍ସା ନେଇ ପାରୁ ନାହାନ୍ତି । ଜୀବନ ରେ ଦୁଃଖ ମାନସିକ ଚାପଗ୍ରସ୍ତ




ଏବଂ ପାରିବାରିକ ସମସ୍ୟା ର ସମ୍ମୁଖୀନ କରିଥାନ୍ତି । ଅନେକ କ୍ଷେତ୍ର ରେ ଏହାର ଚିକିତ୍ସା ଔଷଧ ଏବଂ ଇଞ୍ଜେକ୍ସନ ମାଧ୍ୟମ ରେ କରା ଯାଇଥାଏ । କିନ୍ତୁ କେତେକ ରୋଗୀ ଉପୋରୋକ୍ତ ଚିକିତ୍ସା କୁ ଆପଣାଇ ନଥାନ୍ତି ଏବଂ କିଛି ମଧ୍ୟ ଏହାଦ୍ୱାରା ଠିକ ହୋଇ ନଥାନ୍ତି । ଏହି ଭଳି ସମସ୍ୟା ର ସମାଧାନ ଆଧୁନିକ ଚିକିତ୍ସା ପ୍ରଣାଳୀ ରେ ସମ୍ଭବଯେଉଁଥରେ ଏକ ପ୍ରକାର କୃତ୍ରିମ ଯନ୍ତ୍ର କୁ ଲିଙ୍ଗ ମଧ୍ଯ ରେ ଅସ୍ତ୍ରୋପଚାର ଦ୍ୱାରା ସ୍ଥାପିତ କରାଯାଇଥାଏ । ଏଇ ଅସ୍ତ୍ରୋପଚାର ପାଇଁ ରୋଗୀ ଡାକ୍ତରଖାନା ରେ ୨ ରୁ ୩ ଦିନ ରହିବାକୁ ପଡିଥାଏ । ଉଅପରେସନ ପରେ ରୋଗୀ ୩-୭ ଦିନ ମଧ ରେ ସ୍ୱାଭାବିକ ଅବସ୍ଥା କୁ ଆସି ଯାଇଥାନ୍ତି । ଏହାଦ୍ୱାରା ରୋଗୀ ୪ ରୁ ୬ ସପ୍ତାହ ପରେ ସହବାସ କରି ପାରିବେ ।

# ଛତ୍ରବଜାର ଦୁର୍ଗାପୂଜା କମିଟିର ମାଟି ଅନୁକୂଳ

କଟକ, (ସ୍ୱପ୍ର) : ଛତ୍ରବଜାର ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ହୋଇଛି । କର୍ତ୍ତା ନିଳକ= ମହାନ୍ତି ଓ କର୍ତ୍ତୀ ସୁମିତ୍ରା ମହାନ୍ତି ଗ୍ରାମର ଇଷ୍ଟଦେବୀ ମଦନମୋହନ ମନ୍ଦିରରୁ ଘଣ୍ଟଘଣ୍ଟା ବାଦ୍ୟ ବଜାଇ ଆଜ୍ଞାମାଳ ନେଇ ଛତ୍ରବଜାର ଗଣେଷ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏଥିରେ ପୂଜା କମିଟି ଓ ଗ୍ରାମର ଯୁବକମାନେ ସାମିଲ ହୋଇଥିଲେ । ମା'ଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ ହୋଇଥିଲା । ଯେଉଁ ମାଟିକୁ ମୂଳ ପିଣ୍ଡ ରୂପେ ମୂର୍ତ୍ତି କାରିଗର ବ୍ୟବହାର କରି ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରିବେ । ଏହି ପବିତ୍ର କାର୍ଯ୍ୟରେ ଛତ୍ରବଜାର ବ୍ୟବସାୟୀ



ସଂଘର ନୂତନ ସମ୍ପାଦକ ପ୍ରଦୀପ୍ତ ରାଉତ, ବଳଭଦ୍ରପୁର ଯୁବକ ସଂଘ ସଭାପତି ବିଷ୍ଣୁ ରାଉଳ, ଉପସଭାପତି ବଙ୍କିମ ଚନ୍ଦ୍ର ରାଉତ, ସହ ସଂପାଦକ ଅମରେନ୍ଦ୍ର ରାଉତ, ମୁରବୀ ଦେବେନ୍ଦ୍ର ସାହୁ, ବିଷ୍ଣୁ ରାଉତ, ଧିରେନ୍ ମହାନ୍ତି, ତଡିତି ରାଉତ, ମନମୋହନ ଛାଟୋଇ, ଦେବେନ୍ଦ୍ର ବାରିକ୍, ରାଜେଶ ରଣା, ରଂଜିତ ରାଉତ, ଧୀରେନ୍ଦ୍ର ରାଉତ, ରାଧେଶ୍ୟାମ ଜେନା, କାଳିଆ ମନ୍ତ୍ରୀ, କାଳିଆ ଲେଙ୍କା, ମନା କଳିଆ, ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାରେ ହଜାର ହଜାର ସଂଖ୍ୟାରେ ରହୁଛନ୍ତି ବାଂଲାଦେଶୀ, ହାଇକୋର୍ଟରେ ମାମଲା

କଟକ,(ସବ୍ୟୁ): ଓଡ଼ିଶାରେ ବର୍ଷବର୍ଷ ଧରି ବେଆଇନ ଭାବେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀମାନେ ରହି ଆସୁଛନ୍ତି । କେବଳ ରହୁନାହାନ୍ତି ଜାଲିଆତି କରି ବହୁ କାର୍ଡ ମଧ୍ୟ କରିପାରିଛନ୍ତି। ଏଥିରୁ ଅନେକ ସରକାରୀ ସୁବିଧା ମଧ୍ୟ ହାତେଇଛନ୍ତି। ଏହିଭଳି ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଉ । ଚିହ୍ନଟ ପରେ ସେମାନଙ୍କୁ ରାଜ୍ୟରୁ ବାଂଲାଦେଶକୁ ପଠାଇବାର ବନ୍ଦୋବସ୍ତ କରିବା ଲାଗି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଆଇନଜୀବୀ ତଥା ସମାଜସେବୀ ଶିବ ଶଙ୍କର ମହାନ୍ତି ଏହି ମାମଲା ରୁଜୁ କରିଛନ୍ତି ।

ଶ୍ରୀ ମହାନ୍ତି ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ସମୁଦ୍ର ପଥ ଦେଇ ବହୁ ସଂଖ୍ୟାରେ ବଂଲାଦେଶୀମାନେ ଚାଲିଆସି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସ୍ଥାୟୀ ବସବାସ କରୁଛନ୍ତି। କେବଳ ବସବାସ କରୁନାହାନ୍ତି ବିଭିନ୍ନ ସମୟରେ ରାଜନେତାମାନଙ୍କୁ ହାତବାରିସ୍ କରି ଭୋଟର ପରିଚୟପତ୍ର, ଆଧାର କାର୍ଡ, ରାସନ୍ କାର୍ଡ ଆଦି ମଧ୍ୟ କରିବାକୁ ସକ୍ଷମ ହୋଇଛନ୍ତି। ଏହାଦ୍‌ବାରା ସେମାନେ ନିଜକୁ ଦେଶର ଜଣେ ନାଗରିକର ପରିଚୟ ମଧ୍ୟ ଦେଇପାରୁଛନ୍ତି। କିନ୍ତୁ ଏହି ଆଳରେ ସେମାନେ ଅନେକ ପ୍ରକାର ଅପରାଧୀକ କାର୍ଯ୍ୟକଳାପରେ ସମ୍ପୃକ୍ତ ମଧ୍ୟ ରହୁଛନ୍ତି। ଏମାନଙ୍କୁ ହଟାଇବା ଲାଗି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ।

ଏହିଭଳି ବାଂଲାଦେଶୀଙ୍କୁ ପ୍ରଥମେ ରାଜ୍ୟ ସରକାର ଚିହ୍ନଟ ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଏନେଇ ଏକ ସମୟସୀମା ଧାର୍ଯ୍ୟ କରାଯାଉ । ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କୁ ଚିହ୍ନଟ କରାଯିବା ଦରକାର। ପ୍ରତ୍ୟେକ ଜିଲ୍ଲାରେ କେତେ ସଂଖ୍ୟକ ବାଂଲାଦେଶୀ ଅଛନ୍ତି ସେନେଇ ସର୍ଭେ ହେବା ଆବଶ୍ୟକ। ଏହି ସର୍ଭେ କାର୍ଯ୍ୟ ଲାଗି ଇଣ୍ଟେଲିଜେନ୍ସ ଏଜେନ୍ସି, ଟାସ୍କଫୋର୍ସକୁ କାର୍ଯ୍ୟରେ ନିୟୋଜିତ କରାଯାଉ। ସମୁଦ୍ର ପଥଦେଇ ସେମାନେ ଓଡ଼ିଶାରେ ଅନୁପ୍ରବେଶ କରୁଥିବାରୁ ସାମୁଦ୍ରିକ ଥାନା ଗୁଡ଼ିକୁ ଅଧିକ ପୁଲିସ୍ କର୍ମଚାରୀ ଦିଆଯାଇ ସଶକ୍ତ କରାଯାଉ। ଭାରତୀୟ କୋଷ୍ଟ ଗାର୍ଡ ଏବଂ ବିଏସ୍‌ଏଫ୍‌ଙ୍କୁ ଏହିଭଳି ସମ୍ବେଦନଶୀଳ ସ୍ଥାନମାନଙ୍କରେ ନିୟୋଜିତ କରାଯାଉ । ସେମାନଙ୍କ ପାଖରେ ଥିବା ଭୋଟର କାର୍ଡ, ଆଧାର କାର୍ଡ, ରାସନ୍ କାର୍ଡ ଆଦିର କଡ଼ାକଡ଼ି ଯାଞ୍ଚ କରାଯାଇ ବେଆଇନ ଭାବେ ହାତେଇଥିଲେ ତାହାକୁ ବାତିଲ୍ କରାଯାଉ । ଯେଉଁମାନେ ବିଶେଷକରି ରାସନ୍ କାର୍ଡ ହାତେଇଛନ୍ତି ସେମାନଙ୍କ କାର୍ଡକୁ ତୁରନ୍ତ ବାତିଲ୍ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ଏକ ଅଟକ କେନ୍ଦ୍ର ପ୍ରତିଷ୍ଠା କରି ବାଂଲାଦେଶ ହାଇ କମିସନଙ୍କ ସହାୟତାରେ ଏହି ଚିହ୍ନଟ ବାଂଲାଦେଶୀଙ୍କୁ ଦେଶରୁ ବିଦା ପାଇଁ ପଦକ୍ଷେପ ନେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# ଓଡିଶାରେ ବିହାର ପରି ଚଞ୍ଚକତା କଲେ ଆନ୍ଦୋଳନ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ବିହାର ପରି ଓଡିଶାରେ ମଧ୍ୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ଅସ୍ତ୍ର କରି ବିଜେପି ବ୍ୟାପକ 'ଭୋଟ୍ ଚୋରି' କରିବାକୁ ମସୁଧା କରୁଥିବା ଆଶଙ୍କାକୁ ଏଡାଇ ଦିଆଯାଇପାରିବ ନାହିଁବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି । ବିହାରରେ ଏସଆଇଆରରେ ବାଦ ପଡିଥିବା ଭୋଟରଙ୍କ ତଥ୍ୟ ଦେବାପାଇଁ ନିର୍ବାଚନ ଆୟୋଗ ମନା କରିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରି ଉକ୍ତ ତାଲିକା ପ୍ରକାଶନ ପାଇଁ ବାଧ୍ୟ କରିବା ପରେ ସରକାରଙ୍କ ଉଦ୍ଦେଶ୍ୟ ପଦାରେ ପଡିଛି । ଅନ୍ୟ ପକ୍ଷରେ, ଗତ ନିର୍ବାଚନରେ ଓଡିଶାରେ ୪୨ ଲକ୍ଷ ଭୋଟ୍ ଚୋରି ଅଭିଯୋଗ, ଲୋକସଭା-ବିଧାନସଭା ଭୋଟସଂଖ୍ୟାରେ ତାରତମ୍ୟ, ଅପରାହ୍ନ ୫ଟା ପରେ ମତଦାନ ହାରରେ ଆଖିଦୃଶିଆ ବୃଦ୍ଧି (୭-୩୦% ରାଏ ବଢିବା) ଇତ୍ୟାଦି ଫ୍ୟାକଟର ଓଡିଶାରେ ବିଜେପିର 'ଭୋଟ୍ ଚୋରି'କୁ ପ୍ରମାଣ କରୁଛି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି । ତେବେ ଖାଲି ବିରୋଧ ପାଇଁ ବିରୋଧ କଂଗ୍ରେସର ଆଭିମୁଖ୍ୟ ନୁହେଁ । ଦଳ ଚାହେଁ, ଯୋଗ୍ୟ ଭୋଟର ତାଲିକାଭୁକ୍ତ ହୁଅନ୍ତୁ ଓ ଅଯୋଗ୍ୟ ବାଦ ପଡନ୍ତୁ । କିନ୍ତୁ ବିଜେପିର ମୁଖପାତ୍ର ସାଜିଥିବା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଓ ପଦକ୍ଷେପରୁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଆୟୋଗଙ୍କ ଅଭିପ୍ରାୟ ଭଲ ଥିବା ପରି ଜଣାପଡୁନାହିଁ । ମହାରାଷ୍ଟ୍ର, ବିହାର ପରି ରାଜ୍ୟ ଗୁଡିକ ପରି ଓଡିଶାର ଭୋଟର ତାଲିକାରେ ଜାଲିଆତି କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଶ୍ରୀ ଦାସ ସରକାର, ଦଳ ଓ ଆୟୋଗଙ୍କୁ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତା ୪ ସେପେଟମ୍ବର 'ଭୋଟ୍ ଚୋରି' ବିରୋଧରେ ପିସିସିର ରାଜ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ଘେରାଉକୁ ଜୋରଦାର କରାଯିବା ନେଇ ନିଷ୍ପତ୍ତି ହୋଇଛି ।

# ଘୋଡ଼ାବର ସେବା ସମବାୟ ସମିତି : ନୂତନ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ସରଣ୍ଡା ଶାଖା ଅନ୍ତର୍ଗତ ଘୋଡ଼ାବର ସେବା ସମବାୟ ସମିତି ର ସମ୍ପାଦକ ବ୍ୟାପକ ଅର୍ଥ ହେରଫେର କରିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି । ନିଲମ୍ବିତ ହେବା ପରେ ସେ ନୂତନ ସମ୍ପାଦକ ଙ୍କୁ ଦାୟିତ୍ୱହସ୍ତାନ୍ତର କରୁନଥିଲେ । ଫଳରେ ନକୌଣସି କାର୍ଯ୍ୟ ସେବା ସମବାୟ ସମିତିରେ ହେଉ ପାରୁ ନ ଥିବା ବେଳେ ଲୋକେ ଋଣ କାରବାରରୁ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି । ଏବେ ଚାଷୀ ମାନେ ଖରିଫ ଧାନ ଋଣ କାରବାର୍ କରି ପାରୁ ନାହାଁନ୍ତି । ଚାଷୀ ମାନଙ୍କ ଧାନ ମଣ୍ଡି ପଞ୍ଜୀକରଣ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟ ହୋଇ ପାରୁ ନ ଥିବା ରୁ ତୁରନ୍ତ ଦାୟୀତ୍ୱ ହସ୍ତାନ୍ତର କରିବା ପାଇଁ ପ୍ରସାଶନିକ ଅଧିକାରୀ ତଥା କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡକଟର ଇଂତା ପ୍ରିୟ ଦର୍ଶିନି ମିଶ୍ର ବାଙ୍କୀ ରେ ପହଞ୍ଚି ରମେଶ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ପୂର୍ବାହ୍ନ ୧୧ ଟାରେ କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଡକଟର ଇଂତା ପ୍ରିୟଦର୍ଶିନୀ ମିଶ୍ର ବାଙ୍କୀ ଯାତମୁଣ୍ଡିଆ ସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ରେ ପହଞ୍ଚି ବାଙ୍କୀ ଏ ଆର ସି ଏସ ସୁରେନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତି ରେ ନିଲମ୍ବିତ ସମ୍ପାଦକ ରମେଶ ସାହୁଙ୍କୁ ୨୪ଘଣ୍ଟା ମଧ୍ୟରେ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦିଓ ନ ହସ୍ତାନ୍ତର ନ କରିବେ ତେବେ ଦୁଇ ଦିନ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ଓଡ଼ିଶା ପରିବେଶ ବନ୍ଧୁ ସଙ୍ଗଠନ ପକ୍ଷରୁ ତାଳମଞ୍ଜି ରୋପଣ

ଭୁବନେଶ୍ୱର (ସବ୍ୟୁ): ଗତ ରବିବାର ଦିନ "ଓଡ଼ିଶା ପରିବେଶ ବନ୍ଧୁ" ସଙ୍ଗଠନ ଆନୁକୁଲ୍ୟରେ କଟକ ବାଲିସାହି କାଠଯୋଡି ନଦୀ ପଠାରେ ତାଳମଞ୍ଜି ରୋପଣ କରାଯାଇଥିଲା। "ଓଡ଼ିଶା ପରିବେଶ ବନ୍ଧୁ" ଏକ ସାମାଜିକ ଅନୁଷ୍ଠାନ ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରିବେଶ ସୁରକ୍ଷା, ତାଳ ମଞ୍ଜି ରୋପଣ ସହିତ ବିଭିନ୍ନ ବୃକ୍ଷ ରୋପଣ ଓ ସମାଜକୁ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ ରଖିବା ପାଇଁ ନିରନ୍ତର ଅଭିଯାନ। ଏଥି ସହିତ ସଙ୍ଗଠନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। କଟକ ମହାନଗର ନିଗମର କରର୍ପୋରେଟର ସନ୍ତୋଷ ଭୋଳଙ୍କ ସହଯୋଗରେ କଟକର ବାଲିସାହି କାଠଯୋଡି ପଠାରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇଶହୁ ଅଧିକ ତାଳମଞ୍ଜି ଓ କିଛି ଓସ୍ତ ଏବଂ ନିମ୍ବ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ "ଓଡ଼ିଶା ପରିବେଶ ବଂଧୁ" ସଙ୍ଗଠନର ଉପଦେଷ୍ଟା ନିଧି କୁମାର ରାଉତରାୟ, ସଭାପତି ଡଃ.




ଚିତ୍ତ ରଞ୍ଜନ ମିଶ୍ର, ଉପସଭାପତି ଦେବାନନ୍ଦ ସାମଲ, ସମ୍ପାଦକ ପ୍ରଦୀପ କୁମାର ବଳ ଓ ସଭ୍ୟ କୃଷ୍ଣ ନାୟକ ସୁଚାରୁପେ ସମ୍ପାଦନ କରିଥିଲେ। ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତାମାନେ ବିଗତ ବର୍ଷ ରୋପଣ କରାଯାଇଥିବା ତାଳମଞ୍ଜି ସ୍ଥିତି ଅନୁଧ୍ୟାନ କରିଥିଲେଏବଂ ଉକ୍ତ ମଞ୍ଜିଗୁଡିକ ପ୍ରାୟ ୧ଫୁଟରୁ ଅଧିକ ଗଛରେ ପରିଣତ ହୋଇଥିବାର ଜାଣିବାକୁ ପାଇଥିଲେ। ଗତବର୍ଷ ଏଠାରେ ୨୦୦ରୁ ଉର୍ଦ୍ଧ ତାଳମଞ୍ଜି ରୋପଣ କରାଯାଇଥିଲା। ଗତ ବର୍ଷ ମଧ୍ୟ ଏହି ଅନୁଷ୍ଠାନ ପକ୍ଷରୁ କଣାସର ବେଣାଗାଁ ଓ ପାରାଦୀପରେ ୪୦୦୦ ତାଳ ମଞ୍ଜି ରୋପଣ କରାଯାଇଥିଲା ଓ ସେହି ମଞ୍ଜିରୁ ୮୦% ଗଛରେ ପରିଣତ ହୋଇସାରିଛି। ସେହି ବର୍ଷ ଅସ୍ତରଙ୍ଗର ଗଙ୍ଗା ମୁହାଣଠାରେ ମଧ୍ୟ ୨୦୦ ଚାରା ରୋପଣ ସହିତ ପୁରୀ ବେଳାଭୂମି ବନଖଣ୍ଡ ଭିତରେ ୩୦୦୦ ତାଳମଞ୍ଜି ରୋପଣ କରାଯାଇଥିଲା। ସେହି ସବୁ ତାଳ ମଞ୍ଜିରୁ ୬୦% ଗଛ ହୋଇ ସାରିଲାଣି। "ଓଡ଼ିଶା ପରିବେଶ ବନ୍ଧୁ" ସଙ୍ଗଠନର ଏପରି କାର୍ଯ୍ୟ ନିଶ୍ଚୟ ଭାବରେ ପ୍ରଶଂସନୀୟ।

# ଅଜୟ ହାୟର ସେକେଣ୍ଡାରୀ ସ୍କୁଲ ପ୍ରାଙ୍ଗଣରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର (ସବ୍ୟୁ): ଅଜୟ ହାୟର ସେକେଣ୍ଡାରି ସ୍କୁଲ ପ୍ରାଙ୍ଗଣରେ ସ୍ୱାଗତ ସମ୍ବର୍ଦ୍ଧନା ଦିବସ ପାଳନ କରାଯାଇଛି, ଏଥିରେ ଅନୁଷ୍ଠାନର ଚେୟାରମ୍ୟାନ ବ୍ରହ୍ମାନନ୍ଦ ମଙ୍ଗରାଜ ଏହାର ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ସ୍ୱାଗତସମ୍ବର୍ଣନା ଦେବା ସଙ୍ଗେସଙ୍ଗେ ଅନେକ ରୋଚକ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକ ତଥା ଅଭିଭାବକ ମାନଙ୍କର ମନୋରଞ୍ଜନ କରିଥିଲେ । ଏ କାର୍ଯ୍ୟକ୍ରମର ସବୁଠାରୁ ଉଲ୍ଲେଖନୀୟ ବିଷୟ ଥିଲା ଅନୁଷ୍ଠାନର ଚେୟାରମ୍ୟାନଙ୍କ ପୂର୍ବ ଘୋଷଣା ଅନୁଯାୟୀ ଅଧ୍ୟୟନରେ ଉତ୍କର୍ଷ ସାଧନକରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ସେମାନଙ୍କୁ ଅଧିକ ଅଧ୍ୟୟନ କରିବାପାଇଁ ଉତ୍ସାହିତ କରିବା । ୨୦୧୯ ଠାରୁ ୨୦୨୫ ଭିତରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅର୍ଥରାଶି ପୁରସ୍କାର ବିତରଣ କରାଯାଇଥିଲା । ଏହି ଉତ୍ସବରେ ସମ୍ମାନୀତ ଅତୀଥୁଭାବେ ଯୋଗ ଦେଇଥିଲେ




ଉତ୍କଳ ବିଶ୍ୱବିଦ୍ୟାଳୟର ଭୁତତ୍ତ୍ୱ ବିଭାଗର ପ୍ରଫେସର ଡକ୍ଟର ଶ୍ରୀଅପ ଗୋସ୍ୱାମୀ । ତାଙ୍କର ଭାଷଣ ସମସ୍ତଙ୍କ ପାଇଁ ବେଶ୍‌ଉପାଦେୟ ଥିଲା । ମୁଖ୍ୟ ଅତିଥି ଚେୟାରମ୍ୟାନ ଛାତ୍ରଛାତ୍ରୀ ମାନଙ୍କୁ ଅଧ୍ୟୟନ କରିବା ସଙ୍ଗେସଙ୍ଗେ ଭଲମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶିକା କୁମାରୀ ଇତିସ୍ମିତା ସ୍ୱାଇଁ, ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପଣ୍ଡା ଓ ପ୍ରଶାସନ ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଏହି ଉତ୍ସବକୁ ସୁସଙ୍ଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମିଶ୍ର ମଂଚ ପରିଚାଳନା ସୁଚାରୁରୂପେ ସମ୍ପାଦନ କରିଥିଲେ । କଲେଜର ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଣଶିକ୍ଷକ, ଅଣଶିକ୍ଷୟତ୍ରୀ ମାନେ ଯୋଗ ଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ନିର୍ଦ୍ଦେଶିକା କୁମାରୀ ଇତିସ୍ମିତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭସାଙ୍ଗ କରିଥିଲେ ।


# ସମୀର ବଳିଆରସିଂହ ପୁରୀ ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି

କଣାସ, (ସବ୍ୟୁ) : ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ଉପସଭାପତି ହୋଇଛନ୍ତି ସମୀର କେଶରୀ ବଳିଆରସିଂହ । ସେ ୧୯୯୭ ମସିହାରୁ ସାମ୍ବାଦିକତା ବୃତ୍ତି ଆରମ୍ଭ କରିଥିଲେ । ବିଭିନ୍ନ ଗଣମାଧ୍ୟମରେ ନିରପେକ୍ଷ ତଥା ନିର୍ଭୀକ ଖବର ପରିବେଷଣ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି ।ଏହି ପରିପେଖିରେ ସଂଘ ପକ୍ଷରୁ ସଭାପତି ଭାବେ ପୁର୍ଣ୍ଣ ଚନ୍ଦ୍ର ନାୟକ ରହିଥିବା ବେଳେ ଉପସଭାପତି ଭାବେ ସମୀର କେଶରୀ ବଳିଆରସିଂହଙ୍କୁ ଦାୟିତ୍ୱ ଦିଆଯାଇଛି ।ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ଓ ଅନାନ୍ୟ ଦାବୀ ନେଇ ସରକାର ନିକଟରେ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି ।

# ରାଉରକେଲା ସହରରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଚାରୋଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକ୍ଷମ

ଭୁବନେଶ୍ୱର (ସବ୍ୟୁ): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ରାଉରକେଲା ସହର ଅନ୍ତର୍ଗତ କଳିଙ୍ଗ ବିହାର, ଛେଣ୍ଡ, ସିଭିଲ୍ ଟାଉନସିପ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଭଳି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଚାରିଗୋଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକ୍ଷମ କରାଯାଇଅଛି । ଏହି ଗୁରୁତ୍ୱପୂର୍ଣ୍ଣ ଚାରି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଫଳରେ ସହରର ପ୍ରାୟ ୩୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହୋଇପାରିବେ । ପ୍ରଥମ ପ୍ରକଳ୍ପ ଭାବେ ଉଦିତନଗରଠାରେ ଏକ ନୂତନ ୧୧କେ.ଭି. ଆରଏମୟୁର ସ୍ଥାପନ କରାଯାଇଅଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ବିଭିନ୍ନ ସରକାରୀ କାର୍ଯ୍ୟଳୟ ଗୃହ ସମେତ ପାଖାପାଖି ୪ ହାଜରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବାର ଲାଭ ଉଠାଇପାରୁଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ଲୋ-ଭୋଲଟେଜ ସମସ୍ୟ, ଟ୍ରିପିଂ ସମସ୍ୟ ଆଦିରେ ସୁଧାର ଆସିପାରିଛି । ଦ୍ୱିତୀୟ ପ୍ରକଳ୍ପଟି ହେଉଛି ନୂଆବଜାର ଫିଡର ଲାଇନ୍ ପାଇଁ ଏକ ନୂତନ ଲିଙ୍କ ଲାଇନର ନିର୍ମାଣ । ଏହି ନୂତନ ଲିଙ୍କ ଲାଇନ୍ କାର୍ଯ୍ୟକ୍ଷମ ହେବା ସହ ଉକ୍ତ ଅଞ୍ଚଳର ପ୍ରାୟ ୪ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ସୁନିଶ୍ଚିତ ହୋଇପାରୁଛି । ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସଫ୍ଟୱେର୍ ପାର୍କ, ଓଟିଡିସି ସେଣ୍ଟର ଏବଂ ସ୍ଥାନୀୟ ଅଞ୍ଚଳର ଅନେକ ସ୍କୁଲ ଭଳି ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକ ଏବେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇପାରୁଛନ୍ତି । ସେହିପରି ତୃତୀୟ ପ୍ରକଳ୍ପ ଭାବେ କଳିଙ୍ଗ ବିହାର ପିଏସ୍‌ଏସ୍ ପାଇଁ ଏକ ନୂତନ ତଥା ବିକଳ୍ପ ୩୩କେଭି ଭୂତଳ ଲାଇନ୍ ବିଛାଯାଇଛି । ଏହି ପ୍ରକଳ୍ପ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥିର ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ । ଏହି ପ୍ରକଳ୍ପ ସ୍ଥାନୀୟ ଶିଳ୍ପାଞ୍ଚଳ ଏବଂ ରାଉରେକେଲା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ ସମେତ ୮ ହଜାର ୬୦୦ ରୁ ଅଧିକ ଗ୍ରାହକଙ୍କୁ ଲାଭ ପହଞ୍ଚାଇ ପାରୁଛି । ଚତୁର୍ଥ ପ୍ରକଳ୍ପଟି ହେଉଛି ପାୱାର ହାଉସ୍ ପିଏସ୍‌ଏସ୍ ପାଇଁ ଏକ ନୂତନ ବିକଳ୍ପ ୩୩ କେ.ଭି. ଲାଇନର ନିର୍ମାଣ । ଏହି ପ୍ରକଳ୍ପ ବାଣିଜ୍ୟିକ ଉପଭୋକ୍ତା ଏବଂ ପୌରପାଳିକା, ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ, ଏସପି ଅଫିସ୍, କୋର୍ଟ ଏବଂ ପୋଲିସ ନିୟନ୍ତ୍ରଣ କକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ସମେତ ୧୫ ହାଜରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛି । ଏହି ମାଇଲଖୁଣ୍ଟ ଉପରେ ନିଜର ମତ ପ୍ରକାଶ କରି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମ ଓଡ଼ିଶାରେ ନିର୍ଭରଯୋଗ୍ୟ, ନିରାପଦ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

# ମୋଦୀଙ୍କୁ ଭେଟିଲେ ଚୀନ୍ ବିଦେଶ ମନ୍ତ୍ରୀ



**ସୀମାରେ ଶାନ୍ତି ଏବଂ ସ୍ଥିରତା ଉପରେ ଗୁରୁତ୍ୱାରୋପ**
**ଦ୍ୱିପାକ୍ଷିକ ସମ୍ପର୍କରେ ସକାରାତ୍ମକ ଅଗ୍ରଗତିକୁ ସ୍ୱାଗତ**
**ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ନିମନ୍ତ୍ରଣ ଗ୍ରହଣ**

ନୂଆଦିଲ୍ଲୀ : ଚୀନ କମ୍ୟୁନିଷ୍ଟ ପାର୍ଟିର ପଲିଟବ୍ୟୁରୋ ସଦସ୍ୟ ଏବଂ ବିଦେଶ ମନ୍ତ୍ରୀ ୱାଙ୍ଗୟି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ୱାଙ୍ଗୟି ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ବାର୍ତ୍ତା ଏବଂ ନିମନ୍ତ୍ରଣ ଜଣାଇଛନ୍ତି ।ଚୀନ ବିଦେଶ ମନ୍ତ୍ରୀ ତାଙ୍କ ଭାରତ ଗସ୍ତ ସମୟରେ ବିଦେଶ ମନ୍ତ୍ରୀ ଡକଟର ଏସ. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ ଏବଂ ଏନଏସଏ ଅଜିତ ଡୋଭାଲଙ୍କ ସହ-ଅଧ୍ୟକ୍ଷତାରେ ଆୟୋଜିତ ଚତୁର୍ବିଂଶତମ ସ୍ୱତନ୍ତ୍ର ପ୍ରତିନିଧି ବୈଠକର ସକାରାତ୍ମକ ଫଳାଫଳ ବିଷୟରେ ମଧ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ପ୍ରଧାନମନ୍ତ୍ରୀ ସୀମାରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାର ଗୁରୁତ୍ୱ ଉପରେ ଜୋର ଦେବା ସହିତ ସୀମା ବିବାଦର ଏକ ନିରପେକ୍ଷ, ଯୁକ୍ତିସଂଗତ ଏବଂ ଆପୋସ ଭାବରେ ଗ୍ରହଣୀୟ ସମାଧାନ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

ଗତ ବର୍ଷ କାଜାନରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିର ଏବଂ ସକାରାତ୍ମକ ପ୍ରଗତିକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଛନ୍ତି । ଏହା ପାରସ୍ପରିକ ସମ୍ମାନ, ଆପୋସ ହିତ ଏବଂ ପାରସ୍ପରିକ ସମ୍ବେଦନଶୀଳତା ଦ୍ୱାରା ପରିଚାଳିତ, ଯେଉଁଥିରେ କୈଳାସ ମାନସରୋବର ଯାତ୍ରା ପୁନରାରମ୍ଭ ମଧ୍ୟ ସାମିଲ ରହିଛି ।

ପ୍ରଧାନମନ୍ତ୍ରୀ ଏସସିଓ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ପାଇଁ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ ସ୍ୱୀକାର କରିଥିଲେ । ସେ ଏସସିଓ ଶିଖର ସମ୍ମିଳନୀରେ ଚୀନର ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଥିଲେ ଏବଂ କହିଥିଲେ ଯେ, ସେ ତିଆନଜିନରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିବା ଲାଗି ଆଗ୍ରହୀ ଅଛନ୍ତି । ଭାରତ ଏବଂ ଚୀନ୍ ମଧ୍ୟରେ ସ୍ଥିର, ଆକଳନଯୋଗ୍ୟ ଏବଂ ଗଠନମୂଳକ ସମ୍ପର୍କ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଓ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ।

## ଗାଜାରେ ଯୁଦ୍ଧ ବନ୍ଦ ହେବ


# ହମାସ ଅସ୍ତ୍ରବିରତି ଚୁକ୍ତିନାମା ପାଇଁ ରାଜି

ଗାଜା: ଯୁଦ୍ଧ ଯୋଗୁ ଗାଜାରେ ଏକ ବଡ଼ ମାନବିକ ସଙ୍କଟ ସୃଷ୍ଟି ହୋଇଛି । ଗତ ୨୨ମାସ ଧରି ଗାଜାରେ ଚାଲିଥିବା ଭୟଙ୍କର ଯୁଦ୍ଧର ଅନ୍ତ ଘଟିବରକୁ ଯାଉଛିଛ ପାଲେଷ୍ଟାଇନ ଗୋଷ୍ଠୀ ହମାସ ଗାଜାରେ ଯୁଦ୍ଧବିରତି ପାଇଁ ନୂତନ ପ୍ରସ୍ତାବକୁ ଗ୍ରହଣ କରିଛି । ଏହି ପ୍ରସ୍ତାବ ମଧ୍ୟସ୍ଥତା ଦେଶ ମିଶର ଏବଂ କତାର ଦ୍ୱାରା ହମାସକୁ ପ୍ରଦାନ କରାଯାଇଛି । ଏନେଇ ହମାସ କହିଛି, ଆମେ ଆଲୋଚନା ପାଇଁ ପ୍ରସ୍ତୁତ । ତଥାପି, ଇସ୍ରାଏଲ ଏପର୍ଯ୍ୟନ୍ତ ନିଜର ଉତ୍ତର ଦେଇନାହିଁ। ଯଦି ଇସ୍ରାଏଲ ସକାରାତ୍ମକ ଉତ୍ତର ଦିଏ, ତେବେ ଗାଜାରେ ଯୁଦ୍ଧ ବନ୍ଦ ହେବ । ହମାସ କହିଛି, ଆମେ ଯୁଦ୍ଧବିରତି ପ୍ରସ୍ତାବରେ ସହମତଛ ପାଲେଷ୍ଟାଇନ ଅଧିକାରୀମାନେ କହିଛନ୍ତି, ନୂତନ ପ୍ରସ୍ତାବରେ ୬୦ଦିନର ଅସ୍ତ୍ରବିରତି ରହିବ । ଏହି ସମୟ ମଧ୍ୟରେ ଅତି କମରେ ୧୦ ଜଣ ଜୀବିତ ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରାଯିବ ଏବଂ କିଛି ମୃତଦେହ ଫେରାଇ ଦିଆଯିବ । ପାଲେଷ୍ଟାଇନ କହିଛି, ମଧ୍ୟସ୍ଥିମାନେ ଏକ ଚୁକ୍ତିନାମା ଘୋଷଣା କରିବେ ବୋଲି ଆଶା କରାଯାଉଛି । ଏହା ପରେ, ଆଲୋଚନା ଆରମ୍ଭ କରିବାର ତାରିଖ ଧାର୍ଯ୍ୟ କରାଯିବ ।

ଏହି ପ୍ରସ୍ତାବ ଏପରି ଏକ ସମୟରେ ଆସିଛି ଯେତେବେଳେ ଇସ୍ରାଏଲୀମାନେ ଯୁଦ୍ଧ ବନ୍ଦ କରିବା ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି । ଗାଜାରେ ବନ୍ଧକଙ୍କ ମୁକ୍ତି ପାଇଁ ଏକ ଚୁକ୍ତି ଦାବି କରୁଥିବା ଇସ୍ରାଏଲୀ ପ୍ରତିବାଦକାରୀମାନେ ଜୋରଦାର ପ୍ରଦର୍ଶନ କରିଥିଲେ । ଏହା ୨୨ ମାସ ଧରି ଚାଲିଥିବା ଯୁଦ୍ଧର ସବୁଠାରୁ ବଡ଼ ଏବଂ ଭୟଙ୍କର ପ୍ରତିବାଦ ମଧ୍ୟରୁ ଗୋଟିଏ ଥିଲା । ବନ୍ଧକଙ୍କ ପରିବାରର ପ୍ରତିନିଧିତ୍ୱ କରୁଥିବା ଆୟୋଜକମାନେ ଦାବି କରିଛନ୍ତି ଯେ, ଲକ୍ଷ ଲକ୍ଷ ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ । ଗାଜାର କିଛି ଘନ ଜନବହୁଳ ଅଞ୍ଚଳରେ ନୂତନ ସାମରିକ ଆକ୍ରମଣ ଯୋଜନାକୁ ନେଇ ଇସ୍ରାଏଲ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନେକ ଇସ୍ରାଏଲୀ ଭୟ କରୁଛନ୍ତି, ଏହା ଦ୍ୱାରା ବାକି ବନ୍ଧକଙ୍କ ଜୀବନକୁ ବିପଦରେ ପଡ଼ିପାରେ । କୁହାଯାଉଛି ବାକି ବନ୍ଧକଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଅଛନ୍ତି । କିଛି ପୂର୍ବତନ ଇସ୍ରାଏଲୀ ସାମରିକ ଏବଂ ଗୁପ୍ତଚର ମୁଖ୍ୟ ମଧ୍ୟ ଯୁଦ୍ଧ ବନ୍ଦ କରିବା ପାଇଁ ଏକ ଚୁକ୍ତିନାମା ପାଇଁ ଦାବି କରୁଛନ୍ତି । ସୂଚନାଯୋଗ୍ୟ,ଅକ୍ଟୋବର ୨୦୨୩ ପରଠାରୁ ଗାଜାରେ ଇସ୍ରାଏଲ ଦ୍ୱାରା ହୋଇଥିବା ଆକ୍ରମଣରେ ୬୨ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ, ଇସ୍ରାଏଲ-ହମାସ ଯୁଦ୍ଧରେ ମୃତ୍ୟୁ ସଂଖ୍ୟା ୬୨,୦୦୪ରେ ପହଞ୍ଚିଛି । ଏପର୍ଯ୍ୟନ୍ତ ୧,୫୬,୨୩୦ ଜଣ ଆହତ ହୋଇଛନ୍ତି । ସହାୟତା ସଂସ୍ଥା କିମ୍ବା ନିକଟତର ସହାୟତା ବଣ୍ଟନ ସ୍ଥାନରୁ ସାହାଯ୍ୟ ପାଇବାକୁ ଚେଷ୍ଟା କରିବା ସମୟରେ ୧,୯୬୫ ଜଣଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

# ଏନ୍‌ଡିଏରୁ ସମର୍ଥନ ପ୍ରତ୍ୟାହାର କରିବେ ଚନ୍ଦ୍ରବାବୁ !

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନଡିଏ ଓ ଇଣ୍ଡି ମେଣ୍ଟ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି । ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ବହୁମତ ଥିବା କୁହାଯାଉଥିବା ବେଳେ ଏବେ ଏନ୍‌ଡିଏରେ ଅଂଶୀଦାର ଥିବା ଟିଡିପି ତାର ଗୋଟି ଚାଳନା ଆରମ୍ଭ କରିଦେଇଛି । ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏକୁ ସମର୍ଥନ ଦେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । କାରଣ ଇଣ୍ଡିମେଣ୍ଟ ଆନ୍ଧ୍ରପ୍ରଦେଶର ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି.ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ଆଗାମୀ ନିର୍ବାଚନରେ ଯଦି ଟିଡିପି ଇଣ୍ଡିମେଣ୍ଟର ପ୍ରାର୍ଥୀଙ୍କୁ ସମର୍ଥନ ନଦିଏ ତେବେ ଏହା ରାଜ୍ୟ ରାଜନୀତିରେ ଏକ ଖରାପ ବାର୍ତ୍ତା ଦେବ। ଇଣ୍ଡିମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଟିଡିପି ଉପରେ ଚାପ ପଡୁଛି ।



ଏନ୍‌ଡିଏର ବର୍ତ୍ତମାନ ୨୯୩ ଜଣ ଲୋକସଭା ସଦସ୍ୟ ଅଛନ୍ତି । ଯଦି ନାଇଡୁ ପକ୍ଷ ପରିବର୍ତ୍ତନ କରନ୍ତି ତେବେ ଏହି ସଂଖ୍ୟା ୨୭୭କୁ ହ୍ରାସ ପାଇବ । ବହୁମତରେ ରହିବା ପାଇଁ ୨୭୨ ଜଣ ସଦସ୍ୟଙ୍କ ଆବଶ୍ୟକତା ରହିଛି । ଏପରି ସ୍ଥିତିରେ ଟିଡିପିରେ ଯଦି ବିଭାଜନ ଘଟେ ତେବେ ଏହା ଏନ୍‌ଡିଏ ସରକାରଙ୍କ ପ୍ରତି ବିପଦ ବଢିବାର ଆଶଙ୍କା ରହିଛି ।

# କପା ଆମଦାନୀ ଉପରେ ସୀମା ଶୁଳ୍କ ଛାଡ଼

ନୂଆଦିଲ୍ଲୀ : ଘରୋଇ କପା ମୂଲ୍ୟ ସ୍ଥିର କରିବା ଏବଂ ବୟନ ଶିଳ୍ପକୁ ସମର୍ଥନ କରିବା ଲକ୍ଷ୍ୟରେ,କେନ୍ଦ୍ର ରକାର ୧୯ ଅଗଷ୍ଟ ଠାରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ କଞ୍ଚା କପା ଆମଦାନୀ ଉପରେ ସମସ୍ତ ସୀମା ଶୁଳ୍କ ଛାଡ଼ କରିଛନ୍ତି । ଏଥିରେ ୫% ମୌଳିକ ସୀମା ଶୁଳ୍କ , ୫% କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ ଏବଂ ଉଭୟ ଉପରେ ୧୦% ସାମାଜିକ କଲ୍ୟାଣ ସରଚାର୍ଜ, କ୍ରମାଗତ ଭାବରେ କପା ଉପରେ ୧୧% ଆମଦାନୀ ଶୁଳ୍କ ରେ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଏବଂ ନିର୍ମାତା ଏବଂ ଗ୍ରାହକମାନଙ୍କୁ ଆବଶ୍ୟକୀୟ ଆଶ୍ୱସ୍ତି ପ୍ରଦାନ କରିବା ଆଶା କରାଯାଉଛି ।ଏହି ଛାଡ଼ ବୟନ ଶିଳ୍ପର ନିରନ୍ତର ଦାବିର ପ୍ରତିଫଳନ, ଯାହା ଘରୋଇ ମୂଲ୍ୟ ବୃଦ୍ଧି ଏବଂ ଯୋଗାଣ ପ୍ରତିବନ୍ଧକ ହେତୁ କପା ଉପରେ ଆମଦାନୀ ଶୁଳ୍କ ସମାପ୍ତ କରିବାକୁ ସରକାରଙ୍କୁ ଅନୁରୋଧ କରିଆସୁଛି । ଏହି ପଦକ୍ଷେପ ଘରୋଇ କପା ମୂଲ୍ୟ ଉପରେ ଏକ ମଙ୍ଗଳଜନକ ପ୍ରଭାବ ପକାଇବ ଏବଂ ବୟନ ଏବଂ ପୋଷାକ କ୍ଷେତ୍ରର ସାମଗ୍ରିକ ସ୍ୱାସ୍ଥ୍ୟକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି, ଯାହା ଭାରତରେ ନିଯୁକ୍ତି ଏବଂ ରପ୍ତାନିରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀଛ ବିଭିନ୍ନ ବୟନ ସଂଗଠନ ୧୯ ଅଗଷ୍ଟ ୨୦୨୫ ଠାରୁ ସମସ୍ତ ପ୍ରକାରର କପାକୁ ୧୧% ଆମଦାନୀ ଶୁଳ୍କରୁ ମୁକ୍ତ କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ବୟନ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଶିଳ୍ପର ଦୀର୍ଘକାଳୀନ ଦାବି ବିଚାର କରିବା ପାଇଁ ଧନ୍ୟବାଦ ଜଣାଇଛନ୍ତି ।



# ମୁମ୍ବାଇରେ ବର୍ଷାର ମହାତାଣ୍ଡବ

## ଗଲାଣି ୮ ଜୀବନ

ମୁମ୍ବାଇ : ପ୍ରବଳ ବର୍ଷା ପରେ ମୁମ୍ବାଇ ସହରର ସ୍ଥିତି ପୂରା ସଙ୍ଗୀନ ହୋଇଛି । ଗତକାଲି ରାତିରୁ ବର୍ଷା ଢାଳୁଛି ପୂରା ସହର ଜଳବନ୍ଦୀ ହୋଇଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆଜି ପାଇଁ ମୁମ୍ବାଇର ସବୁ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରକାରୀ ଅଫିସକୁ ଛୁଟି ଘୋଷଣା କରାଯାଇଛି । ଅଯଥା ବାହାରକୁ ନବାହାରିବାକୁ ପରାମର୍ଶ ଦିଆଯାଇଛି । ଘରେ ରହିବାକୁ ସମସ୍ତଙ୍କୁ ସତର୍କ କରାଯାଇଛି । ବର୍ଷାର ମାତ୍ରା ଧିରେଧିରେ ବଢୁଥିବା ବେଳେ ଆଗାମୀ ୨୧ ତାରିଖ ଯାଏଁ ଏମିତି ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେପଟେ ବର୍ଷା ବିପ୍ତିର ଦୃଶ୍ୟ ସାମ୍ନାକୁ ଆସିବାରେ ଲାଗିଛି । ମୁମ୍ବାଇ କୁର୍ଲା ରେଳ ଷ୍ଟେସନ ନିକଟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଲୋକେ ପାଣିରେ ହନ୍ତସନ୍ତ ହୋଇ ଯାଉଛନ୍ତି । ବସ୍, ଅଟୋ ଅଧା ବୁଡି ଯାଇଛି ।



# ଅଧାରେ ଅଟକି ଗଲା ମନୋରେଲ

ମୁମ୍ବାଇ : ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ଲାଗି ରହିଥିବା ବର୍ଷା ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ଏଥିଯୋଗୁ ଲୋକଙ୍କୁ ସେବା ଯୋଗାଉଥିବା ଗୋଟିଏ ମନୋରେଲ ଅଧା ବାଟରେ ଫସି ଯାଇଛି । ଟ୍ରାକରେ ମନୋରେଲ ଅଟକି ଯିବାରୁ ୧୦୦ରୁ ଅଧିକ ଯାତ୍ରୀ ଘଣ୍ଟାଏ ହେଲାଣି ଏହା ଭିତରେ ଫସି ରହିଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଚାଲିଛି ।ମନୋରେଲ ରେକ ଛୋଟ ଧରଣର ବିଦ୍ୟୁତ ବିଭ୍ରାଟ ଯୋଗୁ ଅଧାରେ ଅଟକି ଯାଇଥିବା ମୁମ୍ବାଇ ମେଟ୍ରୋପଲିଟାଣ୍ଟ ରିଜନ ଡେଭଲପମେଣ୍ଟ ପ୍ରାଧିକରଣ ପକ୍ଷରୁ କୁହାଯାଇଛି । ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଆମର ଅପରେସନ ଓ ରକ୍ଷାଣବେକ୍ଷଣ ଟିମ ଘଟଣାସ୍ଥଳରେ ରହିଛନ୍ତି । ସେମାନେ ସମସ୍ୟାକୁ ସମାଧାନ କରିବାକୁ ଲାଗି ପଡ଼ିଛନ୍ତି । ଅଗ୍ନିଶମ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମନୋରେଲରେ ଫସିଥିବା ଲୋକମାନେ ଜୀବନ ବିକଳରେ ଝରକା ଭାଙ୍ଗି ବାହାରକୁ ଆସିବାକୁ ଉଦ୍ୟମ କରୁଥିବାର ଏକାଧିକ ଭିଡିଓ ସାମ୍ନାକୁ ଆସିଛ । ଟ୍ରେନଟି ଚେମ୍ବୁର ଓ ଭକ୍ତି ପାର୍କ ମଧ୍ୟରେ ଚାଲୁଥିବା ବେଳେ ସନ୍ଧ୍ୟା ପ୍ରାୟ ୬.୧୫ରେ ଅଟକି ଯାଇଥିଲା ।ଶତାଧିକ ଲୋକ ଉଦ୍ଧାର ପାଇଁ ଚିତ୍କାର କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ବ୍ୟସ୍ତ ନ ହେବାକୁ କହିଛନ୍ତି । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବ ବୋଲି ସେ ଆଶ୍ୱସନା ଦେଇଛନ୍ତି । ଏଥିସହ କ'ଣ ପାଇଁ ଏପରି ଘଟଣା ଘଟିଥିଲା, ତା'ର ତଦନ୍ତ ହେବ ବୋଲି କହିଛନ୍ତି ।

ବିଗତ ଦୁଇ ଦିନ ହେଲା ମୁମ୍ବାଇରେ ଲଗାଣ ବର୍ଷା ଲାଗି ରହିଛି ।ଏଥିଯୋଗୁ ସାଧାରଣ ଜନଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛ । ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଯୋଗୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



# ସିପି ରାଧାକୃଷ୍ଣନଙ୍କ ସ୍ଥାନ କିଏ ନେବେ

ନୂଆଦିଲ୍ଲୀ: ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ରବିବାର ସନ୍ଧ୍ୟାରେ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଛି ।

ତେବେ ରାଧାକୃଷ୍ଣନଙ୍କ ସ୍ଥାନରେ ରାଜ୍ୟପାଳ ଦାୟିତ୍ୱକାହାକୁ ଦିଆଯିବ ସେନେଇ ଏବେ ଅଙ୍କକଷା ଆରମ୍ଭ ହୋଇଛି ।

ସିପି ରାଧାକୃଷ୍ଣନ୍ ବର୍ତ୍ତମାନ ମହାରାଷ୍ଟ୍ରର ରାଜ୍ୟପାଳ ଅଛନ୍ତି । ୨୧ ଅଗଷ୍ଟରେ ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କରିବା ପୂର୍ବରୁ ତାଙ୍କୁ ରାଜ୍ୟପାଳ ପଦରୁ ଇସ୍ତଫା ଦେବାକୁ ପଡିବ । ଏହା ଦ୍ୱାରା ମହାରାଷ୍ଟ୍ରର ରାଜ୍ୟପାଳ ପଦ ଖାଲି ରହିବ । ଏପରି ପରିସ୍ଥିତିରେ, ବିଜେପି ଏବଂ ଏନଡିଏ ମେଣ୍ଟକୁ ଏବେ ରାଜ୍ୟପାଳ ପଦ ପାଇଁ ଏକ ନୂତନ ଚେହେରାଙ୍କୁ ଖୋଜିବାକୁ ପଡିବ ।

ଯଦିଓ ସାରା ଦେଶରେ ଆରଏସଏସର ଭଲ ପ୍ରଭାବ ଅଛିଛ କିନ୍ତୁ ମହାରାଷ୍ଟ୍ର ଆରଏସଏସ ପାଇଁ ସ୍ୱତନ୍ତ୍ର । କାରଣ ଏହାର ମୁଖ୍ୟାଳୟ ନାଗପୁରରେ ରହିଛିଛ ଏପରି ପରିସ୍ଥିତିରେ, ବିଜେପି ମହାରାଷ୍ଟ୍ରର ରାଜ୍ୟପାଳ ପଦ ପାଇଁ ଏପରି ଜଣେ ଚେହେରା ଖୋଜିବ ଯାହାଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ଥିବ ଏବଂ ଆରଏସଏସରେ ତାଙ୍କର ଭଲ ପ୍ରଭାବ ରହିଥିବ ।ଯାହା ଦ୍ୱାରା ରାଜ୍ୟ ସରକାରଙ୍କ ସହିତ ବିଜେପି ଏବଂ ଆରଏସଏସ ମଧ୍ୟରେ ସମନ୍ୱୟ ରହିବ ।

ବିଜେପିର ଧ୍ୟାନ ନିର୍ବାଚନ, ରାଜନୈତିକ ଏବଂ ଜାତି ସମୀକରଣ ଉପରେ ରହିବ । ଚଳିତ ବର୍ଷ ମହାରାଷ୍ଟ୍ରରେ ପୌର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ।ନିକଟ ଭବିଷ୍ୟତରେ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏପରି ପରିସ୍ଥିତିରେ, କୌଣସି ନାମ ଆଣିବା ପୂର୍ବରୁ, ଜାତି ଏବଂ ରାଜନୈତିକ ସମୀକରଣକୁ ସନ୍ତୁଳିତ କରିବାକୁ ପ୍ରୟାସ କରାଯିବ । ଏହା କେବଳ ମହାରାଷ୍ଟ୍ରର ପୌର ନିର୍ବାଚନରେ ନୁହେଁ ବରଂ ଅନ୍ୟ ରାଜ୍ୟର ବିଧାନସଭା ନିର୍ବାଚନରେ ମଧ ଦଳକୁ ଲାଭ ଦେବ ।

# ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ରାଜସ୍ଥାନର ମନିକା ବିଶ୍ୱକର୍ମା

ନୂଆଦିଲ୍ଲୀ: ରାଜସ୍ଥାନର ମନିକା ବିଶ୍ୱକର୍ମା ମିସ୍‌ୟୁନିଭର୍ସ ଇଣ୍ଡିଆ ମୁକୁଟ ପିନ୍ଧିଛନ୍ତି । ଏହି ଟାଇଟଲ ପାଇଁ ସାରା ଦେଶରୁ ୪୮ ଜଣ ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଥିଲେ । ସେମାନଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ପରେ, ରାଜସ୍ଥାନର ମନିକା ବିଶ୍ୱକର୍ମା ବିଜୟୀ ହୋଇ ଭାରତ ପାଇଁ ଗର୍ବ ଆଣିଛନ୍ତି । ଏହା ସହ ଉତ୍ତରପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନର୍ସ ଅପ୍, ହରିୟାଣାର ମେହକିଙ୍ଗରା ଦ୍ୱିତୀୟ ରନର୍ସ ଅପ୍ ଏବଂ ଅମିଶୀ କୌଶିକ ତୃତୀୟ ରନର୍ସ ଅପ୍ ହୋଇଥିବା ଜଣାଯାଇଛି ।

ରାଜସ୍ଥାନର ଜୟପୁରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ମନିକା ବିଶ୍ୱକର୍ମାଙ୍କୁ ମିସ୍‌ୟୁନିଭର୍ସ ଇଣ୍ଡିଆ ୨୦୨୫ ମୁକୁଟ ପିନ୍ଧାଇଥିଲେ ମିସ୍‌ୟୁନିଭର୍ସ ଇଣ୍ଡିଆ ୨୦୨୪ର ବିଜୟିନୀ ରିଆ ସିଂହା । ସେ ତାଙ୍କୁ ମିଳିଥିବା ମୁକୁଟ ମନିକାଙ୍କୁ ପିନ୍ଧାଇଥିଲେ । ଜୁରି ସଦସ୍ୟମାନଙ୍କ ମଧ୍ୟରେ ମିସ୍‌ୟୁନିଭର୍ସ ଇଣ୍ଡିଆର ମାଲିକ ନିଖିଲ ଆନନ୍ଦ, ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରାଉତେଲା, ପ୍ରସିଦ୍ଧ ବଲିଉଡ୍ ଷ୍ଟାଇଲିଷ୍ଟ ଅସଲେ ରୋବେଲୋ, ବଲିଉଡ୍ର ପ୍ରସିଦ୍ଧ ଲେଖକ-ନିର୍ଦ୍ଦେଶକ ଫରହାଦ ସାମଜୀଙ୍କ ଭଳି ଲୋକପ୍ରିୟ ନାମ ସାମିଲ ଥିଲେ । ମନିକା ରାଜସ୍ଥାନର ଶ୍ରୀଗଙ୍ଗାନଗରର ବାସିନ୍ଦା ଏବଂ ବର୍ତ୍ତମାନ ସେ ଦିଲ୍ଲୀରେ ରହୁଛନ୍ତି । ୨୩ ବର୍ଷୀୟା ମନିକା ୨୦୨୪ ମସିହାରେ ମିସ୍‌ୟୁନିଭର୍ସ ରାଜସ୍ଥାନ ଟାଇଟଲ ଜିତି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଡେବ୍ୟୁ କରିଥିଲେ । ଏହା ବ୍ୟତୀତ ମନିକା ବୈଦେଶିକ ମନ୍ତ୍ରାଳୟ ଅଧୀନରେ ଥିବା ବିମ୍ସଟେକ୍ ସେବୋକନରେ ଭାରତର ପ୍ରତିନିଧିତ୍ୱ କରିଛନ୍ତିଛ ତାଙ୍କୁ ଲଳିତ କଳା ଏକାଡେମୀ ଏବଂ ଜେଜେ ସ୍କୁଲ ଅଫ୍ ଆର୍ଟସ୍ ଭଳି ପ୍ରତିଷ୍ଠିତ ପ୍ରତିଷ୍ଠାନ ଦ୍ୱାରା ମଧ୍ୟ ସମ୍ମାନିତ କରାଯାଇଛି । ଏହା ସହ ସେ ଜଣେ ତାଲିମପ୍ରାପ୍ତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ । ମନିକା ଏବେ ମିସ୍‌ୟୁନିଭର୍ସ ୨୦୨୫ ପ୍ରତିଯୋଗିତାରେ ଆନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବେ, ଯାହା ନଭେମ୍ବର ୨୧, ୨୦୨୫ରେ ଥାଇଲ୍ୟାଣ୍ଡର ପାକ୍ କ୍ରେଟ୍ଟିଂ'ତ ଇମ୍ପ୍ୟାକଫ ଚ୍ୟାଲେଞ୍ଜର ହଲରେ ଅନୁଷ୍ଠିତ ହେବ ।




# ୪ ହଜାର କବର ଖନନ : ଖୋଲିବ ଆଇଏସଆଇଏସର ଅସଲ ଚେହେରା

ବାଗଦାଦ:ଆତଙ୍କବାଦୀ ସଂଗଠନ ଆଇଏସଆଇଏସ (ଇସଲାମିକ୍ ଷ୍ଟେଟ୍ ଅଫ୍ ଇରାକ୍ ଆଣ୍ଡ ସିରିଆ) ୨୦୧୪ ମସିହାରେ ଇରାକର କିଛି ଅଞ୍ଚଳକୁ ନିୟନ୍ତ୍ରଣ କରିଥିଲା । ଏହା ପରେ ତିନି ବର୍ଷ ଧରି ହତ୍ୟା, ଦୁଷ୍କର୍ମ, ମହିଳା ବିରୋଧୀ ଅପରାଧ ଏବଂ ଶିଶୁ ବିରୋଧୀ ଯୌନ ହିଂସା ଏବଂ ହତ୍ୟା ସମେତ ଗଣ ନରସଂହାରର କରାଯାଇଥିଲା । ଯାହାର ଏବେ ତଦନ୍ତ କରାଯାଉଛି । ଯେଉଁଥିରେ ପ୍ରାୟ ୪ ରୁ ୫ ହଜାର ଲୋକଙ୍କ ଗଣ କବର ମିଳିବାର ଆଶଙ୍କା କରାଯାଉଛି । ୩୬୦ ଫୁଟ ଲମ୍ବା ଏବଂ ୫୦୦ ଫୁଟ ଗଭୀର ଗଣ କବର ସ୍ଥଳରେ ଖନନ ଚାଲିଛି । ଇରାକୀ ସମାଚାର ଏଜେନ୍ସି ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷ, ନ୍ୟାୟିକ ଏବଂ ଫରେନସିକ୍ ତଦନ୍ତକାରୀ, ଇରାକୀ ସହିଦ୍ ଫାଉଣ୍ଡେସନ୍ ଏବଂ ଗଣ କବର ନିର୍ଦ୍ଦେଶାଳୟ ସହିତ ମିଶି ମୋସୁଲର ଦକ୍ଷିଣରେ ଥିବା ଅଲ-ଖାସଫାରେ ଖନନ କରୁଛନ୍ତି । ଏହି ସ୍ଥାନଟି ପ୍ରାୟ ୧୫୦ ମିଟର (ପ୍ରାୟ ୫୦୦ ଫୁଟ) ଗଭୀର ଏବଂ ୧୧୦ ମିଟର (୩୬୦ ଫୁଟ) ଚଉଡ଼ା ।

ଏହାକୁ ଆଇଏସଆଇଏସ ଦ୍ୱାରା କରାଯାଇଥିବା ସବୁଠାରୁ ବଧ ଧରଣର ନରସଂହାର ବୋଲି କୁହାଯାଉଛିଛ ମାନବ କଙ୍କାଳ ସଂଗ୍ରହ କରାଯିବା ସହିଦ ଫାଉଣ୍ଡେସନର ଗଣ କବର ଖନନ ବିଭାଗର ମୁଖ୍ୟ ଅହମଦ କୁସାୟ ଅଲ-ଆସାଦଦୀ ଆସୋସିଏଟେଡ୍ ପ୍ରେସକୁ କହିଛନ୍ତି ଯେ,, ତାଙ୍କ ଦଳ ନାଇନଭେ ପ୍ରଦେଶରେ ଅଗଷ୍ଟ ୯ ତାରିଖରେ କାମ ଆରମ୍ଭ କରିଥିଲେ । ଅଧିକାରୀମାନେ କହିଛନ୍ତି ଯେ, ପୂର୍ଣ୍ଣ ଖନନ ପାଇଁ ଅନ୍ତର୍ଜାତୀୟ ସମର୍ଥନ ଆବଶ୍ୟକ ।ମୃତକଙ୍କର ଡିଏନଏ ନମୁନା ନିଆଯିବ । ଏହା ପରେ ଫାଉଣ୍ଡେସନ୍ ଏକ ଡାଟାବେସ୍ ତିଆରି କରିବ ଏବଂ ସନ୍ଦିU ମୃତକଙ୍କ ପରିବାରରୁ ଡିଏନଏ ନମୁନା ସଂଗ୍ରହ ଆରମ୍ଭ କରିବ । ପରିବାରବର୍ଗଙ୍କ ଠାରୁ ଯାଞ୍ଚ ହୋଇଥିବା ବିବରଣୀ ଏବଂ ଅନ୍ୟାନ୍ୟ ଅଣ-ଅନୁଷ୍ଠାନିକ ସାକ୍ଷ୍ୟ ଉପରେ ଆଧାର କରି, ଅଧିକାରୀମାନେ ଆକଳନ କରିଛନ୍ତି ଯେ, ସେହି ସ୍ଥାନରେ ଅତି କମରେ ୪,୦୦୦ଅବଶେଷ ଥାଇପାରେ । ଅଲ-ଖାସଫାର ସିଙ୍କହୋଲକୁ ଆଧୁନିକ ଇରାକ ଇତିହାସର ସବୁଠାରୁ ବଡ଼ ଗଣ କବର ବୋଲି ବିଶ୍ୱାସ କରାଯାଏ । ଆଇଏସଆଇଏସ ଏହାକୁ କବଜା କରିଥିଲା ଅଲ୍-ଖାସଫା ଇରାକର ଦ୍ୱିତୀୟବୃହତ୍ତମ ସହର ମୋସୁଲ ନିକଟରେ ଅବସ୍ଥିତ । ଯାହା ଆଇଏସଆଇଏସ ୨୦୧୭ ଶେଷ ଭାଗରେ ଇରାକରେ ନିୟନ୍ତ୍ରଣ କରିଥିଲା ।



## ଏସିଆ କପ୍

# ସୂର୍ଯ୍ୟ କୁମାର ଅଧିନାୟକ, ଗିଲ୍ ଡେପୁଟି, ନାହାଁନ୍ତି ପନ୍ତ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି) : ଆସନ୍ତା ମାସରୁ ଆରମ୍ଭ ହେବାକୁ ଯାଉଥିବା ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା କରିଛି ବିସିସିଆଇ। ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହୋଇଥିବା ସୂର୍ଯ୍ୟ କୁମାର ଯାଦବ ଦଳର ମଙ୍ଗ ଧରିଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଚମତ୍କାର ପ୍ରଦର୍ଶନ କରିଥିବା ଅଧିନାୟକ ଶୁଭମନ୍ ଗିଲଙ୍କୁ ଏସିଆ କପ୍ ଦଳରେ ସ୍ଥାନ ମିଳିବା ସହ ଉପ ଅଧିନାୟକ ଅଭିଜ୍ଞ ଲୋକେଶ ରାହୁଲ ଓ ମହମ୍ମଦ ସିରାଜ ବାଦ୍ ପଡିଛନ୍ତି। ସେହିପରି ଯଶସ୍ୱୀ ଜୟସ୍ୱାଲ ଓ ଶ୍ରେୟାସ ଆୟରଙ୍କୁ ମଧ୍ୟ ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିବା ଏସିଆ କପ୍‌କୁ ବାଦ୍ ଦିଆଯାଇଛି।

ଦଳରେ ଦୁଇଜଣ ୱିକେଟ୍ ରକ୍ଷକଙ୍କୁ ନିଆଯାଇଛି। ସଞ୍ଜୁ ସାମସନଙ୍କ ସହ ଜିତେଶ ଶର୍ମା ସ୍ଥାନ ପାଇଛନ୍ତି। ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ତଥା



ଦାୟିତ୍ୱ ମିଳିଛି। ସୂର୍ଯ୍ୟଙ୍କ ନେତୃତ୍ୱାଧୀନ ଏସିଆ କପ୍ ଦଳରେ ଦ୍ରୁତ ବୋଲର ଯଶପ୍ରୀତ ବୁମରା ରହିଛନ୍ତି। ଆହତ ସମସ୍ୟା ଓ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଯୋଗୁଁ ୧୫ ଜଣିଆ ଦଳ ବୁମରା ବାଦ୍ ପଡିବେ ବୋଲି କୁହାଯାଉଥିଲା। ହେଲେ ସେ ନିଜେ ଏସିଆ କପ୍ ପାଇଁ ଉପଲବ୍ଧ ରହିବେ ବୋଲି ବିସିସିଆଇକୁ ଜଣାଇଥିଲେ। ତେଣୁ ତାଙ୍କୁ ସ୍ଥାନ ମିଳିଛି। ଅଧିନାୟକ ସୂର୍ଯ୍ୟକୁମାର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ମିଳିତ ଭାବେ ଦଳ ଘୋଷଣା କରିଥିବା ବେଳେ ଏହି ଦଳରୁ ବିସ୍ଫୋରକ ବ୍ୟାଟର ରିଷଭ ପନ୍ତ, ଅଭିଶେକ ଶର୍ମା, ଶିବମ୍ ଦୁବେ, ତିଲକ ବର୍ମା ଓ ରିଙ୍କୁ ସିଂ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ଦ୍ରୁତ ବୋଲିଂ ବିଭାଗର ନେତୃତ୍ୱ ବୁମରା ନେବେ। ତାଙ୍କ ସହ ଅର୍ଶଦୀପ ସିଂ ରହିବେ। ତୃତୀୟ ବୋଲର ଭାବେ ହର୍ଷିତ ରାଣାଙ୍କୁ ରଖାଯାଇଛି। ସ୍ପିନ୍ ବୋଲିଂ ବର୍ଗରେ ଅକ୍ଷର ପଟେଲଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ସ୍ଥାନ ପାଇଛନ୍ତି।

ସେପ୍ଟେମ୍ବର ୯ ରୁ ଏସିଆ କପ୍ ଆରମ୍ଭ ହେବ। ସେପ୍ଟେମ୍ବର ୧୪ରେ ଟୁର୍ଣ୍ଣାମେଣ୍ଟର ସବୁଠୁ ବଡ ମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ହେବ। ଆଇସିସି ଚାମ୍ପିଅନ ଟ୍ରଫି ପରେ ଉଭୟ ଦେଶ ପରସ୍ପର ବିପକ୍ଷରେ ପୁଣି ମ୍ୟାଚ୍ ଖେଳିବାକୁ ଯାଉଛନ୍ତି।

ଏସିଆ କପ୍ ସେପ୍ଟେମ୍ବରୁ ୯ ରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତୀୟ ଦଳ ସେପ୍ଟେମ୍ବର ୧୦ରେ ପ୍ରଥମ ମ୍ୟାଚ ୟୁଏଇ ବିପକ୍ଷରେ ଖେଳିବ। ସେହିପରି ୧୪ ତାରିଖରେ ଭାରତ -ପାକିସ୍ତାନ ଲଢେଇ ହେବ। ଭାରତ ତାର ଶେଷ ଗ୍ରୁପ୍ ମ୍ୟାଚ ୧୯ ତାରିଖ ଓମାନ୍ ବିପକ୍ଷରେ ଖେଳିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଗ୍ରୁପ ଏ ରେ ରହିଛନ୍ତି।

ଗ୍ରୁପ୍ ବି ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଙ୍ଗକଙ୍ଗ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ସବୁ ଦଳ ୩ ଟି ଲେଖାଏଁ ମ୍ୟାଚ ଖେଳିବେ। ଉଭୟ ଗ୍ରୁପରୁ ଶ୍ରେଷ୍ଠ ଦୁଇଟି ଲେଖାଏଁ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବେ। ସେଠାରେ ରାଉଣ୍ଡ ରବିନ୍ ଫର୍ମାଟରେ ସବୁ ଦଳ ପରସ୍ପର ସହ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହାପରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଟ୍ରଫି ଲଢେଇ ହେବ। ଏଥର ଭାରତ ଏସିଆ କପ୍ ଆୟୋଜନ କରିବ। କିନ୍ତୁ ଭାରତ ବଦଳରେ ଏସିଆ କପ୍ ନିରପେକ୍ଷ ଭେନ୍ୟୁ ୟୁଏଇରେ ଖେଳାଯିବ। ଏହି ପ୍ରତିଯୋଗିତାରେ ସମସ୍ତ ମ୍ୟାଚ ଦୁବାଇ ଓ ଆବୁଧାବିରେ ଖେଳାଯିବ। ଭାରତ ଯଦିଓ ଏସିଆ କପ୍‌ର ଆୟୋଜକ କିନ୍ତୁ ପାକିସ୍ତାନ ପାଇଁ ଏହି ପ୍ରତିଯୋଗିତା ୟୁଏଇରେ ଆୟୋଜନ କରାଯାଇଛି।

**ଭାରତୀୟ ଦଳ :-** ସୂର୍ଯ୍ୟ କୁମାର ଯାଦବ ଅଧିନାୟକ, ଶୁଭମନ୍ ଗିଲ ଉପଅଧିନାୟକ, ଅଭିଶେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ୍ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ସଞ୍ଜୁ ସାମସନ୍, ହର୍ଷିତ ରାଣା ଓ ରିଙ୍କୁ ସିଂ।

**ଷ୍ଟାଣ୍ଡ ବାୟ :-** ପ୍ରସିଦ୍ଧ କ୍ରୀଷ୍ଣା, ୱାଶିଂଟନ୍ ସୁନ୍ଦର, ରିୟାନ୍ ପରାଗ, ଧ୍ରୁବ ଜୁରେଲ ଓ ଯଶସ୍ୱୀ ଜୟସ୍ୱାଲ।




## ଶ୍ରେୟାସଙ୍କ ସହ ଅନ୍ୟାୟ କାହିଁକି ?

ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। କିନ୍ତୁ ସବୁଠୁ ବଡ ଆଶ୍ଚର୍ଯ୍ୟ ଓ ବିବାଦୀୟ କଥା ହେଉଛି ଶ୍ରେୟାସ ଆୟରଙ୍କୁ ସ୍ଥାନ ନମିଳିବା। ଯାହାକୁ ନେଇ କ୍ରିକେଟ୍ ପ୍ରେମିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଅନେକ ମ୍ୟାଚ୍ ଓ ଶୃଙ୍ଖଳାରେ ଆୟରଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ଏହା ସତ୍ତ୍ୱେ ତାଙ୍କୁ ଟିମ୍‌ରେ ସ୍ଥାନ ମିଳିପାରିନାହିଁ। ଏହି ନିଷ୍ପତ୍ତିକୁ ନେଇ ବିସିସିଆଇ ଚୟନ କମିଟି ଉପରେ ପ୍ରଶ୍ନ ଉଠିଛି। ଗତ ଆଇପିଏଲ୍ ସିଜନରେ ଆୟରଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ସେ ୫୦.୩୩ ହାରରେ ୬୦୪ ରନ୍ କରିଥିଲେ। ଏହା ଛଡା ଦୁବାଇରେ ହୋଇଥିଲା ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସବୁଠୁ ଅଧିକ ରନ୍ କରିଥିବା ବ୍ୟାଟର ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୨୪୩ ରନ୍ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ ଏସିଆ କପ୍ ପାଇଁ ଅଣଦେଖା କରାଯାଇଛି। ଆହୁରି ବଡ କଥା ହେଉଛି ଏସିଆ କପ୍ ଦୁବାଇରେ ହିଁ ଖେଳାଯିବ। ଯେଉଁଠାରେ ଆୟରଙ୍କ ବ୍ୟାଟରୁ ଖୁବ୍ ରନ୍ ବାହାରିଥିଲା। ଆୟର କେବଳ ଆଇପିଏଲ୍ କିମ୍ବା ଚାମ୍ପିଅନ୍ସ ଟ୍ରଫି ନୁହେଁ ବରଂ ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ରଣଜୀ ଟ୍ରଫିରେ ୪୮୦ ରନ୍, ସୟଦ ମୁସ୍ତାକ ଅଲ୍ଲି ଟ୍ରଫିରେ ୩୪୫ ରନ୍ ଓ ବିଜୟ ହଜାରେ ଟ୍ରଫିରେ ୩୨୫ ରନ୍ କରିଥିଲେ। ଟି -୨୦ ଫର୍ମାଟରେ ଆୟର ୧୩୦୦ ରନ୍ କରିଛନ୍ତି।



ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଆୟରଙ୍କ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାର ଜବାବ୍ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ଥିଲା। ଅଗରକର କହିଥିଲେ ଶ୍ରେୟାସ ଆୟର କାହା ସ୍ଥାନ ନେବେ। ଏହା ନା ତାଙ୍କର ଭୁଲ ନା ଆମର ? ଏହି ବୟାନ କ୍ରିକେଟ୍ ପ୍ରେମୀଙ୍କୁ ନିରାଶ କରିଛି। ଅଗରକରଙ୍କ ବୟାନ ସ୍ପଷ୍ଟ କରୁଛି ଟମରେ ସ୍ଥାନର ଅଭାବ ଥିଲା। କିନ୍ତୁ ଜଣେ ଭଲ ଖେଳାଳି ଯିଏ ଅଧିନାୟକ ଭାବେ ଚମତ୍କାର ପ୍ରଦର୍ଶନ କରିସାରିଛନ୍ତି ତାଙ୍କୁ ବାହାରେ ରଖିବା ଉଚିତ୍ ହେବ ନାହିଁ। ଚୟନରେ ସବୁଠୁ ବଡ ମାନ ଦଣ୍ଡ କମ୍ ଫର୍ମ ନୁହେଁ କି ? ଟମ୍‌ରେ ସାମିଲ ଅନେକ ଖେଳାଳି ଭଲ ଫର୍ମରେ ନାହାଁନ୍ତି। ତଥାପି ସେମାନଙ୍କୁ କାହିଁକି ସ୍ଥାନ ଦିଆଯାଇଛି। ଏ ସମ୍ପର୍କରେ ଚୟନକର୍ତ୍ତାଙ୍କ ଚଞ୍ଚକତା ତଥା ଖେଳାଳିଙ୍କ ପ୍ରତି ପାତର ଅନ୍ତର ସ୍ପଷ୍ଟ ବାରି ହେଉଛି।

# ପାରାଅଲିମ୍ପିକ୍ ବିଜେତା ଶୀତଲ ଦେବୀଙ୍କ ସହ ଡେଲଏଟ୍ ଇଣ୍ଡିଆର ସହଭାଗିତା

ଭୁବନେଶ୍ୱର : ଡେଲଏଟ୍ ଇଣ୍ଡିଅ ପକ୍ଷରୁ ବିଶ୍ୱର ପ୍ରଥମ ଦିବ୍ୟାଙ୍ଗ ମହିଳା ପାରା ଆର୍ଚର ଏବଂ ପାରାଅଲିମ୍ପିକ୍ ପଦକ ବିଜେତା ୧୮ ବର୍ଷୀୟା ଶୀତଲ ଦେବୀଙ୍କ ସହ ଏହାର ସହଭାଗୀତା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସହିତ କମ୍ପାନୀ ବିବିଧ ପ୍ରତିଭା ସହିତ ଜଡିତ ହେବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି। ଅନେକ ପ୍ରତିବନ୍ଧକ ସତ୍ତ୍ୱେ ମାତ୍ର ୧୫ ବର୍ଷ ବୟସରେ ଧନୁ ଉଠାଇ, ଶୀତଲ ୧୬ ବର୍ଷ ବୟସରେ ବିଶ୍ୱ ନମ୍ବର ୧ ହୋଇଥିଲେ, ଅର୍ଜୁନ ପୁରସ୍କାର ଏବଂ ୧୭ ବର୍ଷ ବୟସରେ ପାରାଅଲିମ୍ପିକ୍ କାଂସ୍ୟ ହାସଲ କରିଥିଲେ। ଶୀତଲ ସମସ୍ତ ପ୍ରତିବନ୍ଧକ ଦୂର କରି, ସୀମାକୁ ଅତିକ୍ରମ କରି ଏବଂ ସ୍ୱପ୍ନ ଦେଖିବା, ଅଧ୍ୟବସାୟ ସହିତ ଲକ୍ଷ୍ୟ ହାସଲ କରିବାର ସ୍ୱାଧୀନତାକୁ ଲାଭ କରି ଚାଲିଛନ୍ତି।

ଏସମ୍ପର୍କରେ ଡେଲଏଟ୍ ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋମାଲ ଶେଟ୍ଟୀ କହିଛନ୍ତି, "ଭାରତର ସବୁଠାରୁ ବଡ଼ ଶକ୍ତି ଏହାର ଲୋକଙ୍କଠାରେ, ବଡ଼ ସ୍ୱପ୍ନ ଦେଖିବା, ଚ୍ୟାଲେଞ୍ଜରୁ ଉପରକୁ ଉଠିବା ଏବଂ ସମ୍ଭାବନାକୁ ସଫଳତାରେ ପରିଣତ କରିବାର କ୍ଷମତାରେ ରହିଛି। ସୁଯୋଗ ସହିତ ସ୍ଥିରତା କିପରି ହାସଲ କରାଯାଇପାରିବ ଶୀତଲଙ୍କ ଯାତ୍ରା ତାହାର ଏକ ଉଜ୍ଜ୍ୱଳ ଉଦାହରଣ। ଡେଲଏଟ୍ ଇଣ୍ଡିଆରେ, ଆମର



ଦୃଷ୍ଟିକୋଣ ହେଉଛି କେବଳ ଭାରତର ପ୍ରଗତିକୁ ଦେଖିବା ନୁହେଁ, ବରଂ ସୁଯୋଗ ସୃଷ୍ଟି କରି, ପ୍ଲାଟଫର୍ମ ନିର୍ମାଣ କରି ଏବଂ ଭାରତର ପ୍ରତିଭା ବୃଦ୍ଧି ପାଇପାରିବା ଲାଗି ସଠିକ୍ ଇକୋସିଷ୍ଟମ ପ୍ରଦାନ କରି ଏହାକୁ ମହାନଗର ବାହାରେ ସକ୍ରିୟ ଭାବରେ ସକ୍ଷମ କରିବା'

ଏହି ଅବସରରେ ଶୀତଲ ଦେବୀ କହିଛନ୍ତି, " ମୋର ଯାତ୍ରା କେବଳ ମୋର ଦୃଢ଼ ସଂକଳ୍ପ ଦ୍ୱାରା ନୁହେଁ, ବରଂ ମୋର ସମ୍ଭାବନାରେ ବିଶ୍ୱାସ କରୁଥିବା ଲୋକ ଏବଂ ସଂଗଠନର ସମର୍ଥନ ଦ୍ୱାରା ମଧ୍ୟ ଆକାର ପାଇଛି। ଡେଲଏଟ୍ ଇଣ୍ଡିଆର ପ୍ରୋତ୍ସାହନ ଏହି ଦିଗରେ ଏକ ପଦକ୍ଷେପ। ମୁଁ ଆଶା କରୁଛି ଯେ ମୋର କାହାଣୀ ଅନ୍ୟମାନଙ୍କୁ ଆହ୍ୱାନକୁ ଗ୍ରହଣ କରିବା, ଏହାକୁ ଅନୁସରଣ ପାଇଁ ପ୍ରେରଣା ଦେବ। ଏହା ସହିତ ନିର"ର ପ୍ରଚେଷ୍ଟାକୁ କେବେ ବି ଅଣଦେଖା କରିବା ଉଚିତ୍ ନୁହେଁ।" ଶୀତଲଙ୍କ ପରି କାହାଣୀଗୁଡ଼ିକୁ ପ୍ରୋତ୍ସାହିତ ଏବଂ ପ୍ରସାର କରି, ଡେଲଏଟ୍ ଇଣ୍ଡିଆ ଦେଶର ସବୁଠାରୁ ମୂଲ୍ୟବାନ ସମ୍ବଳ, ଏହାର ଲୋକଙ୍କ ଉପରେ ନିବେଶ କରିଚାଲିଛି।

## ମହିଳା ବିଶ୍ୱ କପ୍

# ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି) : ମହିଳା ଦିନିକିଆ ବିଶ୍ୱ କପ୍ ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ବିଶ୍ୱ କପ୍ ସହ ଅଷ୍ଟ୍ରେଲିଆ ବିପକ୍ଷ ୩ ଟି ଦିନିକିଆ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ପାଇଁ ଦଳ ଘୋଷଣା ହୋଇଛି। ଦୀର୍ଘ ମାସ ପରେ ଭାରତୀୟ ଦଳକ ଦ୍ରୁତ ବୋଲର ରେଣୁକା ସିଂ ଫେରିଛନ୍ତି। ଆହାତ ସମସ୍ୟା ଯୋଗୁଁ ଗତ ମାର୍ଚ୍ଚ ମାସରୁ ସେ ଭାରତୀୟ ଦଳ ବାହାରେ ଥିଲେ। ଶେଷ ଥର ପାଇଁ ତାଙ୍କୁ ମହିଳା ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜରର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳୁଥିବା ଦେଖିବାକୁ ମିଳିଥିଲା। ଏବେ ସେ ଫିଟ୍ ହୋଇ ଜାତୀୟ ଦଳକୁ ଫେରିଛନ୍ତି। ଶାଫଳି ବର୍ମା ବିଶ୍ୱ କପ୍ ଦଳରେ ସ୍ଥାନ ମିଳିନାହିଁ। ଶେଷ ଥର ପାଇଁ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆରେ ନଜର ଆସିଥିଲେ। ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ବିଶ୍ୱ କପ୍‌ରେ ଇନିଂସ ଓପନ୍ କରିବେ। ଜସ୍ତିକା ଭାଟିଆଙ୍କୁ ମଧ୍ୟ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳାରେ ଅଲରାଉଣ୍ଡର ଅମନଜୋତ୍ କୌରଙ୍କୁ ବିଶ୍ରାମ ଦିଆଯାଇଛି। ସେ ବିଶ୍ୱ କପ୍ ଦଳରେ ରହିଛନ୍ତି। ସେପ୍ଟେମ୍ବର ୩୦ ରୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଦିନିକିଆ ବିଶ୍ୱ କପ୍ ଆୟୋଜନ କରିବେ। ଆଇସିସି ଦିନିକିଆ ବିଶ୍ୱ କପ୍ ୧୩ ତମ ସଂସ୍କରଣ ସେପ୍ଟେମ୍ବର ୩୦ ରୁ ନଭେମ୍ବର ୨ ତାରିଖ ଯାଏ ଆୟୋଜିତ ହେବ। ପାକିସ୍ତାନ ମହିଳା ଦଳ ବିଶ୍ୱ କପ୍ ଖେଳିବାକୁ ଭାରତ ଆସିବ ନାହିଁ। ତେଣୁ ପାକିସ୍ତାନ ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବ। ଭାରତୀୟ ମହିଳା ଦଳ ବିଶ୍ୱ କପ୍ ଅଭିଯାନ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରୁ ଆରମ୍ଭ କରିବ। ସେପ୍ଟେମ୍ବର ୩୦ରେ ଦଳ ତାର ପ୍ରଥମ ମ୍ୟାଚ ଖେଳିବ। ଅକ୍ଟୋବର ୫ରେ ଭାରତ ଓ ପାକିସ୍ତାନ ମ୍ୟାଚ କଲମ୍ବୋରେ ଖେଳାଯିବ। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୩ ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ ଗୁଡିକ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ଆୟୋଜିତ ହେବ। ପ୍ରଥମ ଦୁଇଟି ମ୍ୟାଚ୍ ମୁଲାନପୁରରେ ଏବଂ ଶେଷ ମ୍ୟାଚଟି ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ।

**ଭାରତୀୟ ମହିଳା ବିଶ୍ୱକପ୍ ଦଳ :-** ହରମନ୍‌ପ୍ରୀତ କୌର ଅଧିନାୟକ, ସ୍ମୃତି ମନ୍ଧାନା, ପ୍ରତିକା ରାୱଲ,ହାରଲିନ୍ ଦେୱଲ, ଦିପ୍ତୀ ଶର୍ମା, ଜେମିମା ରୋଡ୍ରୀଗୁଏଜ୍ , ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ରିଚା ଘୋଷ, କ୍ରାନ୍ତି ଗୌଡ, ଅମନ୍‌ଜୋତ୍ କୌର, ରାଧା ଯାଦବ, ଶ୍ରୀଚାରିଣୀ, ଯସ୍ତିକା ଭାଟିଆ ଓ ସ୍ନେହ ରାଣା।

**ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପାଇଁ ଦଳ :-** ହରମନ୍‌ପ୍ରୀତ କୌର ଅଧିନାୟକ, ସ୍ମୃତି ମନ୍ଧାନା, ପ୍ରତିକା ରାୱଲ,ହାରଲିନ୍ ଦେୱଲ, ଦିପ୍ତୀ ଶର୍ମା, ଜେମିମା ରୋଡ୍ରୀଗୁଏଜ୍ , ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ରିଚା ଘୋଷ, କ୍ରାନ୍ତି ଗୌଡ, ସାୟଲି ଶତଘରେ, ରାଧା ଯାଦବ, ଶ୍ରୀଚାରିଣୀ, ଯସ୍ତିକା ଭାଟିଆ ଓ ସ୍ନେହ ରାଣା।




# ଓପି ଜିନ୍ଦଲ ସ୍ମାରକୀ ଫୁଟବଲ୍ : ସ୍ପୋର୍ଟ୍ସ ହଷ୍ଟେଲ୍ କଟକ ଚାମ୍ପିଅନ

ଅନୁଗୁଳ, ୧୯।୮ (ସବ୍ୟୁ) : ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଓ.ପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ରେ ବରଗଡ଼ୟୁନାଇଟେଡକୁ ୬-୫ଗୋଲରେ ପରାସ୍ତ କରି ସ୍ପୋର୍ଟ୍ସ ହଷ୍ଟେଲ୍ କଟକ ଦଳ ଚାମ୍ପିଅନ ହୋଇଛି। ଅନୁଗୁଳର କଦମ ପଡ଼ିଆରେ ଓଡିଶାର ୧୨ ଟି ରାଜ୍ୟସ୍ତରୀୟ ଦଳ ମଧ୍ୟରେ ୧୨ ଦିନ ଧରି ଚାଲିଥିବା ଏହି ରୋମାଞ୍ଚକର ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ପେନାଲଟି ଶୁଟଆଉଟ ଜରିଆରେ ନିଷ୍ପତି ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ (ସ୍ୱ୍ଵାଧୀନ ଦାୟିତ୍ୱ) ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନୁଗୁଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ଅନୁଗୁଳ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ଦାମୋଦର ମିତ୍ତଲ, ଶ୍ରୀ ଦିଲୀପ କୁମାର ସିହ୍ନା, ସିଏଚ୍‌ଆରଓ ଶ୍ରୀ ପ୍ରସନ୍ନ କୁମାର ପଣ୍ଡା, ଇଭିପି ଏବଂ ଅନେକ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରେ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡାପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଅନେକ ସାମାଜିକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିନ୍ଦଲ ଷ୍ଟିଲ୍ ଏବଂ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେଛ ସେ ଉପସ୍ଥିତ ଲୋକମାନଙ୍କୁ ଏହା



ମଧ୍ୟ ଜଣାଇଥିଲେ ଯେ ବିଜେପି ସରକାର ରାଜ୍ୟର ପ୍ରତ୍ୟେକ ବ୍ଲକରେ କ୍ରୀଡାପ୍ରେମୀଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇବା ପାଇଁ ପ୍ରତିବଦ୍ଧ। ଏହି ଉଦ୍ଦେଶ୍ୟରେ, ସରକାର ସମସ୍ତ ବ୍ଲକରେ ଆଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ଯଥେଷ୍ଟ ପାଣ୍ଠି ମଞ୍ଜୁର କରିଛନ୍ତି। ଏହା ସହିତ, ଶ୍ରୀ ପ୍ରତାପ ପ୍ରଧାନ ଏବଂ ଶ୍ରୀ ଅଗସ୍ତି ବେହେରା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ ସମ୍ପ୍ରଦାୟ ବିକାଶ ପ୍ରତି ସେମାନଙ୍କର ଅବଦାନ ଏବଂ ଅଞ୍ଚଳରେ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ନିରନ୍ତର ପ୍ରୟାସ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡ଼ ୟୁନାଇଟେଡର ରାଜୁ ବେହେରାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିବାବେଳେ ସିଦ୍ଧାର୍ଥ ପ୍ରଧାନଙ୍କୁ ଶ୍ରେଷ୍ଠ ଗୋଲକିପର ଭାବରେ ସମ୍ମାନିତ କରାଯାଇଥିଲା। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ପୋର୍ଟସ୍ ହଷ୍ଟେଲ କଟକର ଅଭିନାଶ କିଶାନଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ମ୍ୟାଚ୍ ପୁରସ୍କାର ଦିଆଯାଇଥିଲାଛ ଫାଇନାଲରେ ରେଫରି ଭାବେ ଶିବ ସୁନ୍ଦର ପଣ୍ଡା, ଦିଲ୍ଲୀପ କୁମାର ରାଉତ ଏବଂ ଆଲୋକ ଦେହ୍‌ରି ସହାୟତା କରିଥିଲେ, ପୁପୁନ ବେହେରା ଚତୁର୍ଥ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଶ୍ରୀ ଦାମୋଦର ମିତ୍ତଲ ସମସ୍ତ ବିଶିଷ୍ଟ ବ୍ୟକ୍ତି, ଅଂଶଗ୍ରହଣକାରୀ ଏବଂ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ କେବଳ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଶିଳ୍ପପତି ନୁହଁନ୍ତି ବରଂ ଜଣେ ଉତ୍ସାହୀ କ୍ରୀଡାବି ଯିଏ ସର୍ବଦା ଯୁବ ବିକାଶ ଏବଂ କ୍ରୀଡାପ୍ରେମୀଙ୍କୁ ସମର୍ଥନ କରିଆସିଛନ୍ତି। ଜିଲ୍ଲା କ୍ରୀଡା ପ୍ରାଧିକରଣ, ଅନୁଗୁଳର ସକ୍ରିୟ ସହାୟତାରେ ଶ୍ରୀ ଜୟନ୍ତ କୁମାର ମହାନ୍ତି, ଜିଏମ୍-ସିଏସଆର ଏବଂ ତାଙ୍କ ଟିମ ଦ୍ୱାରା ଟୁର୍ଣ୍ଣାମେଣ୍ଟ ସଫଳତାର ସହିତ ଆୟୋଜନ କରାଯାଇଥିଲା।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି